

# ସୃଜନ

# SRUJAN

## The Creativity Journal

2021, Volume 1, Issue 1

2021, Volume 1, Issue 1

Editor-in-Chief
Dr Nilamadhab Kar

***Editorial board***
Mona Dash
Prof Sarat Chandra Rath
Mrs Nirupama Kar
Mr Bijay Biswaal
Mona Lisa Jena
Prof Nandini Sahu
Dr Suresh Rath
Dr Chinmayi Nath
Shri Harish Chandra Kar
Dr Aloke Patnaik
Prof Tanmay Panda
Shri Satya Pattanaik

**Regional Representatives**
Tapan Panda – Americas
Antaryami Upadhyaya – Europe
Pragyan Pati Acharya – Australia

**Publisher**
The Institute of Insight, UK

**Sponsor**
Quality of Life Research and Development Foundation (QoLReF)

**Contact**
srujan.journal@gmail.com

**Creative Support**
GenX studios, Bhubaneswar
Shreyan Kar, Birmingham

Copyright of all published material in this journal is held by the authors. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

# Contents


| | | |
|---|---|---|
| Chinmayi Nath | Odissi | 1 |
| Mona Lisa Jena | Lament of a Flower Woman | 2 |
| ମମତା ଦାଶ | ମାୟା ରଙ୍ଗ | 8 |
| | ସକାଳ, ଅନ୍ୟ ଏକ ସହରରେ | 9 |
| | ବଂଶୀ | 10 |
| | Flutes | 12 |
| ସପ୍ତଦ୍ୱୀପା ସଂଘମିତ୍ରା | ପଣତର ଆଢୁଆଳେ ଦ୍ୱିତୀୟ ପୃଥିବୀ | 14 |
| | ଲୁଚେଇଲା ମା ମୋତେ ମାଟି ବୁକୁ ତଳେ | 16 |
| Mumukshya Tapabrata Baitharu | Dhauli: The Stupa of Mercy | 18 |
| | Sacrifice for Konark | 19 |
| Siddhartha Shankar Ray | Jobra bridge | 20 |
| ନିରୁପମା କର | ଜହ୍ନ ବଗିଚା | 21 |
| | ଝିଅ ହସିଲେ | 23 |
| ଅଙ୍ଗୁରବାଳା ପରିଡ଼ା | ପ୍ରଜନ୍ମ | 25 |
| Gaurav Pati | Ceiling | 27 |
| ପ୍ରସନ୍ନ କୁମାର ସ୍ୱାଇଁ | ବିପ୍ଳବ | 28 |
| | କୋଟିଆ | 29 |
| ଚିନ୍ମୟ ରଞ୍ଜନ ମିଶ୍ର | ବର୍ଷାରେ ଜଳୁଥିବା ନଈ | 32 |
| ଶରତ ଚନ୍ଦ୍ର ରଥ | ଆଭୂମ ପ୍ରଣାମ | 33 |
| | ଅର୍ଦ୍ଧସତ୍ୟ | 34 |
| | ଭାଷା ନୀରବତାର | 36 |
| Prahallad Satapathy | Staircase of bones | 38 |
| ସୁବ୍ରତ କୁମାର ଦାସ | ଜହ୍ନ ପଡ଼ିଚି | 39 |
| ଅମ୍ବିକା ସ୍ୱାଇଁ | ବିବେକକୁ ପ୍ରଶ୍ନ | 42 |
| Mona Dash | The Boatboy | 45 |
| Dinabandhu Sahoo | Oneness | 50 |
| | ଜୀବନ ଭୋଗ | 51 |
| Subha Das | My pet chicken | 53 |
| Durga Prasad Panda | Hand | 54 |
| | A butterfly in Konark | 55 |


| | | |
|---|---|---|
| Bijay Biswaal | Kalinga Express | 56 |
| | Vadnagar Express | 57 |
| ତପତି ପାଣିଗ୍ରାହୀ | ଆଶା ଅସୁମାରୀ | 58 |
| ପୁନମ ମହାପାତ୍ର | ବାକି ରହିଗଲା ଅନେକ କଥା... | 59 |
| | ହଜିଯାଇଥିବା କିଛି ମୁହୂର୍ତ୍ତର ଚିଠା | 60 |
| | ବୈଦେହୀର ବିଳାପ | 61 |
| ସ୍ମୃତି ରଂଜନ ତ୍ରିପାଠୀ | ଶବ କହୁଚି | 63 |
| ବିନୋଦିନୀ ପାତ୍ର | କଳାହାଣ୍ଡି | 65 |
| ଦେବାଶିଷ ମହାପାତ୍ର | ଏଇ ମୋ' ଦେଶ ଭାରତ | 67 |
| ପ୍ରଜ୍ଞା ମହାନ୍ତି | ସଂପର୍କର ସ୍ୱର | 69 |
| ସୁରେନ୍ଦ୍ର ପାଣିଗ୍ରାହୀ | ତୁମେ,ବର୍ଷା ଓ କାଗଜ ଡଂଗା | 73 |
| ଜୟଶ୍ରୀ ପଟ୍ଟନାୟକ | ଶାସ୍ତି | 75 |
| ସୁରଞ୍ଜନ ପାତ୍ର | ଦେଶ | 80 |
| ସଂଜୟ ମହାନ୍ତି | ମଶାଣୀ | 83 |
| | ବାପା! ଆସ ଆସ | 83 |
| ହରିଶ୍ ଚନ୍ଦ୍ର କର | ଆସ ଭାବିବା ବସୁଧୈବ କୁଟୁମ୍ବକମ୍ | 85 |
| ରାଜ କିଶୋର ଦାସ | ସେଫ୍ଟିପିନ୍ | 87 |
| ଚନ୍ଦ୍ରମୋହନ ମହାପାତ୍ର | ପ୍ରଥମ ଲହର | 94 |
| Ashok Misra, Leena Appicatlaa | Parashurama Temple, Bhubaneswar, Odisha | 102 |
| Nilamadhab Kar | No destination to reach | 106 |
| | Information about Srujan | 107 |




Cover Photo: Sun and sea at Puri,
Saroj Kar, GenX Studios, Bhubaneswar

# Odissi

## Chinmayi Nath



∞∞

Chinmayi Nath has completed PhD in Geology in India and diploma in creative art & Design from Suffolk New College, UK. She has been displaying her paintings in various art exhibition places in Suffolk, Essex, and London. Her artworks depict her journey and experience on different art style from miniature traditional palm leaf etching of East to contemporary abstract art of West.

# Lament of a Flower Woman

## Retold by Mona Lisa Jena

"Come, O dear ones, come
I have got fresh flowers for you, come!
Here, just keep the exact amount of cowries to buy
as I have not yet sold flowers to anyone!"

The flower woman went from lane to lane hawking her flowers. She continued to sing in a melancholic tone. She stopped to speak to those who would listen to her woes.

She had lost her job at the palace because of two youngsters who had betrayed her trust and run away with the princess. If they had not, there would have been no reason for her to sell flowers.

Two young men had landed up at her hut one day. They sought shelter in her house saying they had lost their way, and paid an advance. Little did she know that she would have to pay heavy price later! In between her sobs, she said that the young men had begged so much for shelter that she could not refuse. Had she not done so, would the maids at the palace dared blacken her face! It was such an insult! The flower woman was disconsolate.

That was years ago, she said, but it seemed like yesterday. The two men had come riding on black and white horses.
"O aunty! Please save our honour,
Give us shelter, do this little favour,
Cowries we will give as much as you ask for!"

"Little did I know then that one of them was actually a prince in disguise from the faraway land of Manipur and was accompanied by his minister's son. I fell for the bait of the cowries then. Unknowingly, I took care of them with so much care. Who else would have to suffer but me?

"One year passed. They never ever mentioned about going back home. They lived in my hut like my sons! I was at that time employed as the

flower woman for the princess. For bringing the most beautiful flowers for her, the king had granted me a plot of land. Sometimes I would put lovely golden ketaki flowers on her braid. Sometimes I would get petals of delicate blue lilies to adorn her forehead. Sometimes, she would ask me for a garland of fresh tender leaves. Fragrant champak flowers were close to her heart!

"I would also keep red sandalwood paste and other scented powders in my basket. The princess so loved to wear garlands of bakul blossoms that I wove for her. When she was happy with me, she would give me a sky-coloured saree as a gift. Sometimes she would put wildflowers on her hair and mango blossoms too when she fancied them.

Her braid, meandering like a serpent, would be festooned with freshly bloomed kamini flowers.

One day, this Manipuri prince offered to help me and said,

"O aunt, let me weave the garlands today
The princess would smile when she sees such flowers and the beads.
You will certainly get a gold chain
from the princess for such a garland."

"I believed him and took the garland. He had hidden a letter in the flowers and God alone know what was in it. I did not know that he had ulterior motives in staying at my place! When the princess read the message, she feigned anger and scolded me,

"Tell me now
In whose control are you now?
You are such a shameless woman,
that you could dare bring me
such a message? Now you will see my anger
I will teach you a lesson that you will remember always."

Then the princess called for her attendants and asked them to blacken my face with three charcoal marks, whip me ten times, and throw me out of the palace. I was beaten by the maids who used to give me food. They smeared my cheeks with charcoal powder! I had to bear such humiliation.

Such a shame, indeed! When I reached my home, I told the men who had been staying there and whom I treated as my sons,

"O Outsiders! Leave my house at once!
Take back your precious cowries.
It is because of you that,
I was so disgraced
and my backbone hurts!"

When he heard me, the prince from Manipur, who was staying with me, told his friend,

"Let us go back tomorrow, O friend!
If my letter is not accepted by the princess
What is the use of this pursuit!
Tomorrow I will end my worthless life!"

His friend, the son of the minister, tried to comfort him saying.

"She had given you a message in signs,
Your mission is successful
Now don't grieve at all
By painting this women's cheeks
With three lines of charcoal
She tells you to proceed cautiously
When it would be a dark night.
Or else you would be caught by the guards
And like this flower seller
You too would be caned and shamed."

He continued, "Ten lashes on her back means you will go on the tenth night. That day will be the Dussera festival. No one will be at home, they would have gone to the fair, and making merry. By painting her face with three lines, she conveys that she is adept in the art of love. You should enter her chamber in the third phase of the dark night when no one will be around. Your meeting will be safe. She has given you the signs, O dear friend! Do not sob, do not suffer now."

"When the prince heard his witty friend, he came to me and tried to appease me. He gave me a golden necklace. Soon, the dark fortnight of

the moon arrived. After the ninth day, the young man became restless. On the tenth morning, he came to me with a gift of a stone-studded gold ring and said,

“O dear aunt! Today I will weave a beautiful garland
You will deliver it to the princess
in her hand,
and you have this gold ring as well”.

“When I heard him, I bit my tongue in panic, and said,

“Don’t tell me all this again.
Have I forgotten that day
when she had three charcoal lines drawn on my face
and the lashing by her maids at the palace
nothing has faded from my mind.
If the king comes to know of this
He would have me pierced with iron stakes and punished
I don’t need your gold ring at all
Your wily talk is like poison to me now.”

But he would not give up. He pleaded with me with such tenderness that again I lost my resolve. Then I told him to fetch the stone studded gold ring. How could I go the royal palace with my bare fingers?

“He then set upon weaving a lovely garland with the buds of a hundred white flowers.

It was so fragrant that honeybees gathered around. God knows what that scoundrel now wrote in the second letter. How could I know, I never learnt to read and write! I handed over the garland to the pretty princess that morning. She pretended to be angry with me again as
before, and scolded me,

“How dare you come again and meet me?
This time your destiny is in my hands
your fate is sealed!”

She called her maids and made some signs to them. I no longer saw the princess fuming. She mixed *alata* with *hingul* and put three lines on my

clothes. Then she had me lifted up and thrown over the high boundary wall of the backyard. When I fell into the thorny bushes, it hurt me a lot and my clothes were torn. It is my good fortune that I didn't die that day.
"When I came home, I shouted at the men,

"Get out of my home at once!
I was almost killed today
Because of your tricks,
Luckily, I am destined to live a few years more,
Get out of my home right now
Or else, I will thrash you with my broom
and break your bones."

When the prince heard me, he moaned and said,

"What is the use of this life after all, I had hoped so much to meet the princess. Now it is futile!"

But his clever friend, being the son of a minister, rolled in laughter and said,
"Now your wishes are granted, dear friend,
by painting these three lines, she says,
she is now menstruating
and will meet you after three days.
You should scale the boundary wall at the back
As the guards are at the front door
You will enter the palace after midnight
And there will be the victory of your love
She has revealed it all!"

"God knows what magic that prince knew! He removed a gold bangle from his wrist and gave it to me, and said, "This time, do forgive me, my dear aunt!"

It was the thirteenth night then. He went to sleep early. When it was past midnight, I entered the room where the men were sleeping with a lamp in my hand. There was no one there! Then I also discovered that their horses too had gone. I was feeling unwell and was worried that they had gone without giving all my dues.

In the morning, everybody in the palace woke up alarmed to see that the princess was not in her bedchamber. Spies were sent in the four directions to find her. They could not find a single clue. It was as if she had vanished in thin air!

The spies brought the news much later,
“Miles away in the kingdom of Manipur,
The young prince has brought a new bride
No one knows where she hailed from!”

“I heard everything and felt so ashamed. How could I reveal the truth that was lodged in my heart! The princess was abducted by a thief. And my livelihood was ruined in the bargain. I could not share my grief with anyone, and it eroded my soul all along. I had been misled by the youth’s innocence and his pleadings”.

The flower woman went lamenting from door to door, with her basketful of freshly plucked flowers.

∞∞

(Adapted from Sachidananda Routray’s poem ‘Malyani’)

Mona Lisa Jena, P N College Road, Mukunda Prasad, Khurda, Odisha, 752057, India

# ମାୟା ରଙ୍ଗ

**ମମତା ଦାଶ**

ସୁଖକୁ ଆଉ ଚିହ୍ନିବାର ନାହିଁ କି
ବୁଝିବାର ନାହିଁ କାନ୍ଦଣାକୁ,
ବିବିଧ ବିଶ୍ୱାସର, ମାଗିବାର,ମାୟାର ରଙ୍ଗ ଧୋଇଗଲା ପରେ ଅଦିନ ପ୍ରଖର ବର୍ଷାରେ ହଠାତ,
ଦିଶିଯାଏ ଯେ ନିଖୁଣ ବାସ୍ତବତା,
ତାକୁ ଦେଖି ଆଉ ଡ଼ରିବାର ନାହିଁ କି ଦୋଷୀ ମଣିବାର ନାହିଁ କାହାକୁ ।

ଗୋଟାପଣେ ନିଜର କେହି ଯଦି ଫେରାଇ ନିଏ ତାର ଦାୟ, ଆକୁଳତା, ପ୍ରତିଶ୍ରୁତି କି ଅଙ୍ଗୀକାର,
ବାଁ ହାତରୁ ଖସିଗଲେ ତା ହାତ, ଡାହାଣ ହାତ ହଲାଇ "ବିଦାୟ" ବୋଲି କହିବାର ନାହିଁ ।
ଯେତିକି ବାକି ରହିଲା ତାହା କଣ ଯଥେଷ୍ଟ ନୁହେଁ ?

ସବୁ ମାୟା ରଙ୍ଗ ମିଶି ଗଲେଣି
ନିଶାନ୍ତ ଦିଗବଳୟରେ
ପ୍ରଣାମ ଭଙ୍ଗୀ ରେ ଥିବା ଯୋଡ଼ା ପାପୁଲି ଭିତରେ
ଆଖି ପଲକରେ, ରକ୍ତ କୋଷରେ,
ବାକି ଯାହା ରହିଯାଇଚି ତାହା କଣ ଯଥେଷ୍ଟ ନୁହେଁ ?

ଚୋରା ବାଲିରେ ଆଉ କେତେଟା ଅବା
ପାଦଚିହ୍ନ ପଡିବାର ଅଛି ଯେ !

ଇଇ

# ସକାଳ, ଅନ୍ୟ ଏକ ସହରରେ

**ମମତା ଦାଶ**

ସକାଳ, ଅନ୍ୟ ଏକ ସହରରେ।
ମେଘ ଗଡ଼ି ଦେଇଛି ମହଲା ପରେ ସ୍କାଇସ୍କେପର
ପ୍ରତି ଝରକାରେ, ଦୁଆରରେ ଝୁଲୁଥିବା
ରଙ୍ଗଛିଟାର ପର୍ଦାକୁ ଘୁଞ୍ଚାଇବାର ଚେଷ୍ଟାରେ
ହାରିଯାଉଛି ପବନ,
ଖାଲି ଯାହା  ମୋଚାମୋଚି କରିଦେଉଛି ବେଳେ ବେଳେ।

ଶେଜ ତଳୁ ଉଠି ଆସୁଛି ହଠାତ,
ଓଦାଳିଆ ମଥ ର ଛୋଟ ଅନ୍ଧାରଟେ,
ଧୀରେ ବସି ପଡୁଛି ମୋର ନିଦ ବାଉଳା ଆଖି ପତା ତଳେ।
କେଉଁଠୁ  ଇହୁଙ୍କି ଆସିବକି ସେଇ ଆଦର ,ଆର୍ଦ୍ର
ଶକ୍ତ ହାତ, ଆଉଁସି  ଦେବାକୁ
ମୋର ଆତ୍ମାର ହାଡମାନଙ୍କୁ?

ମୋର ପରା ତାକୁ କିଛି କହିବାର ଅଛି,
ପଚାରିବାକୁ ଅଛି ସତକୁ ସତ?
ନା, ନା, ପଚାରିଚି ତ ବହୁବାର
ଆମର ଅରାଏ ଉଭଟ ସମୟ କୁ
ଧୋଇ ପରିଛନ୍ନ କଲାବେଳେ,
ସଜାଡୁ ଥିବା ବେଳେ ,ସଜାଉ ଥିବା ବେଳେ,
ପଚାରିଚି ତ!

ଜାଣେ, ସେ ମନା କରି ଦେଇଛି କେବେଠୁ,
ଜାଣେ ,ଆମେ ବ୍ୟବହାର କରିଥିବା
ମହୁଜଡିତ ମଲା ବାକ୍ୟମାନଙ୍କୁ,
ପିମ୍ପୁଡି ଦଳେ କେବେଠୁ ବୋହି ନେଲେଣି।

ନିଜ ଘରର ବନ୍ଦ କୋଠରୀରେ
ଛାଡି ଆସିଥିବା ଶ୍ୱାସରୁଦ୍ଧ ଗୀତ ପଦକ
ମୃତପ୍ରାୟ, ସେ ଭୂଲି ଗଲାଣି ି ହସିବାକୁ,
ବାଜିବାକୁ କି କାନ୍ଦିବାକୁ ।

ଆହା, ବାଲ୍କୋନିର କୋଣରେ
ସେ ଏକାକିନୀ ଅଚିହ୍ନା ଲତାଟି,
କି ସୁନ୍ଦର ଫୁଟାଇ ପାରିଚି,
ଏତେ ଗୁଡାଏ ପ୍ରତ୍ୟାଖ୍ୟାନର ବର୍ଣ୍ଣ ବର୍ଣାଳିକୁ !

ଦଦ

# ବଂଶୀ

## ମମତା ଦାଶ

ସେମାନେ କଥା ହେଉ ଥିଲେ।
ବଂଶୀ ବିଷୟରେ।
ଲୁହା ତିଆରି, ବାଉଁଶ ତିଆରି, କଂସା
ପିତ୍ତଳ, ରୁପା କି ତମ୍ବା ତିଆରି,
ଏପାରିକି ସୁନାରେ ତିଆରି ବଂଶୀ,
ବଂଶୀର ବିବିଧ ସ୍ୱର, ଧ୍ୱନି, ରନ୍ଧ୍ର ବିଷୟରେ।
କୁହୁକ ବଂଶୀର, ଦଦରା ବଂଶୀର,ମଧୁର ବଂଶୀର
ଧ୍ୱନି ବିଷୟରେ।
ଜଣେ କିଏ କହିଲା ବିଶ୍ୱର ପ୍ରସିଦ୍ଧ ବଂଶୀ ବାଦକ ଙ୍କ
ନାଆଁ ଠିକଣା ଉନ୍ମାଦନାର ଖବର।

ବଂଶୀ?
ମୁଁ ଉଚ୍ଚାରିଲି ତ,ମୋ ହାଡର ଗମ୍ଭିରି ଘରେ
ଆଘାତ ଲାଗିଲା, ଖୋଲିଗଲା କଳଙ୍କି ଲଗା କବାଟ
ଅପରୁପା କିଶୋରୀ ଜଣେ ତରବର ,ଅସମ୍ଭାଳ

ଜହ୍ନ ଅନ୍ଧାର ରାତି, ହାତରେ ବଂଶୀ
ମୋ ଚିତ୍-ଚକ୍ରବାଳରେ ଉଇଁ ଗଲା କଦମ୍ବର ସୂର୍ଯ୍ୟ
ମୋ ଫୁଲଦାନୀର କୃତ୍ରିମ ଫୁଲ ଗୁଚ୍ଛରେ
ବସି ପଡିଲେ ମହ ମହ ପ୍ରଜାପତି।
କଲିଂ ବେଲ ରେ କୁହୁ କୁହୁ କଲା ଅଋତୁ ର କୋଇଲି।
ଓଠର ମହୁରେ ଜଡ଼ସଡ ମୋ ହାତ ପାପୁଲି କୁ
ମୁଠା କରି ଦେଲି ମୁଁ
ଶାଢ଼ୀ କାନିରେ ପୋଛି ଦେଲି ଲୁଚା ଛପା ଆଖି।

ମୁଁ ଆଜି କହିବି କି ସେମାନଙ୍କୁ ବଂଶୀ କଥା
ସେଦିନର କଥା?
କହିବି ଜୀବନ ରେ ଚିହ୍ନିଚି ମୁଁ ଗୋଟିଏ ମାତ୍ର
ବଂଶୀ ଧ୍ୱନିକୁ, ଦେଖିଛି ଗୋଟିଏ ମାତ୍ର ବଂଶୀ ବାଦକକୁ
ଏକ ବିଶ୍ୱମୟ ବିଶାଳ ଚନ୍ଦ୍ରାତାପ ତଳେ
ନୀଳିମ ଜଳ ବିସ୍ତାର କୂଳେ କୂଳେ
ସେ ଖାଲି ମୋ ପାଇଁ ବଜାଇ ଥିଲା ବଂଶୀ।
ଥରଟିଏ ମାତ୍ର।
ସେହି ମୁହୂର୍ତ୍ତରେ ମୋ ପୃଥିବୀ ବଞ୍ଚି ଉଠିଥିଲା ଯେ
ବାର ବାର ପ୍ରୟାସ କଲେବି ତାପରେ
ଆତ୍ମହତ୍ୟା କରି ପାରିନଥିଲା ଜେବେବି।

ଯାହା ଯାହା ଘଟିଥିଲା ସେ ରାତିରେ ଅଭିନୀତ ହୋଇଥିଲା, ସଦା କାଳର ରଙ୍ଗମଞ୍ଚ ରେ,
ମୁଁ କଣ ସେଇ ଆଡକୁ ବଢ଼ାଇ ଦେଇ
ପାରିବି ଆଙ୍ଗୁଠି ?

∞∞

# Flutes

**Mamata Dash**

[originally in Odia, English translated by Mona Dash]

They were talking about flutes
iron, copper, brass, sliver, bamboo made
even a flute made of gold
The tune of a flute, the notes magical, mischievous
dulcet tones of a flute.
Someone mentioned a world famous
Flute maker
His name, address, life story
The madness of his life

Flutes?
When I uttered the word
The pain resounded in my bones
The tarnished door opened
Through it I saw a woman
So beautiful, young
Dishevelled, lost
in the moonlit night, flute in hand

Made from kadamba flowers, a sun
rose in the horizon of my mind
On the artificial trees of my childhood sat
hundreds of fragrant butterflies
Cuckoos like the one in doorbells
perfect and sweet, chimed
I held in the palm of my hands
honey from my lips

and wiped with my saree, my hidden secret eyes

Should I tell them then
About that day, about the flute?

Should I say, that I know the tune of
just one flute, only one
Have seen only one flute player

Under a vast universal night
Under a canopy of moonlight
alongside the shores of blueness
He had played the flute only for me
only once
and at that moment, my world had come so alive
that even after, trying once, trying again
could never commit suicide, could never be annihilated
Whatever had happened that night
Whatever had been enacted that night
on the eternal stage
Can I today, point towards it?
Should I?

∞∞

Mamata Dash is a multilingual writer, in Odia, English and translating from Bengali. Her published work includes ten anthologies of poems, four collections of short stories, one novel, two essay collections, one anthology of poems translated into English from Odia. She has translated fifteen books from English and Bengali, and a monogram of Bhubaneswar Behera published by Central Sahitya Academy. Among many awards and sammanas she has received the State Sahitya Academy Award Bhanuji Rao Award, Bishuba milan poetry award, Bharat Naik Smruti Sammana, Bharatiya Bhasa Parishad National award, Sachi Raoutray Memorial award, Kalindi charan memorial award, Jugashree juganari Award, felicitation from Varnamala, Istahaar, Nilakain Chetabani, Dharitri, Gokarnika. She gained a senior fellowship from Government of India (Department of Culture) and did research on the Genesis of evolution of "Radha Consciousness."

# ପଣତର ଆଢୁଆଳେ ଦ୍ୱିତୀୟ ପୃଥ୍ୱୀ

## ସପ୍ତଦ୍ୱୀପା ସଂଘମିତ୍ରା

ଏନ୍ଦୁଡ଼ିଶାଳର ଜୁଇ
ମଶାଣୀ ଭୂଇଁର ଛାଇ
ଗ୍ରୀଷ୍ମର ତତଲା ତାପରେ
ବର୍ଷାର ଟାହୁଲି ଟୋପାରେ
ସବୁଠିଁ ସେ ଦରଦୀ କାନ୍ଥ ,
ଯେ ଆକାଶ ରୁ ଚାନ୍ଦ ତୋଳିପାରେ
ଟାଙ୍ଗରା ରେ ସବୁଜିମା ବୁଣେ
ସେ ମା ;
ଯା'ର ହସିଲା ମୁହଁର ଛାତ ତଳେ
ସବୁ ବିପଦ ର ଇମାରତ ଅଜାଣତେ ଭୁଶୁଡ଼ି ପଡେ । ୧।
ତା'ହାତ ପରଷା ତୋରାଣି କଂସା ରେ ବି
ମୁଁ ପାଏ ଅମୃତ ର ସ୍ୱାଦ
ହାତ ପରା ଛିଣ୍ଡା ହେଁସ  ବି ଦିଏ
ପୁଷ୍ପ ଶେଜର ଭ୍ରମ । ।୨।
 ଓଠ ବୋଲା ଧୋ ରେ ବାୟା
ଗୀତ ମନେହୁଏ ପ୍ରଶାନ୍ତି ର ଛାଇ
ଯେ ସବୁବେଳେ ହସେ ହସାଏ ଆଉ
ହସିବାକୁ ଶିଖାଏ
ଦୁଃଖ ଯାତନାକୁ ଏକା ଏକା ସହିଯାଏ  ।୩।
ମୁଁ କି ନିଆରା !
ତା ସମ୍ବୋଧନେ ପାଷାଣ ବି ଗାଇଉଠେ
ସ୍ୱାଗତିକା ସୁର
ଅଙ୍କାବଙ୍କା ଝୋଟି ଛଟା ରେ
ଭିଜା ମାଟି ବି ଦେଖେ ନୀଳ ସ୍ୱପ୍ନର ଧାର
କୋମଳ ସ୍ପର୍ଶରେ ହାଣ୍ଡିଶାଳ ହୋଇଯାଏ ସଜାଗ

ପରଖିବା ପାଇଁ ଅଭିନବ ପ୍ରକାର
ଆଉ ମୁଁ ଅନୁଭବ କରେ  କଳ୍ପିତ ସତ୍ତା
ଦ୍ୱିତୀୟ ପୃଥିବୀର ।୪।
ସତରେ ସେ ସବୁରି ମା
ଠାକୁର ପିଣ୍ଡାର ଦଦରା ଶଙ୍ଖର
ପୁଣି ଛାଞ୍ଚୁଣି ମୁଠାର ତ ପୋଖରୀ ତୁଠର ।୫।
ତା ହାତେ ହାତ ରଖି ଅସଜଡା ପାଦେ
ଚାଲି ମୁଁ ଶିଖିଲି
ତା ଆଙ୍ଗୁଳି ରେ ହାତ ଯୋଖି
ସିଲଟ ପଟା ରେ ଖଡ଼ି ବୁଲାଇଲି ,
ତା ଓଠ ଇଶାରା ରେ ଦର ଦର ହୋଇ କଥା କହିଲି
ତା ତତଲା ଲୁହରେ ମୋ  ଭୁଲକୁ ସୁଧାରି ପାରିଲି
ମୋ ଆଶା ମୁଁ ପାଦ ବଢ଼େଇବି
ମୁଣ୍ଡରେ ମାରି ତା ପାଦ ଧୂଳି  । ୬।
ଦୂରେ ଥାଇ ବି ବୁଝିଛି ମୁଁ
ମା ତ ଭଲ ପାଏ ସମ୍ପୂର୍ଣ୍ଣ ବିନା ସ୍ୱାର୍ଥରେ
ମା କାନ୍ଦେ ହେଲେ ସଭିଁଙ୍କ ଅଗୋଚରେ
ମା ବୁଝାଏ ତାଗିଦ ର ବାହାନାରେ
ଆଉ ଗଢି ଚାଲେ ସମ୍ପର୍କର ଇମାରତ
ପ୍ରଶଂସା ର ବିନା ଅପେକ୍ଷାରେ ।୭।
ମୋ ମା କି ବର୍ଣ୍ଣିବ ଏଥିରୁ
ମା ର ସଂଜ୍ଞା ତ ସୃଜନ ଖୁସିହୁଏ ସଭିଁଙ୍କ ମଙ୍ଗଳେ
ଯେ କେବଳ ଗଢି ଶିଖେ ତୋଳି ଶିଖେ ବାନ୍ଧି ଶିଖେ
ସଭିଁଙ୍କୁ ନିଜର ପଣତ ଆଢୁଆଳେ

∞∞

# ଲୁଚେଇଲା ମା ମୋତେ ମାଟି ବୁକୁ ତଳେ

## ସପ୍ତଦ୍ୱୀପା ସଂଘମିତ୍ରା

ଛୁପିବାକୁ ଦେଖିଥିଲି
 ତୋ ପଣତ ତଳ
ପଣତ ଗଲା ଯେ ହଜି
ମାଟିରେ ମିଶିଲି ଆଜି
ଅଧୁରା ମୋ ରହିଗଲା ସ୍ୱପ୍ନ ମାଳ ମାଳ ।୧।
ଝରିଗଲି ଝରଝର ସମୟ ସ୍ରୋତେ
ସତେ  ମୁଁ ଝରା ସେଫାଳି
ଜହ୍ନ ମାମୁଁ ଗଲା ମଉଳି
ପରୀ କେହି  ନ ଆସିଲେ ବାହୁଡ଼ି
ଚାଲିବା ଆଗରୁ ଗୋଡ଼ରେ ପଡ଼ିଲା ବେଡି  ।୨।
ବିଜନ ବେଳ ଆଜି
ପୂରି ଥାନ୍ତା କୁଆଁ କୁଆଁ ରାବରେ ମୋ
କିନ୍ତୁ ସ୍ୱାଗତ ନଥାଇ ପାଇଲି ବିଦାୟ
କନ୍ୟା ଭାବେ ନାହିଁ ମୋର ପରିଚୟ
ମା ହୋଇ ରାଜି ନୁହେଁ
ମୋ ରାହା କାନ୍ଦକୁ କହିବାକୁ ଓ ।୩।
ଝିଅର ମା ଡାକ କିମ୍ବାଇଁ ନୁହେଁ
ଓଁ କାର ଧ୍ୱନୀ
କେତେ ଭାବିଥିଲି   ଧୋ'ରେ ବାୟା
ଶୁଣିବି ଅଧିରେ
ପାଶୋରିବି ଦୁଃଖ ତାର କୋଳେ
ମଥା ଥାପି ଥରେ
କଣ୍ଟକ ସମାଜ କିନ୍ତୁ ଦଳିଦେଲା ଚାରାଟିକୁ
ଅଭିଶପ୍ତ ମଣି ।୪।
ପ୍ରଭାତ ରଶ୍ମିକୁ ଛୁଇଁବା ଆଗରୁ
ନିଶାର ଅନ୍ଧକାରେ ଶୋଇବା ପୂର୍ବରୁ

ବୁଜିଲି ମୁଁ ଆଖି ଚିରନ୍ତନ
ମା ହାତ ନ ହୋଇଲା ଆଶାବାଡି
ତା କାନି  ନ ଦେଲା ଟିକିଏ ବି ଛାଇ
ବରଂ ଲଭିଲି ମୁଁ ମୃତ୍ୟୁ ଯନ୍ତ୍ରଣା
ଦେଖିବା ଆଗରୁ ପହିଲି କିରଣ ।୫।
ମା -ସୃଷ୍ଟି ଅୟମାରମ୍ଭ ପୁଣି
ସର୍ବଶ୍ରେଷ୍ଠ ଅଙ୍କସ୍ଥଳ
କିନ୍ତୁ କନ୍ୟା ପାଇଁ  ନାହିଁ
କିମ୍ପାଇଁ ଥାନ
ଭ୍ରୁଣ ହତ୍ୟା ପାଇଁ କାହୁଁ କରୁ ମନ
ଲୁଚିବାକୁ ଚାହୁଁଥିଲି ମା କାନି ତଳେ
ଲୁଚେଇଲା ମା ମୋତେ
 ମାଟି ବୁକୁ କୋଳେ ।

ଊଊ

Dr S Sanghamitra, Belfast, UK

# Dhauli: The Stupa of Mercy

## Mumukshya Tapabrata Baitharu

The virescent grass fields,
The artesian flowing lakes.
All around embedded in paix.
Surrounding them? Happy peals.

But soon, the peals precede,
And with blood the land shakes.
Emperor Ashoka in anger takes
Steps that'd leave Odisha unhealed.

Bloodshed filling his heart with despair;
Tears of pain he cried for the people.
'Oh! Bring the joy back to this land!'

Stands there the symbol of beauty in err,
Dhauli, in forgiveness of Ashoka is its steeple,
Showing peace and war go hand in hand...

∞∞

# Sacrifice for Konark


## Mumukshya Tapabrata Baitharu


“Stands there the temple, inviolable,”
Said the senile, old man.
“In all sense, it’s *‘incroyable’*!
But grand I say, is quite not it’s plan.”

Irateness undertook the Odia across,
Verdurous grounds soon turning dull.
Remorsefully, he said, “a tragic loss,
A life was taken to make its skull

Unpleasing the Raja, 10,000 would die.
But then came in a small, young boy,
Fixing Konark, oh how elders didn’t apply!
And bit the dust, whilst others enjoy.”

Oh, how did a child sacrifice?
When even today, elders don’t suffice?

∞∞

Mumukshya Mumukshya Tapabrata Baitharu is a fourteen-year-old aspiring innovator. She is a black-belt in karate and enjoys listening to all genres of music. Quite inquisitive at heart, she relishes reading books and writing. She lives in Sharjah, UAE.

# Jobra bridge

## Siddhartha Shankar Ray



∞∞

Siddhartha Shankar Ray is an IT Professional who dabbles in photography. He is born in Cuttack, currently based at Pune.

# ଜହ୍ନ ବଗିଚା

## ନିରୁପମା କର

ଏତେ ଏତେ
କବିତା ପଢିସାରିବା ପରେ
କାହିଁକି କେଜାଣି ମନ
ଅଟକିଗଲା ସେଇ
ଜହ୍ନ ବଗିଚାରେ.........
ଏଭିତରେ ବଢିଯାଇଛି
ରାତ୍ରୀର ବୟସ
ଧିରେକରି ଝରକା ଖୋଲିଲି
ବଗିଚାରେ ବୁଲୁବୁଲୁ
ଜହ୍ନ ଫିଙ୍ଗିଦେଲା ହସଧାରେ
ମୋ ଝରକାକୁ ଝୁଙ୍କିପଡି........
ଲାଜେଇଗଲି
ସତେବା ଅନୁଢା କିଶୋରୀଟିଏ
ଶରଦ ସଞ୍ଜର ସରମି ଜହ୍ନିଫୁଲ
ଶୀତସ୍ନାତା ହସକୁରୀ ଗୋଲାପ
ଅବା କୁଆଁରୀ କଦମ୍ବର
ମଖମଲି ମନପରି ମନଟିଏ ଯାହାର....
ଭାରି ଇଚ୍ଛାହେଲା
ଏଇ ମୂହୁର୍ତ୍ତରେ ମୁଁ ପାଲଟିଯାଆନ୍ତିକି
ନୀଳପରୀ
ଡେଣାରେ ମୋର ଲେସି ହୋଇଯାନ୍ତା
ରୂପେଲି ଯୋଛନା,ମନରେ
ସବାର ହୁଅନ୍ତେ ମୀନାକରା ଶବ୍ଦମାନେ
ମାଟି ଉପରେ ପାଦ ଦେଉ ଦେଉ
ଆଉଥରେ ଲେଖିବସନ୍ତି

ଲାବନ୍ୟବତୀ..
ଝଲକାଏ ଶୀତଳ ପବନରେ
ଶୀତେଇଗଲା ଦେହଟା
ବାହାରେ ରଣିଫୁଲପରି
ଜହ୍ନଧୂଆ ଆକାଶର ଅଧିରପଣ
ସାରାଟା ବଗିଚାରେ ତାରାଫୁଲଙ୍କ ରୋଷଣୀ
କାହାରି ଅଦେଖା ସ୍ପର୍ଶରେ
କମ୍ପନ ଖେଳିଗଲା ସର୍ବାଙ୍ଗରେ ମୋର
ତଥାପି, ତନ୍ମୟହୋଇ,ତଲ୍ଲିନ ହୋଇ
ଚାହିଁ ରହିଥିଲି ଜହ୍ନବଗିଚାକୁ
ପ୍ରଗାଢ ଅନୁରାଗରେ
ଆତ୍ମହରା ହେଉଥିଲି, ଗୋଟାପଣେ
ବତୁରୁଥିଲି.......
ଭାବୁଥିଲି
ସତରେ ଏ ସୃଷ୍ଟି କେଡେ ମଞ୍ଜୁଳ
ଆଉ ମନ ମୁଗ୍ଧକର ସତେ!
ପୁଣି ଜହ୍ନର ଆକର୍ଷଣବି
କେଡେ ଆବେଗମୟ ଆଉ
ପ୍ରୀତିପଖଳା,
ଜହ୍ନ ବଗିଚା ବୋଲି ଶବ୍ଦଟିରବି
ନାହିଁ ନଥିବା ଯାଦୁକରୀ
ମନମୋହିନୀମାୟା
ସେଇଥିପାଇଁତ ଜହ୍ନ
ସର୍ଜନ ସତ୍ତାର ପ୍ରଣୟ ଆଉ
ପୁଲକର ପ୍ରତୀକଟିଏ
ପୁନଶ୍ଚ ଜହ୍ନ ବଗିଚା ମୋ
ଶବ୍ଦ କୋଷର ନିଆରା ଶବ୍ଦଟିଏ

ഠഠ

# ଝିଅ ହସିଲେ

## ନିରୁପମା କର

ଝିଅ ହସିଲେ
ଘୁଙ୍ଗୁର ନାଏ ବର୍ଷା
ଗୀତ ଗାଏ ଶୀତ
ବାଂଶୁରୀ ବଜାଏ ବସନ୍ତ
ଖରାଧରେ ଖଞ୍ଜଣୀ
ସୁରଭି ବାଣ୍ଟେ ଫୁଲ
ପବନଲାଗେ ପ୍ରାଣମୟ
ନଦୀ ପାଏ ପୂର୍ଣ୍ଣତା
ମାଟିରେ ବିସ୍ତରିଯାଏ
ସବୁଜ ସମ୍ଭାର............

ଝିଅ ହସିଲେ
ଜହ୍ନଲାଗେ ସ୍ୱପ୍ନମନସ୍କ
ଅନନ୍ୟ ଔଜଲ୍ୟରେ
ଚିକ୍ ଚିକ୍ କରନ୍ତି ତାରାମାନ
ଝୁରୁଝୁରୁ ଜୋସ୍ନାର
ସ୍ନିଗ୍ଧସମ୍ମୋହନରେ
ରାତିହୁଏ ରତିମଗ୍ନ
ଅପ୍ସରାମାନଙ୍କ ଆଗମନହୁଏ
ଅସମୟରେ.............

ଝିଅ ହସିଲେ
ଶୂନ୍ୟରୁ ଧରାସାୟୀ ହୁଏ
ଦୁର୍ଲଭ ଫଳଟିଏ
ପଶରା ପଶରା ସୁଖଫୁଲରେ
ମହକିଉଠେ ଘର ଅଗଣା

ସ୍ନେହ, ମମତା, ପ୍ରୀତିର ମନ୍ଦାକିନି
ସଞ୍ଚରିଯାଏ ଆଭୂମି ଆକାଶ
ଧୂପପରି ଜଳିଜଳି ଝିଅହିଁ
ଜାଳିପାରେ ସଞ୍ଜବତୀ.........

ထထ

ଶ୍ରୀମତୀ ନିରୁପମା କର ସାହିତ୍ୟ ଜଗତର ପ୍ରତ୍ୟେକ ବିଭାଗରେ ଲେଖନୀ ଚାଳନାକରି ପରିଚିତି ଲାଭକରି ପାରିଛନ୍ତି । ଏଥିପାଇଁ ସେ ଅନେକ ଅନୁଷ୍ଠାନରୁ ସଂବର୍ଦ୍ଧିତ ହୋଇଛନ୍ତି। ଓଡ଼ିଶାର ଅନେକ ଆଗଧାଡିର ପତ୍ରପତ୍ରିକାରେ ତାଙ୍କଲେଖା ପ୍ରକାଶ ପାଇ ପାଠକିୟ ଆଦୃତି ଲାଭକରି ପାରିଛି । ତାଙ୍କ ରଚିତ ପୁସ୍ତକଗୁଡିକ ହେଲା କବିତା: କଦମ୍ବରୁ କଳ୍ପବଟ, ଚିହ୍ନାମାଟିର ବାସ୍ନା, ମୋହମଞ୍ଚା, ଶିଶୁ କବିତା: ଚୁନି ଚୁନି ତାରାଫୁଲ, ଶିଶୁ ଉପନ୍ୟାସ-ବଣ ରାଇଜ କଥା । ଗଳ୍ପ: ବିବର୍ଣ୍ଣ ବସନ୍ତ ।

# ପ୍ରଜନ୍ମ

## ଅଙ୍ଗୁରବାଳା ପରିଡ଼ା

ଥରେ ଅଧେ ତ ନୁହଁ ।
ଗୋଟେ ଉଜ୍ଜ୍ୱଳ ବଲ୍ବ ଚାରିପଟେ
ମେଞ୍ଚାଏ ପତଙ୍ଗ ସବୁ
ଘୁରି ବୁଲିବା ପରି
କୋଟି କୋଟି ଥର
ସୂର୍ଯ୍ୟ ଚାରିପଟେ ପରିକ୍ରମଣ କଲାଣି ପୃଥିବୀ ।

କେଜାଣି କେତେ କେତେବାର
ଘୂରି ଆସିଲେଣି ଆମେ !!

ରାମଦୋଳିର ଝୁଲଣ ପରି
ଦି'ଟା ନିର୍ଦ୍ଧାରିତ ବଳୟରେ
ଝୁଲୁଛି ଆମର ଭାଗ୍ୟ,
ଛୁଇଁ ଯିବାର କୌତୁହଳରେ
ନଇଁ ଯାଇଛେ ଯେତେ ବାର,
ସାଇଁ କରି ଟାଣି ନେଇଛି ସମୟ ।

ବହଳ କୁହୁଡିର
ଗହଳି ଆଢ଼େଇ
ଉଦିତ ଭାସ୍କରଙ୍କର
ମୁଦ୍ରିତ ଚାହାଣିରେ
ସମୟ ଶିଖେଇ ଦେଇଛି
ସ୍ୱଗତୋକ୍ତିର ସ୍ୱରବର୍ଣ୍ଣ ।

ଆମେ ଗଢିଛେ ସାରେଗାମାର
ଅପୂର୍ବ ମୂର୍ଚ୍ଛନ,
କେବେ ଉଚ୍ଛ୍ୱସିତ ଉନ୍ମାଦନାର

ରାଗରାଗିଣୀରେ ତୋଳିଛେ
ଜୀଇଁଯିବାର ଅର୍ଜିତ କୌଶଳ।
ଥରକୁ ଥର ଆମେ ଆସୁଛେ,
ସେଇ ପୂର୍ବ ସାଇତା ମୁଠାଏ ମାଟି
ଅନାଦି କାଳରୁ ଝରି ଆସୁଥିବା ବୁନ୍ଦାଏ ଜଳ
ଓ ଆଖିକୁ ଦିଶୁ ନ ଥିବା
ଅରାଏ ଶ୍ବାସଗ୍ରାହୀ ପବନକୁ ନେଇ
ନବ ପ୍ରଜନ୍ମ ର ଅହଙ୍କାର ମାଖି
ରଚୁଛେ ବିଶ୍ବବିଜୟୀର ଦୁର୍ବାର ସ୍ବପ୍ନ।

ସକାଳର ବାସିକାମ ପରି
ସେଇ ପୁରୁଣା ମାଟିକୁ, ପାଣିକୁ,ପବନକୁ
ପରିବା ପରି କାଟୁଛେ
ଜମି ପରି ବାଣ୍ଟୁଛେ
ଗଛରୁ କାଠ ଓ କାଠରୁ ଖଟ ପରି
ତିଆରୁଛେ ସୁଖ।

କେତେ ମଲା ,କେତେ ହଜିଲା
କୋଉ କୋଉ ବାଟେ
ସଂରକ୍ଷଣ ବିନା
ସବୁଜ ପୃଥିବୀକୁ ପ୍ରଦୁଷଣ କଲା
ମାରାତ୍ମକ କୀଟ
କିଛି ବୁଝୁଛେ!!

ଏଯାଏଁ କଣ ଆମେ
ନିଜଠୁ ନିଜକୁ ଫେଡି
ଗଢ଼ି ପାରିଛେ
ଗୋଟେ ଦ୍ବିତୀୟ ପୃଥିବୀ ?
ତଥାପି ନବପ୍ରଜନ୍ମର ଡିଣ୍ଡିମ ପିଟୁଛେ।

ଓଓ
ଅଙ୍ଗୁରବାଳା ପରିଡ଼ା, ରାଉରକେଲା

# Ceiling

## Gaurav Pati

I peep,
Peep through those cracks,
At heaven above;
She peeps,
Peeps through me,
At nothing;
As I crouch on my bed
Far from comfort-
Under the barren gaze
Of her blank pupils,
Aged with secrets,
Secrets she is concealing,
That old woman on my ceiling.

That cold snicker
Dressed upon her face,
White like lies,
Lies – like truths untold;
Through silent peals,
Silent peals that peel off her
Dancing to tunes of time
They kiss me,
Those kisses filled with secrets,
Secrets she is concealing,
The old woman on my ceiling.

∞∞

Gaurav Pati is a student at National Institute of Design, Ahmedabad, currently pursuing a bachelor's Degree in Animation film design. Brought up in Delhi, he originally belongs to Kendrapara district in Odisha. He loves storytelling as a whole, be it through the medium of writing stories, poems, making comics or short films. He has previously been published in various magazines and anthologies including that of Children's book trust of India and National book trust of India.

# ବିପ୍ଳବ

**ପ୍ରସନ୍ନ କୁମାର ସ୍ୱାଇଁ**

ଫୁଟପାଥରେ ସିଗାରେଟ ଟାଣିବା ବିପ୍ଳବ ନୁହେଁ।

ବିପ୍ଳବ ଗୋଟେ ପ୍ରେମ
ଯୋଉଠି ଅନ୍ତରାତ୍ମାରୁ ଶୁଭୁଥାଏ
ସର୍ବ ଜନ ହିତାୟର ଅଦ୍ଭୁତ ସହିଂତା ।

ହାଡ଼ରେ ତିଆରିହୁଏ ହୃଦୟ
ଚିରହରିତ ମାନଚିତ୍ର ଆଉ ମନ ପାଇଁ
ନିଜକୁ ବଦଳେଇ ଦେବାକୁ
ପଡୁଥାଏ ବାରମ୍ବାର ।

ରାସ୍ତା ତିଆରି କରିବାକୁ ପଡେ
ଗୋଟେ ଗୀତ ଲେଖିଲା ପରି
କାହା ଉପରେ ଅଜାଡି ହୋଇ ପଡି
ପପୁ ବୋତଲ ପିଇ ସ୍ବପ୍ନ ଦେଖିବା ଜୀବନ ନୁହେଁ

କିଆବୁଦା ମୂଳେ ବସି କେତକୀ ଖୋଜନା
ବିସମ୍ବର
ନିଜ ପାଦ ଉପରେ  ଭରସା ରଖ
ନିଜ ବାଟ ତିଆରି କରି ଚାଲି ଶିଖିବା ହିଁ
ବିବର୍ତ୍ତନ।

ମାଟିରୁ ପାଣି ଶୋଷି

ଆକାଶକୁ ଚାହାଁନା
ଆକାଶ ର ତାରା ଗଣି ଚେର ବଢେନି ବିସମ୍ବର !

ଦେଖେ ତୋ ଆଗରେ
ତୋର ସ୍ବପ୍ନ ଆଉ ମୃତ୍ୟୁ କେମିତି ଶୀତଳ ହେଉଛନ୍ତି
ଘୃଣା ଗୋଟେ ମାଦକ ପୋଡେ ଆଉ ଜାଳେ
ବିଭୋରତା ସୁନାକୁ ଆହୁରି ହଳଦୀ ରଙ୍ଗରେ ତୋଳେ।

ତୋ  ପାକୁଳିରେ ଖାଲି ଅସହିଷ୍ଣୁତା।

ଥରେ ଝର୍କା ଖୋଲି ଦେଖେ
ବହାରିଆ ସେ ନଖ ଆମ୍ପୁଡା ଦୃଶ୍ୟରୁ
ପଟେ ରୁଟି ଖାଲି ଜୀବନ ନୁହେଁ

ରୁଟି ଥାଇ ବି ଜୀବନ ନଥାଏ ବେଳେବେଳେ
ରୁଟି ସହିତ ରଖ ଗୋଟେ ରୁବାୟତ ର ଧାଡି।

ଗୁଳି ଆଉ ଗୋଲାପକୁ ପଢ଼ ଗୀତାର ଫର୍ଦ୍ଦଫର୍ଦ୍ଦ ପରି
ବଂଶୀ ଆଉ ଚକ୍ର ଗୋଟିଏ ହାତରେ ଧରେ ଭାରତ

ଆ ମହକିବୁ
ତୋ ପାଇଁ ସଜ ହୋଇ ବସିଛି ଗୋଟେ
ଗେରୁଆ ସକାଳ.......

ထထ

# କୋଟିଆ

## ପ୍ରସନ୍ନ କୁମାର ସ୍ୱାଇଁ

ବନ୍ଧୁଘର ବୋଲି ଭାବୁଛ କି ?

ତା ପ୍ରତି ଧୂଳିକଣାରେ
ମୋ ମା'ର ପାଦ ଚିହ୍ନ
ଯେତେ ସବୁ ପ୍ରତିଧ୍ୱନି ସେଠୁ ଆସେ
ସେଥିରେ  ଢେମସା ନାଚର ସାଥେ

ଥାଏ ମହମହ ଅଭିମାନ
ଗୋଡ଼ କଚାଡିବାର ଦୃଶ୍ୟ ।

ସେ ଅପାଠୋଇ  ରାସ୍ତା
ସେ ଗଛ ଗହଳ ଅଭାବ
ପାହାଡିଆ ପୂର୍ବଜଙ୍କ
ଦୁହିଁହୋଇ ଯାଉଥିବା ଶିରା ପ୍ରଶିରା
ବହୁ ସଞ୍ଚିତ ଦୁଃଖ ପରି ଚିତ୍ ପହଁରୁଥିବା ଭୋକ
ସବୁଠି ଠିଆ ହୋଇଥାଏ
ଗୋଟେ ହାଡୁଆଳୀ କୁଆଁରୀ ସ୍ବପ୍ନ ।

ଯେତେ ଥର ଦରାଣ୍ଡିବ ତା ଅଣ୍ଟି
ସେଠି ତୁରୁଞ୍ଜି ଶୁକଷି ସଂଗେ ପାଇବ
ମୁଠାଏ ଲୁହ ଜର୍ଜର ଅସହାୟତା ।

କାହା କାହା ଲୋଭନୀୟ ଇସାରା
ହାଣ୍ଡିଏ ଦିହାଣ୍ଡି ଭାତ,ମାଛ ଭଜା ଖଣ୍ଡେ
ମିଛ ଆଧାର କାର୍ଡ,କି ସବୁ ଘରକୁ ଚାକିରି
ସ୍ଲୋଗାନରେ ବାଟବଣା ହୁଅନ୍ତି
ମଇରୀ ଫୁଙ୍କୁଥିବା ଓଠ କି ଡୁଡୁଙ୍ଗା
ବଜାଉଥିବା ହାତ ମାନେ!

ଆମ ଆଖିରେ କେମିତି ନିଦ ଆସେ ?

କେମିତି ଆମେ ଗାଉ କେଜାଣି
ବନ୍ଦେ ଉତ୍କଳ ଜନନୀ  ଆମ ନିପାରିଲା ଓଠରେ ?

କେବେ ଗୁଜ୍ଜରୀ ଛନ୍ଦରେ
ସେଠି ସକାଳ ଆସିବ
କେବେ ଗାନ୍ଦବା ଟୋକି ଲାପଟପରେ

ପଢ଼ିବ ଖୁସି ଖବର
କେମିତି ପ୍ରତି ଗାଁର ବ୍ଲାକବୋର୍ଡ ଛାତିରେ
ଫୁଟି ଉଠିବ ଛ ଋତୁ, ଚବିଶ ନକ୍ଷତ୍ର
ପାହାଡ଼ର ଯୋଉଠିକୁ ଛୁଇଁବ
ସେଠି ସୁଲଭ ମୂଲ୍ୟରେ ମିଳିବ
ପ୍ରେମ ଓ ପ୍ରତ୍ୟୟ
ନୀରୋଗ ଚାହାଣୀ ଓ ନିରାପତ୍ତା ?

କାହାକୁ ଭୁଲିଯିବା କଣ କପାଳ ଲିଖନ
ନା ନିଜ ନିଜ ନିର୍ବୋଧତା ?

ଖୁବ ହେଲା ରାଜଧାନୀରେ କବିତା ଲେଖା
ନାଇଟ କ୍ଲବଡାନ୍ସ, ମଡେଲ ସୋ,
ଆନ୍ତର୍ଜାତିକ ବିମାନ ବନ୍ଦର
ଧର୍ମଘଟ ଓ ହର୍ତାଳ ବି ।

ଥରେ ସେ ପାହାଡ଼କୁ ଆଉଜି
ନିଜକୁ ପଚାରି ଆ

ସତରେ ମୁଁ କଣ ଜଣେ ଓଡ଼ିଆ
କଳିଙ୍ଗା ସାହାସିକା ?

ꣽꣽ

ପ୍ରସନ୍ନ କୁମାର ସ୍ୱାଇଁ, ଶ୍ରୀଅରବିନ୍ଦ  ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ର,ମାତୃଭବନରେ ଅଧ୍ୟାପନା । ଓଠ, ନିଜ ସହ ପାନିପଥ, ପୁରୁଷ: ଈଶ୍ୱର ଓ ପ୍ରଣାମ କବି ପ୍ରଣାମ (କବିତା ପୁସ୍ତକ ପ୍ରକାଶିତ). ଜୟ ଉତ୍କଳ, ଜୋବ୍ରା, କଟକ, ଓଡିଶା

# ବର୍ଷାରେ ଜଳୁଥିବା ନଈ

## ଚିନ୍ମୟ ରଞ୍ଜନ ମିଶ୍ର

ଗୀତ ଗାଉଥିବା ବେଳେ ସେ ଅନେକ କାନ ବନ୍ଦ କରିଥଲେ?
କିଏ କିଏ କହିଛନ୍ତି ତପସ୍ୱୀ, ସଂସାର ତ୍ୟାଗୀ
ହଉ ନ ହଉ କିନ୍ତୁ ନଈ ବୋଲି ବିଶ୍ୱାସ ତା' ଉପରେ ନିଜେ କରିଛି ।
ତୁଚ୍ଛ କରିଛି ପାହାଡ଼ର ଆକଟ
ଜଙ୍ଗଲ ର କୁହୁକ ଜାଲ ଓ ଡାକ
କେବେ କେବେ ମରୁ ମରୀଚିକା ସମ୍ମୋହନ ।।
ଏତେ ବାଟ ଆସିବା ପରେ ତନ୍ଦ୍ରା ତୀର
ଦିନେ କେବେ କେଉଁ ପ୍ରେମିକ ଦେଇ ଯାଇଥିଲା
ଲେଖୁ ଲେଖୁ ଗାଉ ଗାଉ
କିନ୍ତୁ ସେଠି ତା ମନ ଲାଗୁନି
ସେ ଯିବ ତା' ଆଗୁଆ ଦିଗନ୍ତ ଆଡେ ।।
ଏ ଯାଏ ସେ ଜଳୁଛି ଥକି ଦୀର୍ଘ ପଥ ଅତିକ୍ରମ କରି
ଶୀତଳ ମୌସୁମୀ ବି ଜାଳିଛି
କାନ୍ଦିବା ଭୁଲି ଯାଇଛି
ଭୁଲି ବି ଭୁଲ୍ କରିଛି?
ନିଜର ଲାଗୁଥିବା ଦିନ ମନେ ରୁହନ୍ତି କମ୍
ବେଶୀ ସମୟ ଆଖା ପାଖ୍
ନିକଟରେ କଟୁ ନଥିବା କାଳଖଣ୍ଡ ।।
ଯା ରେ ଭାସି ଯା
ଡଙ୍ଗା ଭାସୁ ନଥିବ
ନିଜେ ଭାସି ଯିବା ବେଳେ
ନଦୀ ଆମ୍ ଦାହ କରିଛନ୍ତି
ମୁକ୍ତି ଗଣ୍ଡରେ ।।

ꣻꣻ
ଚିନ୍ମୟ ରଞ୍ଜନ ମିଶ୍ର, ରୟସିଂହପୁର ଶାସନ, ପିତଳ, ଗଞ୍ଜାମ

# ଆଭୂମ ପ୍ରଣାମ

**ଶରତ ଚନ୍ଦ୍ର ରଥ**

ହେ ସୀମାନ୍ତର ଜାଗ୍ରତ ପ୍ରହରୀ !
ଚିର ଆତ୍ମବିଶ୍ୱାସର ବିଶ୍ୱାବସୁ ତୁମେ
ଏଇ  ମାଟି  ମାତୃକାର ନିରାଜନା ପାଇଁ
ମନ ତୁମ ନିବେଦିତ ସଜ ନୀଳକଇଁ । ।

ଆମ ତୃଷିତ ପରାଣେ ସୁନୀଳ  ଝରଣା
କ୍ଷୁଧିତ ଜୀବନେ  ଭରା କଳ୍ପବୃକ୍ଷ ଫଳ
ଚିର ବାତ୍ୟାବିକ୍ଷୋଭିତ ପାରାବାର ତୀରେ
ଆଶା ଆଉ ଆଶ୍ୱାସନା ଆଲୋକମିନାର । ।

ତୁମ ପାଇଁ ତୁଚ୍ଛ ଯେତେ ପଦ ପୁରସ୍କାର
ମାନ ଓ ସମ୍ମାନ ପୁଣି ଯଶ ଗଉରବ,
ଆଗକୁ ଚାଲିବା ତୁମ ସ୍ୱଧର୍ମ ସଂକଳ୍ପ
ପଛଘୁଂଚା ଲେଖାନାହିଁ କେବେ ଭାଲପଟେ । ।

ଦିନ ଯାଏ ରାତିଆସେ  ନିତ୍ୟ ପରିକ୍ରମେ
ତୁମେ କିନ୍ତୁ ଅହୋରାତ୍ର ଭୀଷ୍ମ ଅବିଚଳ
"ଶତ୍ରୁ ପାଇଁ ଛାଡ଼ିବିନି ସୂଚ୍ୟଗ୍ର ମେଦିନୀ",
ଉଦ୍‌ଘୋଷୁଛି ଏହ, ତୁମ ଶିରା ଓ ଧମନୀ । ।

ଭାବିବାକୁ ଡର ନାହିଁ,
ଗାଁ ମୁଣ୍ଡ ପୋଖରୀ କୂଳର
ବାସନ୍ତୀ ବଉଳଫୁଲ ମହମହ ବାସ୍ନା
ରଜଦୋଳି ଖେଳ ଆଉ କୁମାର ଉତ୍ସବ । ।

ଭାବିବାକୁ ବେଳ ନାହିଁ ବାପାଙ୍କ ଶୁଖିଲା ମୁହଁ
ଭଉଣୀର ପାଠ ପଢ଼ାଶେଷ
ବଡ଼ବୋଉ ପାଳିଜର,
ବୋଉର ସେ ରାତି ଉଠା କାଶ । ।

ଭାବିବାକୁ ବେଳ ନାହିଁ,
କୂଅ ମୂଳ ତୁଳସୀ ଚଉରା
ନିତି ପ୍ରତି ଜଳୁଥାଏ ଯେଉଁ ସଂଜବତୀ
ସଭକ୍ତି ପ୍ରଣାମେ ଇଛି ସଂସାର ସଜଡ଼ା । ।

ହେ ବୀର ! ନୁହେଁ ତୁମେ ଏକା
ସାରାଦେଶ   ଠିଆ ତୁମ ସଙ୍ଗେ
ନତୁଟୁ ନତୁଟୁ ତୁମ ଅଟଳ ପ୍ରତିଜ୍ଞା
ଅବଶ୍ୟ ଉଇଁବ ତୁମ ଆଶାର ଅରୁଣ । ।

ସାର୍ଥକ ଜନମ ତୁମ ସାର୍ଥକ ଜୀବନ
ସମୟ ଭୁଲିବ ନାହିଁ ତୁମ ଦେଶପ୍ରେମ
ଇତିହାସ ଗାଉଥିବ ତୁମ ଜୟ ଗାଥା
ତୁମ ପାଇଁ ଛୋଟ ହେବ ଆଭୂମ ପ୍ରଣାମ । ।

ထထ

# ଅର୍ଦ୍ଧସତ୍ୟ

## ଶରତ ଚନ୍ଦ୍ର ରଥ

ଭାବିଭାବି ଜୀବନକୁ ପାରୁନି ମୁଁ ଜାଣି,

ଏମିତି ଏମିତି ହୁଏ କେମିତି କେଜାଣି ?
ପୁରୁଣାରେ ନୂଆ କିସେ ନୂଆରେ ପୁରୁଣା
ଜଣାରେ ଅଜଣା ଅବା ଅଜଣାରେ ଜଣା
କାହାଣୀର ଗୀତ କିସେ ଗୀତରେ କାହାଣୀ

ଭାବିଭାବି ଜୀବନକୁ ପାରୁନି ମୁଁ ଜାଣି ।୧।
ଭାବନାରେ ଭାବ ଅବା ଭାବରେ ଭାବନା
କଳ୍ପନାରେ ସତ ଅବା ସତରେ କଳ୍ପନା
ଯାମିନୀର ଅମା କିବା ଅମାର ଯାମିନୀ
ଭାବିଭାବି ଜୀବନକୁ ପାରୁନି ମୁଁ ଜାଣି ।୨।
ନିରାଶାରେ ଆଶା କିସେ ଆଶାରେ ନିରାଶା
ଭାଷାରେ ଭାବନା କିବା ଭାବନାର ଭାଷା
ଶ୍ରାବଣର ଲୁହ ଅବା ଲୁହର ଶ୍ରାବଣୀ
ଭାବିଭାବି ଜୀବନକୁ ପାରୁନି ମୁଁ ଜାଣି ।୩ ।
ଜଳରେ ନଉକା ଅବା ନଉକାରେ ଜଳ
ଲତାରେ ପତର କିବା ଲତାର ପତର

ପାଣିରେ ପାଖୁଡ଼ା ଅବା ପାଖୁଡ଼ାରେ ପାଣି
ଭାବିଭାବି ଜୀବନକୁ ପାରୁନି ମୁଁ ଜାଣି ।୪।

ଚନ୍ଦନରେ ବାସ ଅବା ବାସରେ ଚନ୍ଦନ
ପବନରେ ଛନ୍ଦ କିବା ଛନ୍ଦରେ ପବନ
ପାଣିରେ ଭଉଁରୀ କିବା ଭଉଁରୀର ପାଣି
ଭାବିଭାବି ଜୀବନକୁ ପାରୁନି ମୁଁ ଜାଣି ।୫।
କସ୍ତୁରୀମୃଗ ସେ ଅବା ମୃଗର କସ୍ତୁରୀ
ମାଳର ତୁଳସୀ କିବା ତୁଳସୀର ମାଳୀ
ଧରଣୀର ଧୂଳି କିବା ଧୂଳିର ଧରଣୀ

ଭାବିଭାବି ଜୀବନକୁ ପାରୁନି ମୁଁ ଜାଣି ।୬।
ଦୀପର ଆଲୋକ କିସେ ଆଲୋକ ଦିପାଳି
ମାଳାର ମଣି କି ଅବା ମଣିର ସେ ମାଳୀ
ପାଣିର ବରଷା ଅବା ବରଷାର ପାଣି
ଭାବିଭାବି ଜୀବନକୁ ପାରୁନ ମୁଁ ଜାଣି ।୭।

ଓଓ

# ଭାଷା ନୀରବତାର

## ଶରତ ଚନ୍ଦ୍ର ରଥ

ତୁମକଥା ବସି କେତେ ମୁଁ ଲେଖିଲି
କିଛି ପାରିଲିନି ଲେଖି
ତୁମ ଛବି ବସି କେତେ ମୁଁ ଆଙ୍କିଲି
କିଛି ପାରିଲିନି ଆଙ୍କି ।୦।
କଳା  ଭଅଁରକୁ  ପଚାରିଲି ଦିନେ
କି ଗୀତ ଗାଉଛୁ ବସି
କିଛି ନକହି ସେ  ଆନମନା ହୋଇ
ଦେଲା ଖାଲି ଟିକେ ହସି ।
ସେହି ହସ ଥିଲା କହି ନକହିବା,
ନକହି କହିବା ସାକ୍ଷୀ ।୧।
ପଚାରିଲି ଦିନେ ଗିରିଝରଣାକୁ
ଏତେ ନାଚୁ କାହାପାଇଁ
ଦୂରେ ବହୁଦୂରେ ସୁନୀଳସାଗର
ରହିଚିକି ତୋତେ ଚାହିଁ ?
କିଛି ନକହି ସେ ନୀରବ ରହିଲା ଆଖିରେ ସରମ ମାଖି ।୨।
ପବନ ଦୋଳିରେ ଝୁଲୁଥିଲା ବସି
ସକାଳର ସଜଫୁଲ
କାହାଲାଗି ଏତେ ସୁମଧୁର ହସ
କିଏ ଦେବ ତାର ମୂଲ ।
ନୀରବ ଭାଷାରେ କହିଦେଲା ମତେ କେତେ କଥା ମନଲାଖି ।୩।
ପଚାରିଲି ଦିନେ ଶିଶିର ବିନ୍ଦୁକୁ
କାହାପାଇଁ ଯାଉ ଝରି
ଗୋଟାଇ ନେବାକୁ କିଏ ବସିଛି କି
ଯତ୍ନେ ପଣତ ପାରି  ।
ଯାହା ସେ କହିଲା ସବୁ ବୁଝିହେଲା, ହବନାହିଁ କିଛି ଲେଖି ।୪।
ସକାଳ ପକ୍ଷୀକୁ ପଚାରିଲି ଦିନେ

କାହାପାଇଁ ଗାଉ ଗୀତ
ଆସୁଛନ୍ତି କିବା ଦୂର ରାଇଜରୁ
ସତେକି ତୋ ପ୍ରାଣମିତ ।
ଚାହାଣିରେ ତାର ଫୁଟିଫୁଟି ଗଲା ଫୁଲ କଢି ପେଛି ପେଛି ।୫।

ꝏꝏ

Dr. Sarat Chandra Rath, is Former Professor and Head, Department of Odia, Utkal University, Bhubaneswar. He is an unabridged writer, researcher and critic. He is well-known as a lyricist and column writer. Over thirty books are to his credit. He is winner of several awards including the prestigious 'Bhaktakabi Memorial Gold Medal'.

# Staircase of bones

## Prahallad Satapathy

At mid night
My octogenarian mother
Comes to me in silent steps
Scaling the staircase of her bones.

She is reduced to a voice only!
Quite feeble, not visible
To find her I search her voice
As if she is a bird sitting on the
limbs of a fleshy tree
Covered with yellow leaves!

These days aged mothers are not visible
to their short-sighted sons,
hard of hearing even they are.
Very feeble being the sensitivity of our time!

One can foresee better one's
Career prospect through
the rear-view mirror of speed
No time for the aged.

What sort of insanity that we are griped in
Is it the effect of capitalism
with its newly discovered hair dye
Coloring the age of time?

The mother is just a piece of antics
Placed somewhere in the cupboard
Along with other forgotten trophies
Of childhood left to the cobweb to weave dream !

∞∞

Dr Prahallad Kumar Satapathy, Balangir, is a retired Asso Professor of Economics. A bilingual poet, in Odia and English, with four anthologies, published in many national and international magazines. He has been nominated twice to Odissa Sahitya Academy. His poem Staircase of bones has been published in a multilingual anthology.

# ଜହ୍ନ ପଡ଼ିଚି

## ସୁବ୍ରତ କୁମାର ଦାସ

ନିର୍ମଳ ଚନ୍ଦ୍ରାଲୋକ । ମିଠା କିରଣ । ଲନ୍‌ରେ, ବାଲ୍‌କୋନିରେ, ରାସ୍ତାରେ, ରେସ୍ତୋଁରା ସାମ୍ନାରେ ବିଞ୍ଚି ହୋଇପଡ଼ିଚି । ଆଃ.. କି ମୁଲାୟମ୍! କେତେ ଦିନ ହେଲା ସେ ଜହ୍ନ ଦେଖିନଥିଲା? କେତେ ମାସ.. କେତେ ବର୍ଷ..? ଦିଲ୍ଲୀର ଏ କଂକ୍ରିଟ୍ ଜଂଗଲ ଭିତରେ ତାରି ପରି ଜହ୍ନ ହଜିଯାଇଥିଲା । ଲୋଡ୍ ସେଡ଼ିଂ । ବିଜୁଳି ପାଇଁ କେତେ ହରତାଳ, ହଂଗାମା, କୁଶପୁତ୍ତଳିକା ଦାହ ଆଜିକାଲି । ଇନ୍‌ଭର୍ଟର ଖରାପ ହୋଇନଥିଲେ ସେ ବାହାରକୁ ବାହାରି ନଥାନ୍ତା ।

ଅନ୍ୟମନସ୍କ ହୋଇଗଲା ଅନିମେଶ । ଧାରେ ସିଂଘାଣି । ମୋଡ଼ାମକ୍‌ଚା ପେଣ୍ଟ, ଡିମିରି ଫଳ, ନଡ଼ିଆକଂଚିରେ ରଥ, କୁଲେଇ, ଶଢ଼େଇ, ଧୂଳିପତ୍ରରେ ସଂସାର ଓ ଅଝଟପଣ । ଅହେତୁକ କାନ୍ଦ ସହ ଗୋଳି ହୋଇ ଝରିପଡୁଚି ଗୋଟେ ମିଠା ମହକଭିଜା ସୁର- 'ସରଗୁ ଅଇଲା ଗୁଡ଼ି । ଜହ୍ନ ରାଇଜକୁ ଯିବୁ ତୁ ଉଡ଼ି ।

ତା' କାଂଦ ଏ ଯାଏ କମିନି । କୋଉ ଗଭୀର ଅନ୍ତଃସ୍ଥଳରେ ଚାପିହୋଇ ରହିଛି ସେ କାଂଦ । ହାବୁକା ମାରି ଉଠି ଆସୁଚି ।

ଅନ୍ୟମନସ୍କତାର ଆଢୁଆଳରେ ଠିଆ ହୋଇଚି ପିଲାଟି ।

ଜହ୍ନ ପଡ଼ିଚି ।

ବାପା ଦୀନବଂଧୁ ଭାଗଚାଷୀ । ଖୁବ୍ ପରିଶ୍ରମୀ । ଧାନଗଣ୍ଡାକ ଉପରେ ସବୁ ଧାପ । ଗଲାଅଇଲା, ବଂଧୁବାଂଧବ, ଦେ'ଦିଆଣି, ଦେଣ ନେଣ, ସାହୁକାର ମହାଜନ, ରୋଗ ବଇରାଗ ସବୁକିଛି । ବାପାଙ୍କ ଆଖିରେ ଆଖିଏ ସ୍ୱପ୍ନ । ଅନୁ ପାଠପଢ଼ି ମଣିଷ ହେଲେ ତାଂକ ଦୁଃଖ ଯିବ । ନିଃଶ୍ୱାସ ମାରିବାକୁ ବେଳ ମିଳିବ ।

ସେ ପଢ଼େ । ବାପାଙ୍କୁ ପାରୁ ପର୍ଯ୍ୟନ୍ତ ସାହାଯ୍ୟ କରେ । ହଳ, ଯାଁଳ, ରୁଆପୋତା, ଦୋହଡ଼, ଧାନକଟା, ଖଳାଚଞ୍ଚା ସବୁଠି ତା' ହାତର ସ୍ପର୍ଶ ଥାଏ । ବାପା ଖୁସି ହୁଅନ୍ତି । ଅଧାଏ ଭାଗବତ ପଢ଼ି ଦେଲେ ତାଂକ ଆଖିର ଉଜ୍ଜ୍ୱଳତାରେ ମୁଖର ହୋଇଉଠେ ସନାତନୀ ସଂଜ!

ଅନ୍ୟମନସ୍କତାର ଆଢୁଆଳରେ ଠିଆ ହୋଇଚି ଯୁବକଟି ।

ଜହ୍ନ ପଡ଼ିଚି ।

ଭୋକର ଭୂଗୋଳ ଓ ଜିଜୀବିଷା ଭିତରେ ମେଂଚେ ଜହ୍ନଆଲୁଅପରି ପଶିଆସିଲା ନୀତା । ଅଥଚ ବାପାଙ୍କ ଇଚ୍ଛା 'ଅନୁ ବଡ଼ମଣିଷ, ଖୁବ୍ ବଡ଼ମଣିଷ ହେବ'- ସେଠି ଆଗୁଳେଇ ଠିଆ ହୋଇଥିଲା ।

ବାପାଙ୍କ ଇଚ୍ଛାକୁ ଆଖି ଆଗରେ ରଖି ସେ ପଢ଼େ । ବେଳେବେଳେ ଗୀତ ଗାଏ- 'ହମ୍ ତେରେ ସହର ମେ, ଆୟେ ହେଁ ମୁସାଫିର୍ କି ତରହା' ଏଇ ଗୀତର ଧାରେ ଧାରେ ଆସନ ପାତିଲା ନୀତା । ତାକୁ ତା'ପରିଧିରୁ ମଧ୍ୟରୁ ବାହାର କରିପାରିଲାନି ଜହ୍ନାରୁ ।

କାକର ବୃନ୍ଦା, କଂକି, କବିତା

ନିରୁତା ନିଆଁର ନେଛି ନେଛି ଫୁଲ, କଦମ୍ବର ପରାଗ-ନୀତା

କେରାଏ ହସରେ ଧାନକେଣ୍ଡା-ନୀତା !

ଅଂଧାରକୁ ରଂଗୋଉ ରଂଗୋଉ ମୁଖର କୋଳାହଳକୁ ନୀରବତାର ତପସ୍ୟାରେ ଆଉଟି ନୀତା ତା ପରିଧି ମଧ୍ୟରୁ ବାହାରି ଗଲା । ଜହ୍ନ ଆଲୁଅରେ ଅଶିଣ ଶେଷ କାଶତଣ୍ଡୀର ଶୀର୍ଣ୍ଣ ଆକୁଳତା ନେଇ ସେ ଠିଆ ହୋଇଥିଲା । ହିଡ଼ମୁଣ୍ଡ କୋଇଲିଖିଆ କଣ୍ଟା ପରି ରୁଗ୍ରୁଗ୍ କରୁଥିଲା ଅଭାବବୋଧ । ବୋଉର ସଂଜ ସଳିତାରେ ବହକୁଥିଲା ସଂସାରୀ ସ୍ୱପ୍ନ: 'ଝିଅଟି ହାତକୁ ଦି' ହାତ ହୋଉ, ପୁଅ କୋଉଠି କୂଳ ପାଉ ।' ଜହ୍ନ ଆଲୁଅ, ବଂଶୀ, ନୁଆଁଣିଆ ଚାଳ ଓ ଚଉଁରାମୂଳ ସଂଜବତୀକୁ ପଛ କରି ସେ ଚାଲିଆସିଲା ଦିଲ୍ଲୀ ।

ଜହ୍ନ ପଡ଼ିଚି ।

ଧୂଳିଧୂଆଁ, ଧାଁ-ଦଉଡ଼, ଉଚ୍ଚ ଉଚ୍ଚ ଆପାର୍ଟମେଣ୍ଟ, କଂକ୍ରିଟ୍ ଜଂଗଲର ମାରୀଚମାୟାରେ ସିଝୁଥିଲା ସେ । ପିଜା, ବର୍ଗର, ନଗେଟ୍ ରୋଲ୍, ଚିକେନ୍‌କ୍ଲଜ୍, ପାଓଭାଜି, ଆଇସ୍‌କ୍ରିମ୍‌ର ଧାଡ଼ିଧାଡ଼ି ଷ୍ଟଲ୍ ପାଖରେ ରଂଗବେରଂଗ ଗହଳି ଓ ଖିଲ୍‌ଖିଲ୍ ହସର ପ୍ରଜାପତି ଘୂରିବୁଲୁଥିଲାବେଳେ ତା' ଆଖିରୁ ଉଡ଼ିଯାଉଥାଏ ଜୁଳୁଜୁଳିଆ ପୋକ । ସେ ଘୁଞ୍ଚିଗଲା ପଛକୁ । ଭଂଗାକାଚ, ଛିଣ୍ଡା ଚପଲ, ଛିଣ୍ଡା ପଲିଥିନ୍ ଭିତରେ ଥକ୍‌କା ମାରି ବସିଥିବା ସ୍ୱପ୍ନର ଅସହାୟତା ଆଡ଼କୁ । ଏତେ ଅଭାବ, ଏତେ ହତାଶା, ଏତେ ଯନ୍ତ୍ରଣା ଭିତରେ ପୁଣି ବଂଚିବାର ଏତେ ନିଶା!

କୁଟାଖିଏକୁ ଆଶ୍ରା କରି ସେ କୂଳପାଇଲା । ଏକ କୋରିୟର କଂପାନୀରେ ମାସକୁ ତିନିହଜାର ବେତନରେ ଯୋଗ ଦେଇ ପା' ଭିଡ଼ିଲା । ସଂଗ୍ରାମବିହାରରେ ବଖୁରେ ଭଡ଼ାଘର ନେଇ ରହିଲା । ସେଇଠି ଘୂରାଫେରା ଆରମ୍ଭ କରିଦେଲେ ସ୍ୱପ୍ନ । ସେ ଚିହ୍ନିଲା ରାସ୍ତାଘାଟ । ମଦନଗିରି, ଖାନ୍‌ପୁର, ଦେଓଲି, କୋଟ୍‌ଲା କ୍ରମେ ଦିଲ୍ଲୀ ।

ଜହ୍ନ ପଡ଼ିଚି... ।

କୋଟ୍‌ଲାର ହୋଲିଫେଥ୍ ଆପାର୍ଟମେଣ୍ଟ । ଅଠାବନ ନଂବର କ୍ୱାର୍ଟରରେ ପ୍ୟାକେଟ୍ ପହଂଚାଇ ଫେରି ପଡୁ ପଡୁ ଭଦ୍ରମହିଳାଙ୍କ ଡାକରେ ଅଟକି ଗଲା ସେ । ଦୁଇ ତିନି ଥର ଆସିଛି । ତାଂକ ସମ୍ଭାଷଣ, ଆମନ୍ତ୍ରଣ ଓ ଲୋମଶ ଚାହାଣିରେ କମ୍ପି ଉଠି ନିଜକୁ ସହଜ କରିନେଲା ।

-ତୁମ୍‌ହାରା ଘର, କିଧର ହେ ?

-ଓଡ଼ିଶା

-କିତ୍‌ନେ ଦିନ୍‌ସେ ଦିଲ୍ଲୀ ମେଁ ହୋ ?

-ଯଦି କୋଇ ଚାର୍ ମହିନା ।

-ଓଃ ନୟା । ମେରେ ସାଥ୍ ବିଶ୍ୱାସ ସେ ରହେ ସକତେ ହୋ

-ହାଁ ।

ସେ କାଢ଼ି ନେଲେ ପରଂପରା, ସଂସ୍କାର । କୌଳିକତାର ପରସ୍ତ ପରସ୍ତ ଆସ୍ତରଣକୁ ଦଳିମକ୍‌ଚି ଗୋଟେ ଗାଉଁଲି ଲାଜକୁଳା ପଣ । ସେହିଁ ଶିଖାଇ ଦେଲେ ଦିବାଲୋକରେ ଅଂଧାରକୁ ଡକାଯାଏ କେମିତି ! ଶଙ୍କୋଳିଥିବା ଅଂଧାରକୁ ପଢ଼ିବାର ଯାବତ କୌଶଳ ସହ ମାଠିହେବାକୁ ହୁଏ କେମିତି! ଘନ ଆଶ୍ଳେଷରେ ଅଂଧାରକୁ ତରଳାଯାଏ କେମିତି!

ପ୍ରତିଟି ଆମନ୍ତ୍ରଣ, ତୃପ୍ତିର ଉଜ୍ଜ୍ୱଳତାରେ ପନ୍ଦର ହଜାର !

ସେ ହତଚକିତ, ବିସ୍ମିତ, ବିସ୍‌ଫାରିତ, ବିଭୋର, ଅଭ୍ୟସ୍ତ । ଏଠି ଶୋଷ ଆଉ ଶୋଷ, ତାର ଶେଷ ନାହିଁ ।

ଜହ୍ନ ପଡ଼ିଚି...

ଭଉଣୀକୁ ବଡ଼ଘରେ ବାହା ଦେଇଛି ।

ଘର ପାଇଁ ସାଧବବୋହୂ ।

ବାପାଙ୍କ କ୍ରିୟାକର୍ମକୁ ଯାଇପାରିଲାନି, ଅଥଚ ପର୍ଯ୍ୟାପ୍ତ ଅର୍ଥ ପାଣିପରି ବୁହାଇ ଦେଇଥିଲା । ପଚାଶ ଖଣ୍ଡ ଗାଁରେ ଏମିତି କ୍ରିୟାକର୍ମ ହୋଇନଥିଲା ।

ସେ ଆଗକୁ ବଢ଼ିଚି ଖୁଉବ୍ ..ଖୁଉବ୍... ।

ଶୁଭାଂଗୀ କ'ଣ କରୁଥିବ ଏବେ?

ପୋର୍ଟିକୋରେ ନଡ଼ିଆପତ୍ର ଫାଙ୍କରୁ ଥୋପି ପଡୁଥିବା ଜହ୍ନ କିରଣଠି ଅନୂଢ଼ା ରୋମାଂଚ ଥାପୁଥିବ ନା ବୋଉକୁ ଶୁଣାଉଥିବ ଭାଗବତ!

ଗୋଟେ ଜଟିଳ ଦୁଃଖର ତାରକସି କାରୁକାର୍ଯ୍ୟରେ ଲଟକିଥିବ ଛାତି, ଛାତିରେ ଜହ୍ନ !

ନଈର ଗୀତ, କିଆଫୁଲର ବାସ୍ନା, ଆମ୍ବଚଟଣି, ବଡ଼ିଚୂରା ମୋହ ଭିଡୁଚି । ବିଛେଇ ହେଇ ପଡୁଚି କୁହୁଳା କୋହ ଓ କାଂଦ ।

ସେ ଫେରିବ ମୃଣ୍ମୟଶୋଷର ପାରିଧିରୁ ....

ଜହ୍ନ ଖେଳେଇ ହୋଇ ପଡ଼ିଚି ।

∞∞

ସୁବ୍ରତ କୁମାର ଦାସ, ବରିଷ୍ଠ ଅଧାପକ, ବରୁଣେଶ୍ୱର ମହାବିଦ୍ୟାଳୟ

# ବିବେକକୁ ପ୍ରଶ୍ନ

**ଅମ୍ବିକା ସ୍ୱାଇଁ**

ଦୁଇ ଦିନ ହେଲା କାମବାଲି ବିନି କାହିଁକି ଆସୁନି, ଅସୀମା କିଛି ଜାଣି ପାରୁନି, ବାର୍ ବାର୍ ଫୋନ ଲଗାଇ ଥକିଲାଣି ଫୋନ ବି ତାର ଲାଗୁନି । ସେ ତ କେବେ ନ କହି କି ଛୁଟିରେ ରହେନା ! କିନ୍ତୁ କଣ୍ ପାଇଁ ଆସୁନି ଏମିତି ଭାବି ଭାବି ତାକୁ ଭାରି ବ୍ୟସ୍ତ ଲାଗୁ ଥାଏ, ହଠାତ୍ ରାତି ୮ ଟା ହେବ, କଲିଂ ବେଲ୍ ଶବ୍ଦ ଶୁଣି କବାଟ ଖୋଲି ଦେଖେ ତ ବିନି ଠିଆ ହୋଇଛି, 'ଆରେ ବିନି ତୁ ଏତେବେଳେ କଣ୍ ଆସିଛୁ ?' ଦୁଇ ଦିନ ହେଲା କେଉଁଠି ଥିଲୁ? କାନ୍ଦ କାନ୍ଦ ସ୍ୱରରେ ସେ କହିଲା, 'ମାଆ ମୋ ପୁଅ ଦେହ ଭୀଷଣ ଖରାପ ମୋତେ ଦଶ ହଜାର ଟଙ୍କା ଦିଅ, ମୁଁ ତାକୁ ହସ୍ପିଟାଲ୍ ନେଇ କି ଯିବି । ତା'ର ନିଶ୍ୱାସ ନେବାରେ କଷ୍ଟ ହେଉଛି, ତାକୁ ଜର ହୋଇଛି ଡାକ୍ତରପାଖକୁ ନେଇ କି ଯାଇଥିଲି, ସେ କହିଲେ ତାକୁ କୋରାନା ହୋଇଛି ।' 'ଆରେ କଣ୍ କହୁଛୁ ବିନି, ତୁ..... କୋରାନା ?'

ଅସୀମା ଏ କଥା ଶୁଣି ତା ଛାତି ଥରି ଉଠିଲା କଣ୍ କରିବ କିଛି ବୁଝି ପାରିଲାନି, ମନେ ମନେ ଭାବୁଥାଏ ମାସ ଶେଷରେ ମୋ ପାଖରେ ଏତେ ଟଙ୍କା ବା କାହିଁ ? ପୁଅ ପାଠ ପଢ଼ା ଖର୍ଚ୍ଚ ଘର ଖର୍ଚ୍ଚ ଯେତିକି ଆବଶ୍ୟକ ପଡେ ସ୍ୱାମୀ ହିସାବ କରି ସେତିକି ଟଙ୍କା ପଠାଇ ଦିଅନ୍ତି ଆମ ପାଖକୁ । ସେଥିରେ ମା ପୁଅ ଆମେ ସୁରୁଖୁରରେ ଚଳିଯାଉ । ବେଳେ ବେଳେ ମୋ ଆକାଉଣ୍ଟରେ ଥିବା extra ଟଙ୍କା ବି ଖର୍ଚ୍ଚ ହୋଇ ଯାଏ ।

ଏମିତି ଭାବି ଭାବି ଅସୀମା ବଡ଼ ଚିନ୍ତାରେ ପଡିଗଲା, ଏପରି ବିପଦ ସମୟରେ ତାକୁ ଯଦି ସାହାଯ୍ୟ ନ କରିବ, ବିଚରା ତା ପିଲାଟିର ଅବସ୍ଥା କଣ୍ ଯେ ହେବ । ତା ଦରଦୀ ହୃଦୟ ବ୍ୟାକୁଳିତ ହେଲା, ଭାବିଲା ଅନେକ ଚିହ୍ନା ପରିଚୟ ସାଙ୍ଗସାଥି ଅଛନ୍ତି, କାହାଠାରୁ ଧାର ମାଗି ଆଣି ତାକୁ ଦେଇଦେବି, ବିନିକୁ ସେ ପ୍ରତିଶ୍ରୁତି ଦେଲା, ତୁ ବ୍ୟସ୍ତ ହଅନା, ଟିକେ ଅପେକ୍ଷା କର ।

ତାର ଦୁଇ ଜଣ ବନ୍ଧୁ, ଯେଉଁମାନେ ଭଲ ଦରମାରେ ଚାକିରୀ କରିଛନ୍ତି, ଏବଂ ତା ସହ ସେମାନଙ୍କର ଭଲ ସମ୍ପର୍କ ମାତ୍ର ପାଞ୍ଚ ହଜାର ଟଙ୍କା ଲେଖାଏଁ ଧାର ସୂତ୍ରରେ ମାଗିଲା, କେବଳ ଚାରି ଦିନ ମଧ୍ୟରେ ପଇସା ଫେରାଇ ଦେବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଲା, ସେମାନେ ବିଭିନ୍ନ ଆଳ ଦେଖାଇ ପଇସା ନାହିଁ ବୋଲି ସିଧା ସଳଖ ରୋକ୍ ଠୋକ୍ ମନା କରି ଦେଲେ । ମଣିଷ ଚିହ୍ନି

ପାରିଲେନି । ଏହା ଅସୀମାକୁ ଖୁବ୍ କଷ୍ଟ ଦେଲା, ଏହା ତା ପାଇଁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ମନ କଷ୍ଟରେ ସନ୍ତୁଳି ହେଲା ।

ତାକୁ ଖୁବ୍ ଚିନ୍ତା ଘାରିଲା । ବିନିକୁ ସାହାଯ୍ୟ କରି ନ ପାରିବା ଦୁଃଖରେ ଭାଙ୍ଗି ପଡିଲା,ଏବଂ ଈଶ୍ୱରଙ୍କୁ କାକୁତି ମିନତି କରି ଜଣାଇଲା, ପ୍ରଭୁ please ଏପରି ବିପଦ ବେଳେ ମୋତେ ସହାୟ ହୁଅନ୍ତୁ, ମୁଁ ମୋ ପାଇଁ ନୁହେଁ ସେହି ଗରିବ ବିନିର ପୁଅ ପାଇଁ ହିଁ ସାହାଯ୍ୟ ଚାହୁଁଚି । ଯାହାହେଉ, ବଡ଼ ଆଶ୍ଚର୍ଯ୍ୟ କଥା ସାଙ୍ଗେ ସାଙ୍ଗେ ତାର ଫୋନ ବାଜି ଉଠିଲା, ତାର ଆଉ ଜଣେ ଅନ୍ତରଙ୍ଗ ସାଙ୍ଗ ଫୋନ କରିଥିଲେ ତାଙ୍କୁ କଥା ଛଳରେ ଟଙ୍କା କଥା କହି ଦେଲା । ବିନି କଥା ନ କହି ତା ନିଜର ଟଙ୍କା ଜରୁରୀ ଅଛି ବୋଲି କହିଲା, ସେ ସହୃଦୟର ବନ୍ଧୁ ଜଣକ ମାତ୍ର ପାଞ୍ଚ ମିନିଟ୍ ଭିତରେ ଦଶ ହଜାର ଟଙ୍କା ତା ଆକାଉଣ୍ଟକୁ ପଠାଇ ଦେଲେ, ସେ ସାଙ୍ଗେ ସାଙ୍ଗେ ଘର ପାଖ ATMରୁ ଟଙ୍କା ଉଠାଇ ବିନି ହାତରେ ଧରେଇ ଦେଲା, ଭଗବାନଙ୍କୁ ବିନମ୍ରତାର ସହ ପ୍ରାର୍ଥନା କରି କହିଲା ପ୍ରଭୁ ବିନିର ପୁଅକୁ ଶୀଘ୍ର ଭଲ କରି ଦିଅନ୍ତୁ । ଭଗବାନଙ୍କ କୃପାରୁ ପିଲାଟି ଭଲ ହୋଇଯାଇଛି । ସୀମା ଆଜି ବହୁତ୍ ଖୁସି....!!

ସେ ଧାର ଆଣି ଥିବା ଟଙ୍କା ମଧ ଯଥା ସମୟରେ ସେ ବନ୍ଧୁଙ୍କୁ ଫେରାଇ ଦେଇଛି । ଆଜି ବିନି ଖୁସି ମନରେ ଆସିଛି ଓ ସୀମାକୁ କହୁଛି ମା' ଆପଣଙ୍କ ପାଇଁ ମୋ ପୁଅ ବଞ୍ଚିଗଲା ଆପଣ ଯଦି ଟଙ୍କା ସାହାଯ୍ୟ ନ କରିଥାନ୍ତେ ମୋ ପୁଅର କଣ ଯେ ହୋଇ ଥାନ୍ତା !!!!! ସୀମା କିନ୍ତୁ ଭାବୁ ଥିଲା, ସେହି ମହାନ୍ ଅଦୃଶ୍ୟ ଶକ୍ତିଙ୍କ କରାମତିକୁ.., ମନେ ମନେ ଧନ୍ୟବାଦ୍ ଦେଉ ଥିଲା ତତକ୍ଷଣାତ ସାହାଯ୍ୟ କରିଥିବା ସେହି ମହିୟସୀଙ୍କୁ ।

ସୀମାର ଆଜି ମନେ ପଡ଼ି ଯାଉଛି ସେହି ପନ୍ଦର ବର୍ଷା ତଳର ଘଟଣାଟି, ସେତେବେଳେ ତା ପଡ଼ିଶା ଘରେ ଭଡ଼ା ରହୁଥିବା ଜଣେ ସ୍ତ୍ରୀ ଲୋକର ସ୍ବାମୀଙ୍କର ହଠାତ୍ accident ହୋଇ ହସ୍ପିଟାଲରେ ପଡିଥାନ୍ତି, ଏହି ସମୟରେ ତା ପୁଅ ବବୁଲର ଇଞ୍ଜିନୟରିଙ୍ଗ୍ କଲେଜ ଡିପ୍ଲୋମାରେ admission ପାଇଁ ଶେଷ ତାରିଖ ଆଉ ୨୦ ହଜାର ଟଙ୍କା ତାର ଦରକାର ପଡୁ ଥାଏ, କିନ୍ତୁ ତା ପାଖରେ ନଥାଏ ।

ତାଙ୍କ ଅବସ୍ଥା ଏତେ ସ୍ୱଚ୍ଛଳ ନୁହେଁ । ପଡୋଶୀ ସୀମାକୁ ସେ ଭାରି ଭଲ ପାଆନ୍ତି, ଦୁଃଖ ସୁଖ ଭଲ ମନ୍ଦ ସବୁ ସୀମାକୁ କୁହନ୍ତି, ସୀମାର ଅନ୍ୟକୁ ସାହାଯ୍ୟ କରିବା ମନୋବୃତ୍ତିକୁ ଭାରି ପ୍ରଶଂସା କରନ୍ତି, ଯେତେ ବେଳେ ଯାହା ଦରକାର୍ ପଡେ ସୀମା ତାଙ୍କୁ ସାହାଯ୍ୟ କରେ, ୫୦୦/୧୦୦୦ ଯେତେବେଳେ ମାଗନ୍ତି ତାଙ୍କୁ ଦେଇ ଦିଏ । ବବୁଲର ମା (ସନ୍ଧ୍ୟା) ସବୁବେଳେ ସୀମାକୁ କୁହନ୍ତି ଅପା

ଆପଣଙ୍କ ପରି ଲୋକ ଦୁନିଆରେ ବିରଳ,  ନିଜେ ନ ଖାଇ ଅନ୍ୟକୁ ଦେଇ ଦିଅ ।  ହଁ ମ  ଅପା ତୁମକୁ ଭଗବାନ୍ ସବୁବେଳେ ନିଶ୍ଚୟ ସାହାଯ୍ୟ କରିବେ !!!! ପ୍ରଶ୍ନ ଉତ୍ତର ସବୁ ନିଜ ମୁହଁରେ....!!!

ସୀମା କୁହେ ନା'ରେ ସନ୍ଧ୍ୟା ଭଗବାନ୍ ବି ବେଳେ ବେଳେ ବହୁତ୍ ପରୀକ୍ଷା କରନ୍ତି । ଆମକୁ ତାଙ୍କ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବାର ଅଛି । ମୋ ପିଲା ଦିନର ସ୍ବପ୍ନ ଅନ୍ୟକୁ ସାହାଯ୍ୟ କରିବା । ଅନ୍ୟର ଦୁଃଖ ସୁଖ ହାନି ଲାଭ ବୁଝିବାରେ,  ମୁଁ  ଖୁବ୍ ଆନନ୍ଦ ପାଏ  । ସେଥିପାଇଁ ତ ସମାଜ ସେବା କରିବାକୁ ଆଗେଇ ଆସିଛି, କେତେ ସଫଳ,ସମୟ କହିବ । ତୁମେ ସନ୍ଧ୍ୟା ଏତେ ଆଉ ପ୍ରଶଂସା କରନି !!!

ହଁ ସେଦିନର କଥା କହୁଥିଲି, ସୀମାକୁ  ୨୦ ହଜାର ଟଙ୍କା ଧାର ମାଗିଲା ସନ୍ଧ୍ୟା, ତା ପୁଅ ତା admission ପାଇଁ  । ସୀମା ପାଖରେ ମାତ୍ର ପାଞ୍ଚ ହଜାର ଟଙ୍କା ଥାଏ । କଣ୍ କରିବ କିଛି ଚିନ୍ତା କରି ପାରିଲାନି, ସେହି ପାଞ୍ଚ ହଜାର ଟଙ୍କା ତା ହାତରେ ଧରେଇ ଦେଇ କହିଲା ହଉ ତୁମେ ଯାଅ ମୁଁ ଦେଖୁଛି....., ତା ସ୍ବାମୀଙ୍କୁ ଟଙ୍କା କଥା କହିବାକୁ ସାହାସ ହେଲାନି । କଣ୍ କରିବ ଭାବି ଭାବି ମୁଣ୍ଡରେ ଗୋଟେ ବୁଦ୍ଧି ଜୁଟିଲା । ତାର ସୁନା ଗହଣା ଅନେକ ଥାଏ କାନ  ଝରା, କାନ ଫୁଲ ୫/୬ ହଳ  ଥାଏ, ସେଇଥିରୁ ଦୁଇ ହଳ ଧରି ପାଖ ବଣିଆ ଦୋକାନକୁ ଗଲା, ବଣିଆକୁ କହିଲା, "ଦେଖିଲ ଭାଇ ଏହି ଦୁଇ ହଳକୁ ବିକ୍ରି କଲେ  ପନ୍ଦର ହଜାର ଟଙ୍କା ହେବ  କି ? ସେ କାନ ଝରାକୁ ଓଜନ କରି ଦେଖିଲା 'ମ୍ୟାଡାମ୍ ଏହି ଗୋଟିଏ ହଳ ୧୭ ହଜାର ଟଙ୍କା ହେବ । ଯାହା ହେଉ ସେହି ହଳକ ବିକ୍ରି କରି ସନ୍ଧ୍ୟାକୁ ଟଙ୍କା ଦେଇ ଦେଲା ସୀମା ।  କିନ୍ତୁ ତାକୁ କେବେ ବି କହି ନଥିଲା, ମୁଁ ମୋ କାନର ବିକ୍ରି କରି ତୁମକୁ ଟଙ୍କା ଦେଇଛି ।

ଯାହା ବି ହେଉ ସେ ତା ସୁବିଧା ଅନୁସାରେ ୨ବର୍ଷ ପର୍ଯ୍ୟନ୍ତ  ଧୀରେ ଧୀରେ କରି ଟଙ୍କା ସୁଝିଲା ।

ଆଜି ଅସୀମାର ମନ ଭାରାକ୍ରାନ୍ତ, ତା ନିଜ ବିବେକ କୁ  ପ୍ରଶ୍ନ ପଚାରୁଛି, ଜଣଙ୍କ ବିପଦ ବେଳେ ମୁଁ କାହା ଠାରୁ ଧାର ମାଗି ଅନ୍ୟକୁ ସାହାଯ୍ୟ କରିଛି  ଠିକ୍ କରିଛି ନା ଭୁଲ୍ କରିଛି, ଯେଉଁ ମାନଙ୍କୁ ମୁଁ ଧାର ମାଗିଛି ତାଙ୍କ ଦୃଷ୍ଟିରେ ମୁଁ ଛୋଟ ହୋଇ ଯାଇନି ତ ?!!

୦୦

ଅମ୍ବିକା ସ୍ୱାଇଁ: କୋଠଘର ଆମ ସାହିତ୍ୟ ପରିବାରର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦିକା, ସାମାଜିକ ସଂଗଠନ ନିଫା ଭୁବନେଶ୍ୱର ଶାଖାର ସଭାପତି, ସମ୍ମାନ: ସାହିତ୍ୟ ସଙ୍ଗମ କଟକ, କୋଣାର୍କ ଓଡ଼ିଶା, ବିନ୍ଦୁ ସାହିତ୍ୟ ସମାଜ ଦ୍ୱାରା ଶାନ୍ତି ଦେବୀ ପୁରସ୍କାର ବିଶ୍ୱ ମାନବ କଲ୍ୟାଣ ସଂଗଠନ ଦ୍ୱାରା ଶ୍ରେଷ୍ଠ ଚନ୍ଦ୍ରିକା ଦରଦୀ କବୀ ସମ୍ମାନରେ ସମ୍ବର୍ଦ୍ଧିତ, ତୁଷାର ଶ୍ରୀ କବିତା ସମ୍ମାନ, ଭୁବନେଶ୍ୱର.

# The Boatboy

## Mona Dash

*Dhenkanal, Odisha, India, 1938*

The river grew wide at this time of the year, increasing in girth every passing day. Baji liked to sit on the banks and watch her swell.
'She is big, she won't grow anymore,' his mother would say.
'If she remains like this for a few more weeks, the paddy fields will be full,' his father would hope. Together they would dream, a bountiful crop, food the year round but that was when his father was still alive.
When Baji was only six years old, his father was claimed by a fever for days, then weeks. The kabiraja concocted a bitter paste to drink with water every night, the village priest visited to drive away the evil spirits. They assured he would be well soon. Instead, his father returned one evening from ferrying the boat, and collapsed. Baji reached out to touch him. His fingers recoiled. His father was stiff. He hadn't understood. His mother had started wailing, banging her head on the door of their hut. Within minutes, the villagers arrived. They had to take the body, they said. Someone carried Baji on his shoulders to the masani, the graveyard on the outskirts of the village. It was the duty of the son, however young, to light the pyre. The body laid on wood, some marigold flowers thrown on the coarse sheets, nothing elaborate 'for we are not like the wealthy Raja or his Zamindars,' his mother said.
It had been seven years ago, yet he couldn't forget the heavy stick he'd been handed and advised to bring down hard on his father's head. 'It breaks the skull and lets the insides burn,' they'd explained. They wiped his tears. They gave him a banana to eat. For years he would remember how his father's hand had suddenly jerked up. They said it happened when the logs of wood burned and dislodged the body, burnt black, as if to say Bye-bye, ta-ta the way he did when he left for work in the morning. Ta-ta, and Baji would wave back until the boat grew smaller and the water still once more. Ta-ta.

∞

The villagers worshipped Brahmani; calming her anger when she threatened to flood, praying for her waters to fill when there was a drought. The fields spanned their village Bhuban, then all the way up to the village of Ranpur.

Like the other boatmen, Baji's family lived on the banks of the Brahmani. His mother worked in the farmers' houses, grinding the paddy to husk. Baji went to school in the day, and in the afternoons, ferried the boat. The boatboy they called him. The villagers paid his mother with rice and grains. Sometimes he would catch fish; the silvery kokila flashing in the shallow waters, which his mother fried with salt, but only for him. 'Never, Baji, never!!' she'd shouted when he placed one small fish in the mound of rice she was eating. As a widow, she could only have vegetarian food, cooked with no ginger, garlic or onion; it was as much a sin to offer non-vegetarian food to a widow, as it was for her to eat it, she explained. It seemed the whole world conspired to add to his mother's sorrows, Baji thought.

∞

Once a month, the villagers were called upon to do bethi, work for the king, but with no wages. The palace on the hill, Yatna Mahal had been built through bethi. It had taken ten men five days to hang on the ceiling a decoration of lights and glass. It had come all the way from London, chandelier they called it.

'But why should we work without wages?' When Baji asked his mother, she would panic, cover his mouth with her small hands, silencing him, 'He's the king, the Raja. We have to serve him.'

Once, the villagers were instructed to cook kheer for the king's palace. Baji and his friend Fagoo watched, eyes popping, the milk from twenty cows, thickened, the rice soft just once to slurp that milky, sweet thickness. They were not allowed a single spoonful.

'But why must we cook for them and part with our food?' he asked.

'So much trouble,' his mother whispered. 'You will get into so much trouble.' She sat him down and explained the laws of the land. Bethi was only of them. There was begari, when they had to carry the luggage of the British officials and Indian kings, free of charge. There was rasad, when they had to deliver goods, free of charge. They could do nothing to change these rules.

His mother wore a widow's white, the aanchal covering her head. Her large eyes shone, tears in them, as always.

'Why are you crying again, Bou?' he asked, at which she sobbed louder.

∞

Baji looked at his reflection in the water, his bare body, the half dhoti, yellowish white, a bit tattered, tied firmly so that it didn't slip off. One day, he would leave Bhubhan, leave Dhenkanal district itself, and work in Cuttack. One day, he would wear a hat and coat, and speak in English. He

would be a sahib, just like the Englishman, the Political officer of Orissa, who had come to their school last week.

They had prepared for the visit for months. On the day, the school was swept. The children came in clean clothes, faces scrubbed, hair brushed. They gathered for the assembly. Every child received a ladoo; Baji held the sweet, orange ball in his hand, wanting to save half of it for his mother. His bites were too big perhaps, for very soon nothing was left, except for the taste of sugar and ghee on his tongue.

The sahib was tall, his hair shone. He wore dark glasses, so that the sun didn't burn his eyes. In bilat, England, there was no sun; the moon lived in the sky permanently. In bilat there were no huts, everyone lived in houses, for there were no poor people. It was hard for the sahibs to come and live here, but they did. They were not used to the heat, the dirt roads. 'We have to look after them,' their teacher explained. So the boys did. They fanned the sahib, standing in a circle around the tall wooden chair he sat on. Major Bazelgette, they tried to say his name, the syllables falling of their tongues. 'Majjor Bajjelgette', 'a softer zzz,' the teacher instructed, but try as he might, Baji could only say, 'Bajjelgette.'

∞

Nayantara, one of the village widows, lived with her parents, in the last hut, right where the bank sloped, and the mud was even softer. Sometimes Baji saw her, sitting outside, in her white saree, feet draped in the water. Her husband had died a year ago and she had been sent back by her in-laws. Everyone had gathered, Baji among them, to watch her walk back into her parents' house, face lowered; her parents not happy with the returned guest. A daughter's place was with her husband and in-laws, after all. Everyone was commiserating with the parents, but no one seemed to notice that Nayantara's eyes were red, mouth misshapen, the way it was when you cried for hours. When he mentioned this to his mother, she nodded and said things would have been worse had Sati still been prevalent.

When Baji thought of Nayantara in flames, the fire burning her body just like it had burnt his father's, he could feel the fire in his nostrils.

Sometimes Fagoo came in the morning, when the sun was still feeble in the sky, and waited with him by the boat. One such day as they dug pebbles in the mud and flung them into the water, he nudged Baji. A slim body in the water, white saree sticking to her legs, Nayantara was swimming fast, furiously. Baji looked away, but Fagoo stood still and stared.

'Is she alright?' Baji worried. Was she trying to cross the river? Did she need the ferry?

‘Ssshh, of course she is fine. She is having her bath. I want to watch her.’

‘You shouldn’t.’

‘Why not? Married at fourteen, widowed at sixteen, barren after two years, isn’t that what they say about her?’

He wanted to do something which would silence Fagoo, make him look away from Nayantara’s lithe form.

But just then, someone called out, ‘Boatman! Hey, boy!’

At the sound of the voice renting the still air, Nayantara disappeared, a flash of white, a flash of brown and gone. She must have swum underwater, but Baji didn’t see her resurface, and the three young men, were right there, ready to step into his little boat, talking animatedly all the time.

‘You are the boatman, not him? Can you row us all across?’ one of them asked, looking disbelievingly at Baji. Fagoo was so much bigger than him, but he was fifteen, a year or older than Baji.

‘I can. I do this every day,’ he said.

Out of all the people he had ferried, there was something different about these men. Almost as if they stood straighter, their voices louder, none of the whispers he heard from the other villagers. Baji heard the word bethi a few times. He strained to hear better.

They came back the next day. One of them even smiled at Baji as he got off the boat.

Back and forth the river, a few times in the month. Who were they? Where did they go?

‘Mohanty will join us, only a matter of time,’ one of them said.

‘Yes. We need more people like him. He refused to do bethi this month. They did a lathi charge, but he resisted.’

Baji, mustering courage interrupted, ‘Can we resist? Can we refuse to do bethi?’

‘Boy, what is your name?’ the one with the moustache asked. His face was serious.

‘Baji Rout.’

‘And your father’s?’

‘He died some years ago.’

‘By the king’s orders, no doubt!’ one of them laughed.

‘I amBaishnav. This is Raghu,  and Gobinda,’ the other man said pointing to himself and then the other two. ‘We are sorry about your father. But that is what they do. They make us slave, we die, and they eat… and eat.’

Baji remembered his father, his thin frame standing firm on the boat as he rowed. The vest he wore with three holes, one much larger than the others.

‘One day, Baji, it will all change. We will make it change!’ Baishnav’s eyes looked ahead, farther than where the river lapped on the other bank.

‘Do you go to school?’
Baji nodded.
‘Can you run an errand for us?’ Rabi asked.
‘One of our friends will come to the river bank tomorrow in the evening. Can you pass this note to him? He will come up to you and say ‘hukum. That’s the cue.’
They gave him a whole anna and waved at him when they got off. Baji waved, Ta-ta, the coin tight in his fist. Hukum meaning order. Hukum, hukum he practised all the way home.
The next evening, a young man, wearing a khadi dhoti stood at the riverside. Baji knew it had to be one of them even before he said the word. He knew from the gait, from the look. They exchanged smiles.

∞∞

(An extract from The BoatBoy, one of the short stories in *Let Us Look Elsewhere*. Published by Dahlia Book UK and available online from Dahlia Bookshop, Waterstones Online and Amazon)

Mona Dash is the author of A *Roll of the Dice: a story of loss, love and genetics* (Linen Press, UK 2019) winner of an Eyelands International Book Awards for memoir. Her debut short story collection *Let Us Look Elsewhere* published by Dahlia Books UK, received critical acclaim. *A*n earlier version of *Let Us Look Elsewhere* was shortlisted in the SI Leeds Literary Award, 2018. Her other published books are A *Certain Way*, *Untamed Heart*, and *Dawn-drops*. Her work has been listed in leading competitions such as Novel London 20, SI Leeds Literary award, Fish, Bath, Bristol, Leicester Writes and Asian Writer. She has been widely published in international journals and more than twenty-two anthologies. She is a member of The Whole Kahani, a British South Asian Writers Collective. Born and brought up in Odisha, Mona currently works in a global tech company and lives in London. www.monadash.net; Twitter: dash2mona; Instagram: monadash_

# Oneness

## Dinabandhu Sahoo



Acrylic on Canvas,24 x 30 inches

Soul mates made for each other even in crisis, the flame of their eternal endearment unperturbed by the storm raging all around. Two bodies united by one common consciousness of faith, love and the vow of staying together through the thick and thin, till the end of time. For what is true and untainted and cherished by the heart, even the darkest of days cannot tear apart

∞∞

# ଜୀବନ ଭୋଗ

## ଦୀନବନ୍ଧୁ ସାହୁ

ପାହାଡି ଗୁମ୍ଫା
ଚାପା ପଥର ସନ୍ଧିରୁ
ଗଜରୁଛି ମଞ୍ଜି,
ଅଙ୍କୁରିବ ଗଜା
ଡାଳପତ୍ର ମେଲି
ଶୂନ୍ୟରେ ଚରାଇବ ଚେର, ଆଶା...
ଫୁଲ, ଫଳ, ବାସ, ତ୍ରାସରେ ଭୋଗିବ ଜୀବନ ।

ଝଟପା ଝିଟିପିଟିର
ଆଁ ମୁଁହରେ
କୋମଳ କଙ୍କିର କଳେବର
ଭୋକ ମୁହଁରେ ସୁନେଲି ସ୍ୱପ୍ନ
ନିଆଁଧରା ଡେଣାରେ
ଧରାଶାୟୀ ଧ୍ରୁପଦ
କଇଁଚି କାଟରେ ଜୀବନ କୋଲାଜ୍
ନୀରବ ନିଃଶ୍ୱନ କଳରବ ।

ଫୁଲ ଫୁଲର ମଧୁସଂଚୟରେ
ମଦମତ ଅନ୍ଧ ମହୁମାଛି
ବଣୁଆ ଆଖିରେ ବଢନ୍ତି ମହୁଫେଣା
ବେଳଉଣ୍ଡି ଭାଙ୍ଗିବ ମହୁ
ମେଣ୍ଟାଇବ ଭୋକ
ମେଣ୍ଟାଇବ ଗୁଜୁରାଣ,
ପାନପତ୍ରର ସୁଆଦ ।

ଭୋଗ ଭେଦରେ ବହୁରୂପୀ
ଜୀବନର ରଙ୍ଗ ଆଉ ରାଗ.. ।

∞∞

Dr. Dinabandhu Sahoo, is a physician by profession and painter by passion. He possesses keen interest in other fields of creativity like poetry, theatre and mimicry. He graduated from SCB Medical College, Cutack in 1994 and postgraduate studies in Internal Medicine (2004-2007) at VSS Medical College, Burla. He is presently working as a Medicine Specialist at Dist. Headquarter Hospital, Bhawanipatna. He bears the credit of participation in various state and national level Fine Art Workshops cum Exhibitions across India.

# My pet chicken

## Subha Das



∞∞

Dr Subha Das is retired doctor; she was doing O&G and General Practice. She describes that life was very busy while she was working, after retirement she has picked up music, bowling (got 12 trophies), painting, learning bridge, volunteering, gardening and charity. She regularly donates to Stroke Association. Her moto in life is, 'one should do something, as long as they can.' She lives in Scotland.

# Hand

**Durga Prasad Panda**

Like a hungry serpent
this hand

slithers around
the dense wilderness

of your body
looking for prey.

Could this awkward hand
Be mine ?

After all, it is hard to believe
that this slender,

pink-skinned, petal soft
hand that has

never hurt a housefly
in the daylight

could easily turn
so beastly in the dark !

Like the cat’s burning eyes,
perhaps, the secret truths

of the body are revealed
only in the darkness !

∞∞

# A butterfly in Konark

## Durga Prasad Panda

Hovering lazily
over

the filigreed
gyrating bodies on the walls

of Konark, a vagrant
polka-dotted

butterfly sits awestruck
on the taut nipple

of a voluptuous nautch girl
wondering

when exactly the flower
turned so hard !

∞∞

The poem 'Hand' first published in the 'Indian Literature', Mar-Apr 2006 and 'A Butterfly in Konark' appeared recently in 'Shape of a Poem', A Red River Book of Contemporary Erotic Poetry 2021.

Durga Prasad Panda (1970) is an accomplished bilingual poet from Sambalpur, Odisha whose works have appeared in prestigious journals like, Debonair, Indian Literature, Gentleman, Outlook, Sunstone (USA), Stag Hill Literary Journal, Kavya Bharati, The Little Magazine etc. A significant voice of freshness, he is recognised among the foremost poets writing in Odia. He has attended several symposiums including the 39th World Congress of Poets. Most recently he has edited a Reader on Jayanta Mahapatra for Sahitya *Akademi*.

# Kalinga Express

**Bijay Biswaal**




Acrylic on canvas, 36x48 inches

∞∞

# Vadnagar Express

## Bijay Biswaal




Acrylic on canvas. 36x48 inches

∞∞

Driven by indomitable passion and creativity, this self trained obsessive painter Bijay Biswaal from India has given a new horizon to realism. This versatile painter, adept in all media and genre of national and international repute lauded by none other than prime minister in *MANN KI BAAT*, is currently the Brand ambassador of WINSORANDNEWTON India.

# ଆଶା ଅସୁମାରୀ

## ତପତି ପାଣିଗ୍ରାହୀ

ଆଶା ବୋଲି ଯେଉଁ ଦୁଇଟି ଅକ୍ଷର
ସଭିଙ୍କ ଅନ୍ତରେ ଥାଏ,
ଗୋଟେ ପରେ ଗୋଟେ ପୂରଣ ନ ହେଲେ
ଅଶାନ୍ତି  ମନରେ ରହେ ।
କାମନା, ବାସନା କୁସଂସ୍କାର ମାନ
ଦୁର୍ବଳ କରେ ଯେ ମତି,
ତହିଁରୁ ମୁକତି ପାଇବାକୁ ହେଲେ
ଲୋଡା ଦୃଢ଼ ଇଛାଶକ୍ତି ।
ବଳ,କୌଶଳରେ ଅର୍ଜିତ ସମ୍ପଦ
ଭୋଗ କରିହୁଏ ନାହିଁ,
ଶୁଦ୍ଧ ଚିନ୍ତା ଧାରା ଏକାନ୍ତ ଜରୁରୀ
ମଣିଷ ଜନମ ପାଇଁ  ।
ବୁଦ୍ଧ, ଗାନ୍ଧୀଙ୍କର ଅହିଂସା ମନ୍ତ୍ରକୁ
ଜୀବନେ ପାଥେୟ କରି,
ସତ୍ୟ ନ୍ୟାୟ ପଥେ ଚାଲୁଥିଲେ ଆମେ
ଦୁଃଖ ଯିବ ଆପେ ସରି  ।
ଆଶା, ଆକାଂକ୍ଷା ର ଅନ୍ତ ହୋଇଯିବ
ଲୋଭ,ମୋହ ତ୍ୟାଗ କଲେ,
ଅସାର ଜୀବନ ଧନ୍ୟ ହୋଇଯିବ
ବିବେକ ବଳେ ଚାଲିଲେ  ।
ଆଶା ପାରିଜାତ, ଆଶା ମରୀଚିକା
ଆଶାର ଅନ୍ତ  ନ ଥାଏ,
ନିରାଶା ଜୀବନ ଅଟେ ମୂଲ୍ୟହୀନ
ମୃତ୍ୟୁ ରେ ସେ ଅନ୍ତ ହୁଏ  ।

ଚଚ

ତପତି ପାଣିଗ୍ରାହୀ, କବି, ସମାଜ ସେବିକା । ଶକ୍ତିବିହାର, ଭୁବନେଶ୍ୱର ।

# ବାକି ରହିଗଲା ଅନେକ କଥା...

## ପୁନମ ମହାପାତ୍ର

ଜ୍ୟୋତ୍ସ୍ନା ଭରା ରାତିର ଶେଫାଳି ଝରିଗଲା ପରେ
ବାକି ରହିଗଲା ଅନେକ କଥା..
ତୁମ ସହ ବିତିଥିବା ସେଇ କିଛି କ୍ଷଣର ଅବ୍ୟକ୍ତ ଅନୁଭବ
କେଇପଦ କଥାରେ ବାନ୍ଧି ରଖିଥିଲ
ତୁମ ପ୍ରଗଲ୍ଭ ଆବେଗ,
ମୋ ନଇଁଯାଇଥିବା ଆଖିପତା
ଅଧୁରା ମିଳନର ଅପୂର୍ଣ୍ଣ ମାଦକତା
ବାକି ରଖିଗଲା ଅନେକ କଥା..

କେଉଂଥିରେ ତଉଲିବି ତୁମକୁ ?
ତୁମ ଉଦାସୀନତା .. ନା ତୁମ ନୀରବତା ..!
ତୁମେ ଯେ ଅକୁହା କଥାରେ ଗୁନ୍ଥା ଏକ କବିତା
ବଡ କ୍ଲିଷ୍ଟ.. ତୁମକୁ ଶବ୍ଦରେ ବଖାଣିବା
ସତରେ ନୁହେଁ, ତୁମେ ନିଇତି ସ୍ୱପ୍ନରେ ଆସ
ରାତିର ନିର୍ଜନ ପହରେ
ପାଦ ଚିପିଚିପି ଆସି କାନେ କହିଯାଅ
ଏଣୁତେଣୁ କେତେ କଥା
କେତେ ଅନ୍ତରଙ୍ଗ ଆଳାପ
ସମ୍ମୋହନୀ ଶକ୍ତି ଭରା ବାକ୍ୟେ ଲୁଚିଥାଏ
ଯୁଗାନ୍ତର ପ୍ରଣୟର ମନଲୋଭା
କେତେ ଯେ ଅସରନ୍ତି ସଂଳାପ

ତୁମେ ଫେରିବା ଆଗରୁ ନିଇତି ସେଇ ପ୍ରଶ୍ନ
ସତରେ କେବେ ଆସିବ ? ପ୍ରୀତିର ଶିକୁଳି କେବେ ଆଣିବ ?
ଏ ନିଶୀଥର ପ୍ରହେଳିକା ଆଉ କେତେ ଦିନ !
ବୁଝିପାରିବ ଯେବେ ତୁମେ,

ବ୍ୟାକୁଳିତ ପ୍ରାଣର ବ୍ୟଥା
ସେଦିନ ହୁଏ ତ କହିବିନି ଆଉ
"ବାକି ରହିଗଲା ଅନେକ କଥା"

ooo

# ହଜିଯାଇଥିବା କିଛି ମୁହୂର୍ତ୍ତର ଚିଠା

## ପୁନମ ମହାପାତ୍ର

କିଛି ମିଛ ରାଗ ରୁଷା
କିଛି ସତ ଅଭିମାନ
ମନଗହନର ସିନ୍ଦୁକେ ସାଇତା
କିଛି ସଂକୋଚର ଲୁଚକାଳି ଖେଳ
ଆଉ ଛାଇ ଆଲୁଅର ଭାଗବଣ୍ଟା
ଦାରୁଣ ଜ୍ୟେଷ୍ଠର ନିଷ୍ଠୁର ପ୍ରହାର ପରେ
ଧରଣୀ ବକ୍ଷରେ ଯେମିତି ପହିଲି ବର୍ଷାଛିଟା
ଠିକ ତୁମ ସ୍ମୃତି ପରି ମିଠା
ହଜିଲା ମୁହୂର୍ତ୍ତ ସବୁର ଲମ୍ବା ଏକ ଚିଠା...
କିଛି ତୁମ କଥା.. କିଛି ମୋ କଥା..
ସମୟ ସହ ତାଳଦେଇ ଝାପ୍ସା ହୋଇଆସୁଥିବା
କିଛି ସ୍ମୃତି କୁ ହାତମୁଠାରେ ଜାବୁଡି ଧରିବାର
ଅହେତୁକ ବୃଥା ଚେଷ୍ଟା
କେତେ ଚିହ୍ନା ଚେହେରା ଅଚିହ୍ନା ହେବାପରେ
କବିତାରେ ବାନ୍ଧି ତାଙ୍କୁ ଫେରେଇଆଣିବାର
ଆକୁଳ ପ୍ରାଣର ଅସଫଳ ପ୍ରଚେଷ୍ଟା
ନାଲି ନେଳି ସ୍ୟାହିରେ ରଙ୍ଗୀନ
ହଜିଲା ଅତୀତର ଡାଏରିରେ
ସେଇ ଅଧା ଚିରା ପୃଷ୍ଠା
କିଛି ତୁମ କଥା.. କିଛି ମୋ କଥା..
ନୀଳକୃଷ୍ଣ ନିଶିଥରେ ନରମି କଇଁର ବ୍ୟଥା
ଅଝଟ ଜହ୍ନର ପାଷାଣ ବକ୍ଷରେ

ଖୋଜିଚାଲେ ପ୍ରୀତି ପ୍ରଣୟର ଦୁର୍ଲଭ ମୁକ୍ତା
ନିଷିଦ୍ଧ ପୃଥିବୀର ଅପର ପ୍ରାନ୍ତରେ
ସ୍ୱପ୍ନର ବୁଢିଆଣି ଜାଲ ବୁଣିଚାଲିଥିବା ବନୀତା
କେବେ ପ୍ରିୟର ଅପ୍ରତ୍ୟାଶିତ ସ୍ପର୍ଶରେ
ସନ୍ତର୍ପଣରେ ଝାଉଁଳି ପଡିଥିବା ସେ ଲାଜକୁଳୀ ଲତା
କଣ ଭୁଲିପାରେ ସେ !
"ଆପଣ"ରୁ "ତୁମେ" ମଧ୍ୟର ଅସହଜ ଦୂରତା !
ସେଇ ଅନ୍ତରଙ୍ଗ ମୁହୂର୍ତ୍ତ କିଛିର ଗାଢ଼ ଉଷ୍ମତା ..
ତୁମ କଥାକୁହା ନୀରବତା..
କିଛି ତୁମ କଥା.. କିଛି ମୋ କଥା...

ଥଥ

# ବୈଦେହୀର ବିଳାପ

## ପୁନମ ମହାପାତ୍ର

ଅତୀତର ଭସ୍ମ ଆଡେଇ ଦେଖ
ବୈଦେହୀର ବିଳାପ
ଯାହା କାଳର କରାଳ ଲିଭେଇଯାଇଛି
ବିନା ଦୋଷେ ଅସମୟେ ଏକାକୀନି ସଜେଇଦେଇଛି
ଅସୀମ ତା ବିଷାଦ
"ପତି ପରିତ୍ୟକ୍ତା" ହେବାର ଅପବାଦ
ତୁଳୀତଳ୍ପ ଶଯ୍ୟା ତେଜି,ସମ୍ପୂର୍ଣ୍ଣା ସନ୍ୟାସିନୀ ସାଜି
ରୁକ୍ଷ ପଥେ ଅନୁଗାମିନୀ ହେବାର
ମିଳିଥିଲା ଏହି ଉପହାର
"ଅସତୀ" ହେବାର ମିଥ୍ୟା ଅପପ୍ରଚାର
ହୃଦ ଯା'ର ସଦା ଶ୍ରୀରାମମୟ
ସୌନ୍ଦର୍ଯ୍ୟ ଆଗରେ ସ୍ଥାଣୁ ଯା' ସମୟ
ପଦସେବା ଯା'ର କରେ କୌମୁଦୀ
କିନ୍ତୁ ଭାଗ୍ୟଦୋଷେ ଲଭିଥିଲା ସେ,

ମୁନି ଆଶ୍ରମର ଚୌହଦୀ
ଆପଣା ସମ୍ମାନେ ହୋଇଥିଲା ଆତ୍ମବନ୍ଦୀ
ବାତ୍ସଲ୍ୟ ମମତାର ଏରୁଣ୍ଡିବନ୍ଧେ ଉଭା ହୋଇ ସୁଦ୍ଧା
ଲୁହ ଜର୍ଜରିତା ଜାନକୀ
କରୁଣ ତା ବିଦାୟ,
ଆଜନ୍ମ ସନ୍ତାପ ତା' ସହଜେ ଅନୁମେୟ
ସତୀତ୍ୱ ମାପନର ଦୁଃସାହସ କରିଥିଲା ଅନଳ
ସର୍ବଂସହାକୁ ଗ୍ରାସିବାକୁ କାହିଁ ବା ତା' ବଳ !!
ହେମତୁଲ୍ୟ ଝଟକିଛି ସତୀଙ୍କ ଚରିତ୍ର,
କଳଙ୍କହୀନା ସେ ଅମଳିନ ଗାତ୍ର !
କିନ୍ତୁ ଅବିଶ୍ୱାସର ବିଷଜ୍ୱାଳାରେ ଦଂଶିତା
ଇତିହାସ ପୃଷ୍ଠାରେ ବାରମ୍ବାର ପରିହାସିତା
ପରିଶେଷେ ଧରଣୀବୁକୁରେ ଜାଳି ସମର୍ପଣର ଦୀପାଳି
ଅକାଳେ ହୋଇଛନ୍ତି ମୈଥିଳୀ ପାତାଳୀ
କେମିତି ଏ ବିବଶତା ? କାହିଁକି ସେ ଉପେକ୍ଷିତା ?
ଏ ଦାରୁଣ ଚେତନାହୀନ ସମାଜ ଆଗେ,
ବୈଦେହୀର ବିଳାପ ଉତ୍ତର ମାଗେ...

∞∞

Poonam Mahapatra is a young civil servant by profession. Though a post-graduate in Physics, her love for Odia literature makes her a poet at heart. Along with writing on social media platforms, she is an enthusiast for open mic events. At present, she resides in Bhubaneswar, Odisha.

# ଶବ କହୁଚି


## ସ୍ମୃତି ରଂଜନ ତ୍ରିପାଠୀ


ଏମିତି ଅନେକ ଦେଖିଚି
ହେଜିଛି ବି ଗୋଟା ଗୋଟା ବୈଶାଖ ଝାଂଜି,
ଅରକ୍ଷିତ ଆଷାଢ଼ ବି ଧାର ମାଗେ ଲୁହ
ମୃତ୍ୟୁର ଅଭିଧାନରେ। ।
ହଁ ମୁଁ ଆଜି ଶବ ପାଲଟିଛି ।

ସତ୍କାର ପାଇଁ ସମୟ ଧାର୍ଯ୍ୟ ହେଲା
ସେମାନେ ସବୁ ଆପୋଷ ବୁଝାମଣା ହେଲେ
ଅତୀତ ଆଉ ଆଗ ସମ୍ଭାବନା,
ଗୋଡ ଆଙ୍ଗୁଠିରେ ଝୁଲିପଡ଼ିଲା ଶ୍ରାବଣର ଟୋକନ୍
ଆତ୍ମୀୟତାର ସବୁ ରକ୍ଷକ ଲୁଚେଇଲେ ତାଙ୍କ ଠିକଣା
ମୋତେ ସୂଚନା, ଆଉ କେଇ ଘଣ୍ଟା ର ଅପେକ୍ଷା
ହସେଇଲେ ଶେଷ ଦୀକ୍ଷାର ପୂଜକ
ନିଜକୁ ପୁଣି କିଳିଲି
ତାଙ୍କ ପ୍ରାକ ପ୍ରସ୍ତୁତିରେ,
ମୋ ଜୁଇର  ଦେଖା ଚାହାଁ ହିସାବରେ ।
ମୁଲଚାଲ ବି ହେଲା,
ଆତ୍ମାର ଭାଗ୍ୟ କୁହ
ପାଳି ପଡିଲା ରାତିରୁ ସକାଳକୁ,
ମୁଁ ଆଉଥରେ ମୁରୁକି ହସିଲି ।

ଜହ୍ନ କୁ କଥାଦେଲି ଚୁପ ରହିବି
ସୂର୍ଯ୍ୟ କୁ ଠାରିଦେଲି
ମୁଁ ନଗଲା ଯାଏଁ ତମେ ବର୍ଷିବନି ।
ପଣକଲି

ଆଉ ଚଢିବିନି ମଣିଷ ଗଛ କି ତା ସଂସ୍କାର,
ମୁଁ ବି ଶୀତ ଙ୍କ ମେଳ ରେ ଭୁଲି ଯାଇଛି ଯେ
କେଉଁକାଳୁ ପାଲଟି ସାରିଛି ଅସ୍ଥି ।
ଏସବୁ ଖାଲି ମିଛ ମାୟା
ଫି ଦିନ ସୋପାନ ବାଣ୍ଟୁଥିବା ମୃତ୍ୟୁର ଗନ୍ତାଘର
ମୁଁ ଠିକ ଜାଣେ
ତୁମେ ଯୋଉଠି ଥିଲ ଆଜି ବି ସେଇଠି ଅଛ,
ମୁଁ  କିନ୍ତୁ ଅନେକ ଦୂରରେ , ତମ ସଂସ୍କାର ଆଉ
ପଥଶ୍ରାଦ୍ଧ ର ରାସ୍ତା ସେକଡ଼ ନିର୍ଜନତା ଠୁ ବି
ମୋ ପାଇଁ  ଆକାଶ ପାତାଳସବୁ ଏକ
ତୁମେ ଗଢ ନଦୀ ମୁହାଁ ହୋଇ ସଂକୀର୍ତ୍ତନ
ମୁଁ ମର୍ମରେ ସମୁଦ୍ରର କୋହବିଞ୍ଝା କୋହ ।
ଅପେକ୍ଷା କର !
କଡ଼ ଲେଇଟେଇଲେ
ଭାଙ୍ଗିଯିବ କେତେ ରତୁର ଚାତୁରୀ
ଉଜୁଆଁ ଧୂଆଁ ରେ
ଆହୁରି ପାର୍ଥିବ ବାକି ଅଛି ପରା
ଶେଷ ଚଇତିର ।।।

କୋଳ ନଥାଇ ବି
ସବୁ ବୋଉ ମୁହଁ ଆଜି ଲାଲ
ଚାହିଁଥିଲେ ଅଟକେଇ ପାରିଥାନ୍ତା
ସମୟ ଆଉ ମୋ ବଳକା ସୂର୍ଯ୍ୟାସ୍ତ,
ଆଉ ମୋତେ ମୂଲ କରନି କାଠରେ, ନିଆଁ ରେ ।
ମୁଁ ତ କେବେଠୁ ପାଲଟି ସାରିଛି *ଅସ୍ଥି*
ହଁ କହିପାର ଗୋଟେ ଶବ କହୁଚି
ତୁମ କଥା ରହିଲା
ଯା! ଗୋଟେ ଶବ ତ କହିପାରୁଛି ।।

ဆဆ
ସ୍ମୃତି ରଂଜନ ତ୍ରିପାଠୀ, ଜଟଣୀ, ଖୋର୍ଦ୍ଧା, ଓଡିଶା

# କଳାହାଣ୍ଡି

## ବିନୋଦିନୀ ପାତ୍ର

କାହାର କଳ୍ପନାରେ
କଥାରେ କି ଆବେଗରେ
ଟିକେ ବି କଳାପଡେନି
କଳାହାଣ୍ଡିର କଳା ସରସର
ମଣିଷର ଚୂଲ୍ଲୀ ଝିଙ୍କା
କି ମାଟି ଆଟିକା।

ମରୁଭୂମିର ତତଲା ବାଲି ପରି
ଡହକୁ ଥାଏ ସେଠି
ସବୁଆଡେ ଭୋକ
ଆଉ ଭୋକ,
ତୋ ମାର୍ବଲ ରୋଷଶାଳାର
ମାଇକ୍ରୋ ଓଭନରେ ରନ୍ଧା
ଭୁରୁ ଭୁରୁ ବିରିଆନୀ ବାସ୍ନା ପରି
ଟକ୍ ମକ୍ ଚିତ୍କାରି ଉଠୁ ଥାଏ ସେଠି
ପିଠିଲଗା ପେଟଟିର
ଅସ୍ଫୁରିତ ଦୁଃଖ।

ତୋ କଳ୍ପନାର ବିଳାସରେ
ଯୁବତୀର ଅକ୍ଷତ ବକ୍ଷୋଜ ପରି
ଦିଶେ ନାହିଁ କାହାକୁ, ସେଠାର ପାହାଡ,
ଯେଉଁ ଠାରୁ ଅର୍କ୍ଷିତ ବୁଭୁକ୍ଷିତ କିଛି
ସାଉଁଟନ୍ତି ଖରା ବର୍ଷା ଶୀତ କାକରରେ
ପ୍ରକୃତିର ବରଦାନ,
ପାହାଡ ଜଂଗଲ ଛାତିତଳେ

ସେମାନଙ୍କ ଜିଇଁବାର ସାଧ ।
ହୋଇ ହନ୍ତସନ୍ତ।

ତୁ ତୋର ଶୀତ ତାପ ନିୟନ୍ତ୍ରିତ
ପୃଥିବୀରୁ ଫିଙ୍ଗୁ ଥାଆ
କଳ୍ପନାର ଝିଲିମିଲି ଜରିଶାଢୀ
ପାହାଡୀ କନ୍ୟାର ଉନ୍ମୁକ୍ତ ଦେହକୁ
ଆବେଗର ଲୁହରେ ବି ଭିଜାଉ ଥା
ନିଷ୍କପଟ ତାର ନିରୀହ ମନକୁ ।

ତୋର ଯେତେ ସମ୍ବେଦନା ପ୍ରୀତି,
ଶବ୍ଦମୟ ପ୍ରତିଶ୍ରୁତି,
ପିନ୍ଧାଇବ ସିନା ତୋତେ
କବିର ମୁକୁଟ
ତୋର କବିତାରେ କି କଥାରେ
ମେଣ୍ଟାଇ ପାରିବୁ କିବା
କଳାହାଣ୍ଡି ପେଟେ ଥିବା
ପରାତ ପରାତ ହାଣ୍ଡି ହାଣ୍ଡି ଭୋକ ?

୦୦

ପ୍ରଫେସର ଡ.ବିନୋଦିନୀ ପାତ୍ର ଜଣେ କବୀ,କଥାକାର, ଅନୁବାଦିକା ଓ ଶିଶୁ ସାହିତ୍ୟିକା; ଏ ଯାବତ୍ ପନ୍ଦରରୁ ଊର୍ଦ୍ଧ ପୁସ୍ତକର ରଚୟିତ୍ରୀ । ନିଜ ଛାତ୍ରୀ ଜୀବନରୁ ସେ ପ୍ରଜାତନ୍ତ୍ର ଗଳ୍ପ ପୁରସ୍କାର ଠାରୁ ଆରମ୍ଭ କରି  କାଦମ୍ବିନୀ ପୁରସ୍କାର, ଲେଖିକା ସଂସଦ ପୁରସ୍କାର, ଫକୀରମୋହନ ସାରସ୍ୱତ ପୁରସ୍କାର,ଚଲାପଥ, ବର୍ତ୍ତିକା ପୁରସ୍କାର ଓ ଆହୁରି ଅନେକ ଅନୁଷ୍ଠାନରୁ ନିଜର ସାରସ୍ୱତ ଉତ୍କର୍ଷ ପାଇଁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ସେ ଉଭୟ ଓଡ଼ିଆ ଓ ଇଂରାଜୀରେ ଅନୁବାଦ ଓ ରଚନା କରନ୍ତି।ତାଙ୍କର ଅନେକ ରଚନା ଆମେରିକା, ମାଲଏସିଆ ତଥା ବିଭିନ୍ନ ଭାରତୀୟ ପ୍ରଦେଶରେ ପ୍ରକାଶିତ । ସେ ଭୁବନେଶ୍ୱରରେ ରହନ୍ତି ।

# ଏଇ ମୋ' ଦେଶ ଭାରତ


## ଦେବାଶିଷ ମହାପାତ୍ର


ଏଇ ମୋ' ଦେଶ ଭାରତ !
ଭରପୂର ଏଠି ଖଣିଖାଦାନ
ଦାନ୍ତ ନିକୁଟେଇ ଖଟେ ଦାଦନ
ନେତାଙ୍କ ଭୀଷଣ ଭାଷଣରେ ହୁଏ
ସବୁତକ ମିଛ ସତ
ଏଇ ମୋ' ଦେଶ ଭାରତ !!

ଏଇ ମୋ' ଦେଶ ଭାରତ !
ନେତା କାନ୍ଦୁଥାଇ ଘଡ଼ିକି ଘଡ଼ି
ଗରିବ କପାଳେ ବଢ଼ି, ମରୁଡ଼ି
ନେତା ଭାଷଣଟା ଲାଗେ ଗାଲୁଗପ
ଆଉ କେବେ ଚାଲୁଗୀତ
ଏଇ ମୋ' ଦେଶ ଭାରତ !!

ଏଇ ମୋ' ଦେଶ ଭାରତ !
ଗାଳିରେ, ଗୁଳିରେ ବିତଇଦିନ
ସମୟ ବୁଝେନା ସିଂହ କି ମୀନ
କାହା କପାଳରେ ପୁରୀ ଓ ପଲାଉ
କିଏ ପାଏନାଇଁ ଭାତ
ଏଇ ମୋ' ଦେଶ ଭାରତ !!

ଏଇ ମୋ' ଦେଶ ଭାରତ !
ପ୍ରତିଭା ପଳାଏ ଦୂରବିଦେଶ
ଟାଉଟରମୋଡ଼େ ପାଚିଲା ନିଶ
ଦେଉଳରେ ଦିଅଁ ଭୋଗେ ଭାସେ ହେଲେ

ଦୁଆରେ ଭୋକେ ଆରତ
ଏଇ ମୋ' ଦେଶ ଭାରତ !!
ଏଇ ମୋ' ଦେଶ ଭାରତ!
ବିଜ୍ଞାପନ କିଣେ ସଭିଙ୍କ ମନ
କି ସୁନ୍ଦର ପୁଣି ପରିସଂଖ୍ୟାନ
କଥାରେ ବାଟୁଳି ବାଜେନା କାହାର
ଆଉ କା' ଜିଭ କରତ
ଏଇ ମୋ' ଦେଶ ଭାରତ !!

ଏଇ ମୋ' ଦେଶ ଭାରତ !
ଦୁଃଖରେ ବି ଥାଏ ଓଠରେ ହସ
ଭୟରେ ବି ଥାଏ ମନେ ସାହସ
ଭେଦଭାବ ଭୁଲି ପରକୁ ଆପଣା
ବଇରିକୁ କରୁ ମିତ
ଏଇ ମୋ' ଦେଶ ଭାରତ !!

୦୦

ଆଧୁନିକ ଭାରତୀୟ ଭାଷାବିଜ୍ଞାନୀ ଡକ୍ଟର ଦେବାଶିଷ ମହାପାତ୍ର ସର୍ବଭାରତୀୟ ସ୍ତରରେ ଆୟୋଜିତ ଭାଷାତାତ୍ତ୍ୱିକ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି । ଆକାଶବାଣୀ କଟକ କେନ୍ଦ୍ରର ଯୁବବାଣୀ ଉପସ୍ଥାପକ, ଆକାଶବାଣୀ ପୁରୀ କେନ୍ଦ୍ର ଏଫ୍.ଏମ୍. ଚାନେଲ୍ର ଘୋଷକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ଭାଷା ପ୍ରଶିକ୍ଷକ, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ସାଇନ୍ସେସ୍ର ଅଧ୍ୟାପକ ତଥା ଆମେରିକାନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଷ୍ଟଡିଜ୍ର ଭାଷା ପ୍ରଶିକ୍ଷକ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି । ସେହିଭଳି କେଦାରନାଥ ଗବେଷଣା ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ, ଇନ୍ଟାକର ସହଆବାହକ ସମେତ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟକରି ପ୍ରଶଂସିତ ହୋଇଛନ୍ତି ।

# ସଂପର୍କର ସ୍ୱର

## ପ୍ରଜ୍ଞା ମହାନ୍ତି

ଭାରତୀୟ ବାୟୁସେନାରେ କାର୍ଯ୍ୟରତ ସାମ୍ ସାମୁଏଲ୍ ଜଣେ ପ୍ରତ୍ୟୁତ୍ପନ୍ନମତି, କୁଶଳୀ ତଥା କର୍ତ୍ତବ୍ୟନିଷ୍ଠ ପାଇଲଟ୍ ଭାବେ ସୁପରିଚିତ ଥିଲେ । ତା ଛଡା ବିଭିନ୍ନ ସମ୍ବାଦପତ୍ରରେ ସ୍ତମ୍ଭ ଲେଖିବା ସହ ଫଟୋଗ୍ରାଫିରେ ମଧ୍ୟ ରଚି ରଖୁଥିଲେ । ଆର୍ଥିକସ୍ଥିତି ତାଙ୍କର ବେଶ୍ ସୁଦୃଢ ଥିଲା।ତା ସହିତ ଶିକ୍ଷା, ସଂସ୍କାର, ଯଶ, ଜନସଂପର୍କ ଏମିତି ବହୁତ କିଛି ଯାହା ମଣିଷକୁ ଖ୍ୟାତିର ସର୍ବୋଚ୍ଚ ଶିଖରକୁ ନେଇଯାଏ ସବୁକିଛି କମାଇଥିଲେ ସେ । ତା'ସହ ସାମୁଏଲ୍ ତାଙ୍କର ସମସ୍ତ ଆୟ ବିଭିନ୍ନ ବୃଦ୍ଧାଶ୍ରମ, ଅନାଥାଶ୍ରମ, ଆର୍ଥିକ ଅନଗ୍ରସର ଲୋକଙ୍କ ପାଇଁ ଖର୍ଚ୍ଚ କରି ଦେଉଥିଲେ । ନିଜର କହିଲେ, ତାଙ୍କର କିଛି ପିନ୍ଧାବସ୍ତ୍ର ଏବଂ କ୍ୟାମେରାଟିଏ ଥିଲା । ଭବିଷ୍ୟତ ପାଇଁ ସାଇତି ରଖିବା ତାଙ୍କର ସ୍ୱଭାବ ତଥା ନୀତିବିରୁଦ୍ଧ ଥିଲା। ନିଜର ତେଜୋଦୀପ୍ତ ଚକ୍ଷୁ, ଶାନ୍ତ ଶ୍ୟାମଳ ମୁହଁ, ପାଞ୍ଚଫୁଟ ଏଗାର ଇଞ୍ଚର ବଳିଷ୍ଠ ଶରୀର ସହ ବୁଦ୍ଧିମତା, ସରଳ ଅମାୟିକ ବ୍ୟବହାରକୁ ନେଇ ସେ ଏକ ପୂର୍ଣ୍ଣ ବ୍ୟକ୍ତିତ୍ୱ ର ଅଧିକାରୀ ଥିଲେ ।

ଏତେ ସଂପୂର୍ଣ୍ଣତା ସତ୍ତ୍ୱେ ସାମୁଏଲ କିନ୍ତୁ ସମସ୍ତଙ୍କ ଆଗ୍ରହ ଅନୁରୋଧକୁ ଏଡାଇଯାଇ ନିଜର ପରିବାରଟିଏ ଗଢି ନଥିଲେ । ଯେମିତି ନିଜ ପାଇଁ ସେ ଥିଲେ ସଂପୁର୍ଣ୍ଣ ବିତସ୍ପୃହ ।ଏମିତି କି ଏତେ ଭଲ ଫୋଟୋଗ୍ରାଫର ହୋଇ ମଧ୍ୟ ନିଜର ଫଟୋଖଣ୍ଡେ ଉଠାଇ ରଖି ନଥିଲେ । ସମୟ କ୍ରମେ ଚାକିରୀ ରୁ ଅବସର ନେଇ ଆଡମ୍ବରପୂର୍ଣ୍ଣ ସହରୀ ଚାକଚକ୍ୟ ଜୀବନ ପରିତ୍ୟାଗ କରି ଘୁରିବୁଲିଲେ ମାଲକାନ୍‌ଗିରି ଠୁନେଇ କେଉଁଝର, କନ୍ଧମାଳ ଯାଏଁ ବିଭିନ୍ନ ଜନଜାତି ଲୋକଙ୍କ ମେଳରେ । ସେମାନଙ୍କ ସାଙ୍ଗେ, ସେମାନଙ୍କ ପାଇଁ କାମ କରି ସେ ପାଉଥିଲେ ଅପାର ଆନନ୍ଦ ।

ସାଧାରଣ ଲୋକେ ଆଶ୍ଚର୍ଯ୍ୟ ହେଉଥିଲେ, କଟକରେ ବଢି ଡୁନ୍ ସ୍କୁଲରେ ପଢି, ସାରା ପୃଥିବୀର ଆକାଶ ଛୁଇଁଥିବା ମଣିଷ ଜଣକ ଏମିତି ଜଙ୍ଗଲମନସ୍କ ହେଲା କେମିତି ! ଯାହା ଥିଲା ଅନ୍ୟମାନଙ୍କ ପାଇଁ ରହସ୍ୟମୟ, ତାହା ସାମୁଏଲ୍ ଙ୍କ ପାଇଁ ଥିଲା ଏକ ବେଦନା ଦାୟକ ସ୍ମୃତି। ସେ ତାଙ୍କର ପିଲାଦିନ କଟାଇଥିଲେ ଏଇ ପାହାଡ, ପର୍ବତ ଘନଅରଣ୍ୟ ଭରା ଆଦିବାସୀ ଜନବସତି ଭିତରେ । ନିଜ ଭଉଣୀର ହାତଧରି ଗଗନଚୁମ୍ବୀ ପାହାଡ଼ର ପ୍ରାଚୀର ଭିତରେ, ଆକାଶର ଛାତତଳେ, ପ୍ରକୃତି କୋଳରେ ବଢ଼ିଖେଳି ସେ ବାଲ୍ୟଜୀବନ ଅତିବାହିତ କରିଥିଲେ।

ହେଲେ ସମୟର ତାଡନାରେ ଯେଉଁଦିନ ଛଅବର୍ଷର ଶାମୁ ଫାଦରଙ୍କ ହାତ ଧରି ମାଲକାନଗିରି ରୁ କଟକ ବସ୍ ଧରିଲା, ସେଦିନ ତାର ନିଜସ୍ୱ ପରିଚୟ ସହ ତା ପିଲାଖେଳ, ପିଲାବେଳ, ପିଲାଳିଆମୀ କୋରାପୁଟର ସେଇ ଅଙ୍କାବଙ୍କା ଘାଟି ରାସ୍ତାରେ ହଜାଇଦେଇ ଆସିଲା । ସେଦିନ ଆଗକୁ ପାଦ

ବଢାଇ ସେ ଚାଲୁଥିଲା ସିନା ଅତିତର ଆକର୍ଷଣରେ ଭିଡିହୋଇ ବାରମ୍ବାର ପଛକୁ ଚାହୁଁଥିଲା। ତାକୁ ଡାକିଡାକି ଧଇଁସଇଁ ହୋଇ ପଛରେ ନିର୍ଘାତ୍ ଦୌଡୁଥିଲା ତା ସାତବର୍ଷର ଭଉଣୀ । ଶେଷରେ ନିଜ ମାଟି, ଆକାଶ, ପାହାଡ଼, ଜଙ୍ଗଲ ସହ ପଛକୁ ରହିଯାଇଥିଲା ତାର ପ୍ରିୟଭଉଣୀ।

ବସ୍‌ର କର୍କଶ ହର୍ଣ୍ଣ ଭିତରେ ଶେଷଥର ପାଇଁ ଶାମୁ ଶୁଣିଥିଲା, ପିଞ୍ଜରା ଥରାଇ ଭଉଣୀର କୋହଭରା କଅଁଳ ଡାକ ଶାମୁଁ....... ମୋ ଭାଇ ......... । ସ୍ୱର ତ ନୁହେଁ ସତେ ଜୀବନ୍ତ ଆର୍ତ୍ତନାଦଟିଏ।

ତାପରେ କଟିଗଲା ସମ୍ପର୍କର ନାଭିନାଡ଼। ମୁକ୍ତ ଆକାଶରେ ଛିନ୍ନ ଗୁଡ଼ି ଭଳି ସେ ହୋଇଗଲା ଦିଗହରା । ଶାମୁର ବିବର୍ଣ୍ଣ ଜୀବନରେ ସେଇ ଯେ ଅପାଶୋରା କ୍ଷୀଣ କିନ୍ତୁ ଶାଣିତ ହୋଇ ସ୍ୱରଟା ଅଟକି ଗଲା ଛାତି ଭିତରେ କରୁଣ ଆତ୍ମିୟତାର ରାଗିଣୀଟିଏ ହୋଇ ସାରାଜୀବନ ।

ଶେଷରେ ଅବ୍ୟକ୍ତ କୋହରେ ଆକ୍‌ତା ମାକ୍‌ତା ହୋଇ ସେ ପହଞ୍ଚିଥିଲା ଫାଦରଙ୍କର କଟକ ବସାରେ । ନିଜ ପରିବାର ସହ ତାର ପରିଚୟ କରାଇ ଦେଇଥିଲେ ଫାଦର ।ହସିହସି ତାଙ୍କ ପିଲାମାନଙ୍କୁ କହିଥିଲେ ଇଏ ସାମୁଏଲ, ଆଜିଠୁ ତୁମମାନଙ୍କ ଆଉ ଜଣେ ଭାଇ । ଦୃଢ ପ୍ରତିବାଦ କରିବାକୁ ଯାଇ ଧିରେ ସେ କହିଥିଲା 'ମୋ ନାଁ ସାମୁଏଲ୍ ନୁହେଁ ଶାମୁ' । ହସିଦେଲେ ଫାଦର, 'ହଁ ଆଜିଠୁ ତୋ ନାଁ ହେଲା ସାମ୍ ସାମୁଏଲ୍' । ଗୋଟେ ନବଜନ୍ମ ହେଲା ତାର ।

ପାଞ୍ଚପୁଅ, ତିନିଝିଅ, ଚାରିଟି କୁକୁରଙ୍କ ସହ ଛୋଟକାଟିଆ ଚିଡିଆଖାନାକୁ ନେଇ ଫାଦରଙ୍କ ପରିବାର । ଯାହାର ସର୍ବମୟକର୍ତ୍ତୀ ଥିଲେ ମାମା। ତା ମା' ଭଳି ଚିକ୍କଣ କଳା ସୁଗଠିତ ନୁହେଁ, ଧୋବ ଫରଫର ହୋଇ କ୍ଷିଣାଙ୍ଗୀ ଥିଲେ । ସେ ଶୁଣି ପାରିଥିଲା, ନିମ୍ନ କଣ୍ଠରେ ଫାଦର ତାଙ୍କୁ କହିଥିଲେ, ଅତି ବ୍ରେନି ପିଲାଟା, ବାପା ଛାଡି କୁଆଡେ ଚାଲିଯାଇଥିଲା । ଭାଇଭଉଣୀ ଆମ ଅର୍ଫାନଏଜ୍ ସ୍କୁଲରେ ରହି ପଢୁଥିଲେ, ମା କାମ କରୁଥିଲା। ଏବେ ମା ବି ଚାଲିଗଲା । ହୀରାଖଣ୍ଡେ ତମେ ଟିକେ ଘସିମାଜି ଦେଲେ ଅମୂଲ୍ୟମୁଲ ହୋଇଯିବ । ତା ମୁଣ୍ଡ ଉପରେ ସ୍ନେହରେ ହାତରଖିଲେ ମାମା । ମୁହଁଟିକୁ ଟେକି ଧରି କପାଳରେ ଆଙ୍କିଦେଲେ ସ୍ୱୀକୃତି ର ମୋହର । ସେ କିନ୍ତୁ ଭାବୁଥିଲା ମା' କଥା !ତା ଉଷ୍ମମ କୋଳର ଉଷ୍ମତା ଏବେବି ସେ ଅନୁଭବ କରୁଥିଲା । ପିଲା ମନରେ ତାର ଅନେକ ପ୍ରଶ୍ନର ସୁନାମି ଉଠୁଥିଲା ।

ଚାଲିଗଲା ମାନେ? ମା'ମରିଗଲା ନା କୋଉ ବାଧ୍ୟବାଧ୍ୟକତାରେ ତାଙ୍କୁ ଛାଡି ଚାଲିଗଲା ?

ଆଧାରଖିଆ ଛୁଆଙ୍କୁ ଛାଡି ମା କଣ ଖୋଜିପାରେ ନୁଆ ନୀଡ?

ନିଜ ପ୍ରଶ୍ନରେ ନିଜେ ଅଣନିଶ୍ୱାସୀ ହୋଇ ଯାଉଥିଲା ସିନା ପଚାରି ପାରିନଥିଲା କାହାକୁ ।

ମାମା ଖାଇବାକୁ ଦେଲାବେଳେ ସେ କେବଳ ଜଳଜଳ କରି ଅନାଇ ରହେ ତାଙ୍କ ମୁହଁକୁ। କେତେ ଆଦରରେ ମାମା ଖାଇବା ବାଢି ଦିଅନ୍ତି । ସ୍ନେହରେ କଥା ହୁଅନ୍ତି । ନିଜ ପିଲାଙ୍କ ଉପରେ ବିରକ୍ତ ହେଲେ କୁହନ୍ତି, ତମେ କେହି ସରି ହେବନି ସାମ୍‌ର, ସେ କେତେ ଶାନ୍ତ, ଭଦ୍ର, ମାର୍ଜିତ ।ତାଙ୍କ ଅନାବିଳ ମାତୃତ୍ୱ ସ୍ପର୍ଶରେ ସାମ୍ ର ଜୀବନରୁ କଳାବାଦଲ ହଟି ଦେଖାଦିଏ ଆଶ୍ୱାସନାର ରଙ୍ଗିନ ଇନ୍ଦ୍ରଧନୁଟିଏ।

ବୟସ ବଢିବା ସହ ଆଶ୍ରୟ, ଅନୁଗ୍ରହ, ଅନୁରାଗର ଭାରରେ ଭାରାକ୍ରାନ୍ତ ହେଉଥାନ୍ତି ସାମୁଏଲ୍ । ମନେମନେ ପଣ କରନ୍ତି, ଫାଦରଙ୍କୁ ସେ ନିରାଶ କରିବେନି । ବଣମଲ୍ଲୀ ଭଳି ଝରିଯିବା ପୂର୍ବରୁ ଫାଦର ତାକୁ ତୋଳି ଆଣିଛନ୍ତି ନିଜ ଫୁଲଦାନୀରେ ସଜାଇବା ଲାଗି । ସେ ତାଙ୍କ ଇଚ୍ଛାମତେ ନିଜକୁ ଗଢି ତୋଳିବେ । ଅତିତକୁ ଆଡେଇ ସାମୁଏଲ୍ ବର୍ତ୍ତମାନ ଉପରେ ଧ୍ୟାନକେନ୍ଦ୍ରିତ କରନ୍ତି । ହେଲେ ଫାଦରଙ୍କ ପିଲାମାନେ ଫାଦରଙ୍କୁ ପାପା ଡାକିବାବେଳେ ସେ ଚାହିଁଲେ ବି ଡାକିପାରନ୍ତି ନାହିଁ । ସେତେବେଳେ ତାଙ୍କ ଶାନ୍ତମନ ସନ୍ତୁଳି ହୋଇଯାଏ । ସେ ନିଜକୁ ନିସଂଗ ମନେ କରନ୍ତି । ତାଙ୍କପାଇଁ ଶବ ହୋଇ ଯାଇଥିବା ବାପାର ସ୍ମୃତି ତାଙ୍କୁ ଅଶରିରୀ ପରି ଗୋଡାଏ ।କ୍ରୋଧ ଆସିଲେ ବି କାହା ଉପରେ ରାଗିବେ ଜାଣି ପାରନ୍ତି ନାହିଁ !

ତାଙ୍କୁ ନିସଂଗ ଜୀବନ ଟେକି ଦେଇଥିବା ଈଶ୍ୱରଙ୍କ ଉପରେ! ମା'କୁ ଛାଡି ଚାଲିଯାଇଥିବା ବାପା ଉପରେ!

ନା ପିଲାଙ୍କୁ ତ୍ୟାଗ କରିଥିବା ମା ଉପରେ !

ଠିକ୍ ସେତିକି ବେଳେ ଅତିତର ହୃଦୟ ବିଦିର୍ଣ୍ଣ କରି, ଅବଚେତନ ମନ ମସ୍ତିଷ୍କ ର ସମସ୍ତ ତନ୍ତ୍ରୀ ଛିନ୍ନ କରି ଏକ ସଂପର୍କର ସ୍ୱର ତାଙ୍କ ମରମରେ ଝଙ୍କାର ତୋଳେ, ଶାମୁଁ .......... ମୋ ଭାଇ........... । ସାମ୍ ଙ୍କର ହୃଦୟର କୋଣଅନୁକୋଣ ନିନାଦିତ ହୁଏ ସେ ଡାକରେ । ହେଉପଛେ ଯନ୍ତ୍ରଣାଦାୟକ ଆତ୍ମିୟତାର ଗୁଞ୍ଜରଣରେ ଗୁଞ୍ଜରିତ ହୁଏ ତାଙ୍କ ମନ ପ୍ରାଣ ଶରୀର । ନିଜ ନିସଂଗତାର ଉପହାସ ଉଡାଇ ସେଇ ସ୍ୱରର ଅନୁଭବକୁ ଜୀବିତ ରଖିବାକୁ ସେ ଆଉ ସବୁ ସଂପର୍କଠୁ ଦୁରେଇ ରହନ୍ତି ।

ଅତିତକୁ ଅନାହତଚକ୍ରରେ ସାଇତି, ବର୍ତ୍ତମାନର ଆହ୍ୱାନରେ ସମୟ ସହ ତାଳଦେଇ ସାମ୍ ଆଗକୁ ଦୌଡ଼ନ୍ତି । ସମୟର ଚଢିଆସୁଥିବା ଗାଢରଂଗରେ ଫିକା ପଡିଆସେ ଅତିତ ।

ଏ ସବୁ ଭିତରେ ଦିନେ ଧୂଳିଜମି ଆସୁଥିବା ଅତିତର ଆଇନା ଉପରୁ ଫାଦର ଧୂଳିଝାଡି ଦେଲେ । ଶେଷ ଶଯ୍ୟାରେ ବଢାଇ ଦେଲେ ତାଙ୍କ ହାତକୁ ଏକ ଅମୁଲ୍ୟ ଉପହାର । ଦିଗହରା ନାବିକ ହାତରେ ଏବେ କଂପାସ୍ ବକ୍ସ। ସ୍ମୃତିରୁ ମଳିନ ପଡି ଆସୁଥିବା ଭଉଣୀର ଫଟୋ ସହ ତାର ବର୍ତ୍ତମାନ ଠିକଣା । ତାଙ୍କ ଆତ୍ମୀୟତାର ଚାବିକାଠି, କାଗଜ ଖଣ୍ଡିକୁ ଯତ୍ନରେ ଛାତିରେ ଚାପିଧରିଥିଲେ ସେ। ଭଉଣୀ ତାଙ୍କର, ଯାଇ ରହୁଥିଲା ସୁଦୁର ବିଦେଶରେ । ବିଦେଶ ତ ଥିଲା ସାମ୍ ଙ୍କ ହାତପାହାନ୍ତାରେ। କିନ୍ତୁ ନିଜକୁ ସାମାନ୍ୟ କରିବାକୁ ସାମ୍ କିଛିଦିନ ସମୟ ନେଲେ । ଖୁସି ହେଉ ବା ଦୁଃଖ, କିଛି ଗୋଟେ ବିସ୍ଫୋରଣର ଆଶଙ୍କା କରୁଥିଲେ ନିଜ ଭିତରେ ।ଭୟଥିଲା ଅନେକ ଦିନରୁ ସଂଚିତ ଅବ୍ୟକ୍ତ ବେଦନା ସବୁ ଲୁହଧାର ହୋଇ ବାହାରେ ବ୍ୟକ୍ତ ହୋଇ ଯିବନିତ ?

ସେ ନିଜର ସନ୍ତୁଳନ ରକ୍ଷାକରି ପାରିବେ ତ ?

ଗୋଟିଏ ବିନ୍ଦୁରୁ ଆରମ୍ଭ ହେଲେ ବି ବର୍ତମାନ ବିପରିତମୁଖୀ ଯାତ୍ରା ସେମାନଙ୍କର ।ଭଉଣୀ ତାଙ୍କର ଜଣେ ବିଦେଶୀ ଙ୍କ କନ୍ୟା ରୂପେ ପ୍ରତିପାଳିତା ହୋଇ ବର୍ତ୍ତମାନ ସୁଖଦ ବୈବାହିକ ଜୀବନ ବିତାଉଛି ।

ଶେଷରେ ଠିକଣା ଅନୁସାରେ କିଛି ଦିନ ପରେ ସାମ୍ ଭଉଣୀ ସହ ଦେଖାକଲେ ।

ଦୁଇଟି ବୟସ୍କ ଅପରିଚିତ ସ୍ତ୍ରୀ ପୁରୁଷଙ୍କ ଭଳି ସାମାନ୍ୟ ଔପଚାରିକତା ଭିତରେ ଶେଷହେଲା, ଯେମିତି ଜନ୍ମ ଜନ୍ମାନ୍ତର ର ପ୍ରତିକ୍ଷା । ସେ ଦେଖୁଥିଲେ ବିଲକୁଲ୍ ତାଙ୍କ ପ୍ରତିରୂପ, ଶାନ୍ତ, ସୌମ୍ୟ ନାରୀମୂର୍ତ୍ତୀ ଟିଏ, ଯିଏ ନିଜକୁ ତାଙ୍କ ଆଗରେ ସାମାନ୍ୟ ରଖିବାକୁ ଚେଷ୍ଟା କରୁଥିଲା। ସେ ଯାଣି ପାରୁନଥିଲେ ଖୁସି ଅବା ଦୁଃଖର ଝଡ ପ୍ରବାହିତ ହେଉଥିଲା ଉଭୟ ଙ୍କ ଭିତରେ !

ବାସ୍ ନିଜ ନିଜର ଭାରସାମ୍ୟ ରକ୍ଷାକରି ସେମାନେ ପରସ୍ପର କୁ ସାମନା କରିଥିଲେ । ପାରୁ ପର୍ଯ୍ୟନ୍ତ ନିଜକୁ ସ୍ଥିର ରଖି, ତାଙ୍କ ଉପରେ ଦୃଷ୍ଟି ନିବଦ୍ଧ କରିବାକୁ ଅସଫଳ ଚେଷ୍ଟା କରୁଥିଲା ତାଙ୍କ ଭଉଣୀ। ନିରବ ଚକ୍ଷୁରେ ତାଙ୍କୁ ପଢୁଥିଲେ ସାମ୍ ।କିଛି ସମୟ ଭିତରେ ଭାଂଗି ଗଲା ସ୍ତୁପିକୃତ ଦୂରତ୍ବ । ତାଙ୍କ କାନ୍ଧ ଉପରେ ହାତ ରଖିଲା ଭଉଣୀ । ଓଠ ତାର କମ୍ପୁଥିଲା ଥରଥର ହୋଇ, ଭିଜି ଆସୁଥିଲା ବାରମ୍ବାର ଆଖି । ତା ଅସ୍ଥିର ହୃଦୟର ଅଥଳ ଗଭୀର ରୁ ସେଇ ଆର୍ତ୍ତନାଦ ର ଲହରୀ ମାଡ଼ିଆସିଲା ଶାମୁଁ ........ ବାସ୍ ସଂପର୍କ ର ସୁନାମୀରେ ତାଙ୍କର ଶ୍ଵାସରୁଦ୍ଧ ହେବା ଆଗରୁ,ଭଉଣୀ ଠୁ ଆଉ ଥରେ ବିଛିନ୍ନ ନ ହେବାର ବଜ୍ର ଶପଥ ନେବା ଆଗରୁ ଚାଲି ଆସିଥିଲେ ସାମ୍ ।ସେଇ ଥିଲା ଶେଷଦେଖା।

ଆସିଥିଲେ ଯେ ଆଉ କୌଣସି ସମ୍ପର୍କର ସାନିଧ୍ୟରେ ଗାଧୋଇ ନିଜକୁ ସତେଜ କରିବାକୁ ଆଜୀବନ ମନକରି ନଥିଲେ । ବରଂ ନିଜ ସମୟ ସମ୍ପତ୍ତି ସହ ନିଜକୁ ଉତ୍ସର୍ଗ କରିଦେଲେ ଜନକଲ୍ୟାଣ ଉଦ୍ଦେଶ୍ୟ ରେ ।

ସମୟକ୍ରମେ କର୍ମମୟ ଜୀବନରୁ ଅବସର ନେଇ ନିଜ ସଂକୁଚିତ ଜୀବନକୁ ଆହୁରି ସଂକୁଚିତ କରି ଦିନେ ଶୋଇଗଲେ କଫିନର କଠିନଖୋଳ ଭିତରେ । ବଣମଲ୍ଲୀଟିଏ ଯେପରି ତାର ଶେଷ ସମୟ ଯାଏଁ ସମସ୍ତ ସୁଗନ୍ଧ ବିତରଣ କରି ଝରିଗଲା ପ୍ରକୃତି କୋଳରେ ।

ବହୁଦିନ ଯାଏ ସ୍ଥାନୀୟ ଅଧିବାସୀ କୁହନ୍ତି, କିଛି ନିର୍ଦ୍ଦିଷ୍ଟ ଦିନରେ ଏକ ସ୍ତ୍ରୀଲୋକ ଆସି ସାମ୍‌ଙ୍କ ସମାଧିସ୍ଥଳ ପରିଷ୍କାର ପରିଚ୍ଛନ୍ନ କରି ଫୁଲରେ ସଜାଡୁ ସଜାଡୁ ଅସ୍ପଷ୍ଟ ସ୍ବରରେ କିଛି କହୁଥାଏ, ଶେଷରେ ପାଗଳୀଙ୍କ ଭଳି ହୃଦୟ ବିଦୀର୍ଣ୍ଣ କରି ଡାକପକାଏ ଶାମୁଁ...... ମୋ ଭାଇ.......... ।

ଚଚ

ପ୍ରଜ୍ଞା ମହାନ୍ତି, ସବୁବେଳେ କିଛି ପଢିବା ଓ ଗଳ୍ପ କବିତା ଗଢିବାକୁ ଭଲପାଆନ୍ତି । ସୃଜନୀ ସର୍ଜନା, ସୃଜନାତ୍ମକ ଚିନ୍ତାଧାରା ଓ ସୃଜନଶୀଳ ମଣିଷ ତାଙ୍କର ଚିର ଆଦରଣିୟ। ଅନେକ ଗଳ୍ପ କବିତା ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି । କିଛି ଅନୁବାଦ ମଧ୍ୟ ହେଇଛି । ମାତୃ ବିହାର, ବୁଢାରାଜା, ସମ୍ବଲପୁର

# ତୁମେ,ବର୍ଷା ଓ କାଗଜ ଡଂଗା

## ସୁରେନ୍ଦ୍ର ପାଣିଗ୍ରାହୀ

ମୁଁ କହିଲି "ଚାଲ ବର୍ଷାରେ ଭିଜିବା "
ବହାରେ କିଂତୁ କିଛି ସମୟ ଆଗରୁ ଛାଡ଼ିସାଇଥିଲା ବର୍ଷା
ଆକାଶର ନୀଳ ସାମିଆନାରେ କିଏ ଯେମିତି ଆଂକିଦେଇଥିଲା
ଆମର ଭଲପାଇବାର ଚିକ୍ ମିକ୍ ରଂଗ ।

ଫର୍ଚା ଆକାଶରେ ଇଂଦ୍ରଧନୁ
କାଶତଣ୍ଡି ର ହସ ଭଳି ସୂର୍ଯ୍ଯର ଆଲୁଅ
ମୋ ଭାବନାର ଝର୍କା ସେପାଖେ ମୁହଁ କାଢୁଥିଲେ
ନାଲି, ନେଳି, କଳା ଧଳା ଫର୍ଦ ଫର୍ଦ ମେଘ
ଆଉ ତା ଭିତରୁ ହାତଠାରି ଡାକୁଥିଲା ମେଘ ଭିତରେ ସାଥିହୋଇ ପହଁରି ଯିବାକୁ ଅନୂଢା ମେଘ
କନ୍ଯାଟିଏ ।

ମୁଁ କହିଲି "ତୁମେ କିଏ "
ତୁମେ କହିଲ" ବର୍ଷା "
ତୁମ କଳା ଘୁମର କେଶରେ ଲାଖିଥିଲା ଚୁମ୍ବନ କାହାର
ପବନ, ମେଘ ନା ବିଟପୀ ବର୍ଷାର ...
ତୁମ ଦେହର ବାସ୍ନା ବି ଥିଲା ଆହୁରି ମାଦକ
ଭିଜାମାଟିର ବାସ୍ନା ଠାରୁ ଆହୁରି ମୋହକ
ଋତୁସ୍ନାତା ପ୍ରକୃତିର ପରୀଟିଏ ହୋଇ ତୁମେ
ପ୍ରଲମ୍ବି ଯାଉଥିଲ ମାଟିରୁ ଆକାଶ ପର୍ଯ୍ୟନ୍ତ ।

ଅନ୍ୟମନସ୍କତା ଭିତରେ ଧୋଇଦେଉଥିଲା ମେଘ
ଆମର ଜନ୍ମଜନ୍ମାଂତରର ସଂପର୍କ ମାନଂକୁ
ତୁମ ଦେହର ଉଷ୍ମ କଂବଳ ତଳେ ନିଶେଷ ହେଇଯାଇଥିଲା
ମୋର ଜନ୍ମ, ମରଣର ସମସ୍ତ ଅସ୍ତିତ୍ବ ଯେମିତି

କୀଟ, ପତଂଗ, ସ୍ଥାବର, ଜଂଗମମାନେ ପ୍ରକଟିତ ହେଉଥିଲେ ତୁମ ଶରୀରରେ ବିଭାସିତ ରୂପେ
ତୁମେ ପାଲଟି ଯାଉଥିଲ
ସର୍ଜନାର ସ୍ନିଗ୍ଧତାରେ ସ୍ବୟଂସିଦ୍ଧ ପ୍ରକୃତିର ପ୍ରତିମାଟିଏ ଅବା

ତୁମେ ମୋତେ ବାରଂବାର ମାଗୁଥିଲ ଘନ ଘୋର ମେଘ
ତୁମର ବିସ୍ତୃତ ଆଖିର ଅନିଷାରେ ମୁଁ ଦେଖୁଥିଲି
ତୁମ ଦେହରେ ବାଟହୁଡ଼ା ବର୍ଷାର ବିଳାପ
ବେଶ୍ ଆକୁଳ ହେଉଥିଲ ସଂପୂର୍ଣ୍ଣ ନାରୀଟିଏ
ହେଇଯିବାପାଇଁ ତୁମେ
ଆଉ ବର୍ଷାର ଆଗମ ଭିତରେ କେତେବେଳେ ତୁମେ
ପରିବର୍ତ୍ତିତ ହେଇଯାଇଥିଲ ଏକ ଦିଗହଜା କାଗଜ ଡଂଗାରେ

ମୁଁ କହିଲି "ଚାଲ ବର୍ଷାରେ ଭିଜିବା "
ତୁମେ କହିଲ "ଦେଖ, , ଛାଡ଼ି ଗଲାଣି ବର୍ଷା"....

ଓଓ

ସୁରେନ୍ଦ୍ର ପାଣିଗ୍ରାହୀ, ରସୁଲଗଡ, ଭୁବନେଶ୍ଵର, ଓଡ଼ିଶା। ପ୍ରକାଶିତ କବିତା ପୁସ୍ତକ: ମେଘ ମେଘ ଆକାଶ, କିଆ କେତକୀର କବିତା, ପଂଝୁରି ପାରିର ପକ୍ଷୀ, ଖାଲେଇ, ସାରା ଆକାଶ ଅଂଧାର, କବଂଧ ହେଇଯାଇଥିବା ସମୟ । ସଂପାଦନା: ଓଡ଼ିଆ କବିତାରେ "ଗାଁ" ଓ "ବର୍ଷା" ନାମକ ଦୁଇଟି ସଂକଳନ । କେଂଦ୍ର ସାହିତ୍ୟ ଏକାଡେମୀ ଦ୍ବାରା ୩ଟି ଅନୁବାଦ ପୁସ୍ତକ ପ୍ରକାଶିତ । ପୁରସ୍କାର: କାବ୍ୟ ଭୂଷଣ: ଶାଂତିନିକେତନ; ଫକୀର ମୋହନ କବିତା ସମ୍ମାନ; ଗୋଦାବରୀଶ କବିତା ସମ୍ମାନ, ଟାଇମ୍ ପାସ୍ ବେଷ୍ଟ ସେଲର୍ ପୁରସ୍କାର, ଧ୍ବନି ପ୍ରତିଧ୍ବନି ଯୁବ କବିତା ସମ୍ମାନ ଶ୍ବେତ ସଂକେତ କବିତା ସମ୍ମାନ; ଅସ୍ତରବି  କବିତା ସମ୍ମାନ, ବେଦ ବ୍ଯାସ କବିତା ସମ୍ମାନ, ପଶ୍ଚିମବଂଗ ସାହିତ୍ୟ ସଂସ୍କୃତି ପରିଷଦ ସମ୍ମାନ ।

# ଶାସ୍ତି

## ଜୟଶ୍ରୀ ପଟ୍ଟନାୟକ

ଗାଁ ସାରା କାନ୍ଦ ବୋବାଳି ପଡିଛି ଗତ ରାତିରୁ । କାଲିଠାରୁ ଗୋବରା ହାଜତରେ । ଅଚାନକ ପୋଲିସ ଗାଁ'କୁ ଆସି ଗୋବରାକୁ ଧରି ନେଇଯାଇଛି । ପୋଖରୀ ତୁଠରେ ଗାଁ ମାଇପିଙ୍କ ଟୁପୁର ଟାପୁରୁ, ଫୁସୁରୁ ଫାସୁରୁ କଥା ।

-ଆଲୋ ଜାଣିଛୁ ? ସେହି ଯୋଉ ଉପର ସାହିର ରଶ୍ମି ମ ?

-କଣ ହେଲା କି ଲୋ ତାର ?

-ତା ମରଦ କୁଆଡେ ଗୋଟିଏ ଜୁବାନ ଝିଅର ଇଜ୍ଜତ ନେଇଛି ।

-ଛି । ଛି । ଅଳପେଇସା ଏଇ କାମ କରିଛି ? ତାକୁ ଧର୍ମ ସହିବନି ଲୋ ।

-କାହା କଥା ତୁ କହୁଛୁ କହିଲୁ ? ଯିଏ ଭୁବନେଶ୍ୱରରେ ଏମ.ଏଲ.ଏ ବାବୁଙ୍କ ଘରେ ରୋଷେଇ କରୁଥିଲା । ସେହି ଗୋବରା ତ ?

-ଆଲୋ ହେ! ତାର କୁଆଡେ ପିଲା ଛୁଆ ନାହାନ୍ତି ପରା । ସେ କୁଆଡେ ଅଣପୁରୁଷାଟାଏ ଲୋ । ବିଚାରୀ ସ୍ତ୍ରୀ ଟା କି ଦୋଷ କରି ଥିଲା କେଜାଣି । ଏମିତି ଲୋକଟାଏ ର ହାତ ଧରିଛି ଯେ ସବୁବେଳେ ଓପାସିଆ ଦେହଟାକୁ ଧରିକି କାନ୍ଦିଲା । ନା ଛୁଆ ନା ସ୍ୱାମୀ ସୁଖ ?

-ହଁ ପରା ଲୋ ସିଏ ଏବେ କୁଆଡେ ଭୁବନେଶ୍ୱର ରେ ରହୁଛି କୋଉ ଏମ.ଏଲ.ଏ ଘରେ ରୋଷେଇ କରୁଛି । ସଉଦା ପତ୍ର ଆଣୁଛି । ବୋଲହାକ କରୁଛି । । ଫୁଲ ବଗିଚାରେ ପାଣି ମଡାଉଛି । ବାବୁଙ୍କୁ ଘଷି ମୋଡି ଦେଉଛି । ବାବୁଙ୍କ କ୍ୱାର୍ଟରକୁ ଲାଗି ଥିବା ଛୋଟିଆ ଆଉଟହାଉସ ଘରେ ରାତିରେ ଶୋଉଛି । ସକାଳୁ ସଂଜ ବାବୁଘରେ ଲୋକ ମାନଙ୍କର ଯିବା ଆସିବା ଭିଡ ଲାଗି ରହୁଛି । ଇଲେକ୍ସନ ସମୟ । ମା ରହୁଛନ୍ତି ଅନ୍ୟ ଜାଗାରେ ଆଉ ଗୋବରା ରୁହେ ତାଙ୍କ ସରକାରୀ ବାସ ଭବନର ପଛପଟେ ଥିବା ଆଉଟହାଉସ ଘରେ ।

ସବୁଦିନ କେତେ କିଏ ଆସନ୍ତି ଚାକିରୀ କଥା କହିବାକୁ, ପାଠ କଥା କହିବାକୁ । ଆହୁରି କେତେ କଣ କାମରେ । ଗୁହାରୀ କରନ୍ତି, ଯାଆନ୍ତି । ସେଦିନ ସେମିତି ଝିଅଟିଏ ଆସିଥିଲା ବହୁତ ଦୂରରୁ ବାବୁଙ୍କ ପାଖକୁ । ବାବୁ ତାର ଚାକିରୀ କରାଇଦେବେ କହି ରଖିଥିଲେ ଗୋଟାଏ ଘରେ ଚାରି କି ପାଂଚ ଦିନ ହେବ । ନିତି ରାତିରେ ସମସ୍ତେ ଶୋଇପଡିଲା ପରେ ବାବୁ ସେ ଝିଅ ପାଖକୁ ଯାଆନ୍ତି । ଭଲ ମନ୍ଦ

କଥା ବୁଝନ୍ତି । କିଛି ଟଙ୍କା ପଇସା ବି ଚଳିବାପାଇଁ ସାହାଯ୍ୟ କରନ୍ତି । ଏମିତି କିଛି ଦିନ ଗଲା ଅନ୍ତେ ଦିନେ ରାତିରେ ସମସ୍ତେ ଖାଇ ସାରି ଯେଝା ଘରେ ଯିଏ ଶୋଇ ପଡିଲା ପରେ ବାବୁ କାହିଁକି ନିଶାସକ୍ତ ଅବସ୍ଥାରେ ସେ ଝିଅ ଘରକୁ ଯିବାର ଦେଖାଗଲା । କିଛି ସମୟ ପରେ ମୋତେ ଛାଡିଦିଅ । ମୋତେ ଛାଡିଦିଅ । ବୋଲି ଯେମିତି ଚିତ୍କାର ଶୁଭିଲା ବାବୁ ଧଡପଡ ହୋଇ କବାଟ ଖୋଲି ବାହାରକୁ ବାହାରି ଏକମୁହାଁ ହୋଇ ନିଜ ରୁମ  ଆଡକୁ ଚାଲିଗଲେ । ଏଥର ଟର୍ଚ୍ଚଟିଏ ଧରି ବାହାରି ପଡିଲା ଗୋବରା ଝିଅଟିର ବସା ଆଡେ ।

ଦର ଆଉଜା କବାଟ ଫାଙ୍କରେ ଝିଅଟିକୁ ଅସଂଯତ ଅବସ୍ଥାରେ ଦେଖି ଠଉରେଇ ପାରିଲା ସବୁ କଥା । ବାବୁ ତା ହେଲେ.. ଛି ଲୋ କି ଅପରିଚ୍ଛନିଆ କଥା । ଏଗୁଡାକ କୁଆଡେ ପାପ କଥା । ଆଉ ଭାବି ପାରିଲାନି କିଛି । ଭାବିଲା ଝିଅଟିର କାନ୍ଦୁଥିବା ଆଖିରୁ  ଲୁହ ପୋଛିଦେବ ।  ଲୁଗାଟିଏ ଦେହ ଉପରେ ଢାଙ୍କିଦେବ । ଆଉ କହିବ ସକାଳ ହେଲେ ନିଜ ଘରକୁ ଚାଲିଯା । ନ ହେଲେ ଏମିତି କେତେ ଥର ବଡ ବଡିଆଙ୍କ ପାଦତଳେ ଦଳି ମକଚି ହେବୁ ତାର ଇୟତା ନ ଥିବ । ବଡ ବଡିଆଙ୍କ ପାଖରେ ସବୁ କଥା ପ୍ରମାଣ ଅଭାବରୁ ଖଲାସ । ସେଥିପାଇଁ କହନ୍ତି ପରା ବଡ ଲୋକକୁ ଉତର ନାହିଁ କି ସ୍ୱର୍ଗକୁ ନିଶୁଣି ନାହିଁ । କିଛି କହିଲେ କି କାନ୍ଦିଲେ ସେମାନଙ୍କର ଫରକ ପଡେନାହିଁ ଲୋ । କାନ୍ଦି କାନ୍ଦି ଆଖିର ନଈ ଶୁଖି ଯାଇଥିବ ପଛକେ ନ୍ୟାୟର ଦୁଆର ଖୋଲିବ ନାହିଁ । ସବୁ ଭାବୁଥିଲା ଗୋବରା ହେଲେ କିଛି କହି ପାରିଲାନାହିଁ । ବରଂ ଭୟ କଲା କାଳେ ଧର୍ଷଣ ଜନିତ ଦଫା ଲାଗିଯିବ । କଳଙ୍କ ନ କରି ବି କଳଙ୍କର ଦାଗ ତା ମୁଣ୍ଡରେ ଲାଗିଯିବ ବୋଲି । ପଳାଇ ଆସିଲା ନିଜ ବସା ଆଡେ କିଛି ନ ଦେଖିଲା ପରି । ତାକୁ ଶୁଭୁଥିଲା ଝିଅଟି କାନ୍ଦୁ ଥିବାର । ଆଖିକୁ ଆଉ ନିଦ ଆସୁ ନ ଥାଏ । ବିଛଣାରେ ପଡି ଭାବିଲା-  ବାବୁ ଗାଁ ରେ ଦେବୀ ପ୍ରତିମା ସମ ପତ୍ନୀ କୁ ଛାଡିଦେଇ ସେ ଝିଅଟାକୁ ଚାକିରି ଦେବେ କହି ତା ସହିତ ଅପକର୍ମ କରୁଛନ୍ତି? ଛି । ଛି । କି ଯୁଗ ହେଲା ଲୋ ମା । ବାପା ଝିଅ ସମାନ ସରିକି ବୟସରେ ପୁଣି ଏ ବାଲ୍ୟ ଲୀଳା ? ଝିଅ ବୟସର ଟୋକୀ କୁ ଧରି ମଉଜ କରୁଛନ୍ତି ?  ଜୁବାନ ବୟସଟା ଆଜି ତାଙ୍କର ଯେମିତି ଲେଉଟି ଆସିଛି । ତାପରେ ପାହାନ୍ତିଆ ନିଦ ବୋଧେ ଆଖିରେ ଲାଖ ଠିଯାଇଛି ଗୋବରାର । ସେ ଘୁମେଇ ପଡିଛି । ସକାଳ ହେଲା ଲୋକଙ୍କର ଢେର ଭିଡ ବାବୁଙ୍କର ଘର ଆଡକୁ । ମେଳା ଦେଖିବା ପରି ଭିଡ । କଥା କଣ ବୁଝିଲା ବେଳକୁ ଟୋକୀଟା କୁଆଡେ ଫ୍ୟାନରେ ରସି ଲଗାଇ ଆତ୍ମହତ୍ୟା କରିଛି । କିଛି ଭାବି ପାରିଲାନି ଗୋବରା । ବାବୁ ଗୋବରାକୁ୍ କାହିଁକି ତରବରିଆ ଡାକି ପଠାଇଛନ୍ତି ।

- ଆରେ ଗୋବରା ଶୁଣିଲୁ ।

-ବାବୁ ଯାଉଛି । ତାପରେ ତା କାନରେ ଫିସ ଫିସ କରି କଣ ଗୁଡାଏ କହିଲେ । ଆଉ ଗୋବରା ହାତରେ ଗୁଂଜିଦେଲେ କେତେ ନୋଟ । କହିଲେ ସାମ୍ବାଦିକ, ଟିଭି ବାଲା ତୋତେ ଯଦି କିଛି ପଚାରନ୍ତି ତୁ କହିଦେବୁ ସେ ଆମ ଗାଁର ଝିଅ । ତା ସ୍ୱାସ୍ଥ୍ୟ ଟିକେ ଭଲ ରହୁ ନ ଥିଲା । ବାବୁ ତାର ହେପାଜତ

କରୁଥିଲେ, ଔଷଧ ଭଲମନ୍ଦ ଦେଉଥିଲେ । ଗତକାଲି ରାତିରେ ତା ପେଟରେ ଯନ୍ତ୍ରଣା ହେଉଥିଲା । ମୁଁ ଲେମ୍ବୁପାଣି କରି ପିଇବାକୁ ଦେଇଥିଲି । ସକାଳୁ ଦେଖିଲା ବେଳକୁ ତାର ଏ ଅବସ୍ଥା । ଖୁସୀ ହୋଇଗଲା ଗୋବରା । ଏହି କଥା କହିଦେଲେ ବାବୁ ନିର୍ବାଚନରେ ଜିତିକି ଆସିଲେ ତାର କୁଆଡେ ଆଉ କିଛି ଅଭାବ ରହିବନି । ବାବୁ କହିଛନ୍ତି, ଗାଁ ଘର କୋଠା କରିଦେବେ । ତା ସ୍ତ୍ରୀ କୁ ଚାକିରି ରେ ରଖିଦେବେ । ଖୁସୀରେ ତା ପରିବାର ଦୁଇବେଳା ଖାଇବେ, ରହିବେ । ତା ସ୍ତ୍ରୀ ଓପାସିଆ ଦିହକୁ ଧରି କେତେ ଆଉ ଘର କୋଣରେ ବସି ରହିବ ? ପାଂଚ ବରଷ ହେଲା ବାହାଘର ହେଲେ ଛୁଆଟେ କୋଳରେ ଦେଲେ ନାହିଁ ଭଗବାନ । ଅନ୍ତତଃ ଚାକିରୀ କୁ ଗଲେ ଖୁସୀରେ ଟିକିଏ ରହିବ । ବାବୁଙ୍କ କଥାରେ ରାଜି ହୋଇଗଲେ ଅସୁବିଧା ବା କଣ ? ଯାହାବି ଅସୁବିଧା ହେବ ବାବୁ ଖଲାସ କରି ଦେବେନି? ଭାବିଚିନ୍ତି ବାବୁଙ୍କୁ ହଉ କହିଦେଲା ମାତ୍ରେ, ବହୁତ ଖୁସୀ ହୋଇଗଲେ ବାବୁ । ଏହି ଖୁସୀରେ ୪/୫ ଦିନ ଛୁଟୀ ମିଳିଗଲା କାମରୁ । ବାବୁ ତ ସାକ୍ଷାତ ଚଳନ୍ତି ଈଶ୍ୱର । ତା ମନ ଏବେ କୁଣ୍ଢେ ମୋଟ । ସବୁକଥା ଗପିବ ଗୋବରା ନିଜ ସ୍ତ୍ରୀ ସାଥିରେ ଆଉ ବୋଉ ସାଥିରେ ଟିକିନିଖି କରି କହିବ- ଦେଖ । ବାବୁ କେତେ ଭଲ ଲୋକ । ବଡ ଲୋକ ହେଲେ କଣ ହେଲା ? ପର ଦୁଃଖ ଦେଖିଲେ ତାଙ୍କ ଛାତି ଫାଟିଯାଏ ଲୋ ।

ଫଗୁଣ ପୁନେଇଁ ଆସିଲାଣି । ଗାଁ ରେ ଦୋଳଯାତ । ଭୋଗ ଖାଇବାକୁ ବିମାନରେ ଠାକୁର ଆସିବେ ଗାଁ କୁ । ଗୋବରା ଘର ଗାଁ ରେ ପଂଚୁଦୋଳ । ପାଖ ଗାଁ ରେ ଦଶ ଦୋଳ ହେବ । ଗାଁ ମେଳଣ ପଡିଆରେ ସବୁ ଦିଅଁଙ୍କର ମେଳଣ ହେବ ଠାକୁର ଫଗୁ ଖେଳିବେ । ଭୋଗ ଖାଇବେ । ଯାତରା ହେବ । ସମସ୍ତେ ଖୁସୀରେ ନାଚିବେ । ସେ ବି ଖୁସୀ ହେବ । ସ୍ତ୍ରୀ ରଶ୍ମି କୁ ଯାତରା ବୁଲେଇ ନେବ । ବାବୁ କିଣିକି ଦେଇଥିବା ନୂଆ ମୋବାଇଲ ରେ କେତେ ଫଟୋ ଉଠାଇବ । ଭାବୁ ଭାବୁ ବସ ଯାଇ ଲାଗିଲାଣି ଗାଁ ମୁଣ୍ଡରେ । ବସରୁ ଓହ୍ଲେହି କିଛି ଫଳମୂଳ, ବିସ୍କୁଟ ଘରପାଇଁ କିଣି ପହଁଚିଲା ଗାଁ ଶେଷମୁଣ୍ଡ ବରଗଛ ପାଖରେ । ଚାନ୍ଦିନୀ ଉପରେ ବସି ବାବୁଙ୍କୁ ଫୋନ କଲା ଗାଁ ରେ । ଦୁଇ ଦିନ କଟିଗଲା ସାଙ୍ଗ ସୁଖରେ । ବୋଉ ବାପାର ଦିହ ପା ଡାକ୍ତର ବାବୁଙ୍କୁ ଦେଖାଇ ଓଷଧ କିଣି ଆଣିଲା । ଏହି ସମୟରେ ବାବୁଙ୍କ ଫୋନ ଆସିଲା । ଗୋବରା ତୋତେ ସେଦିନ କାନରେ ଯୋଉ ଯୋଉ କଥା କହିଥିଲି ମନେ ଅଛି ତ ? ଶୁଣ । କାଲି ସକାଳେ ପୋଲିସବାଲା ଗାଡି ନେଇକି ଗାଁକୁ ଯିବେ । ତୁ ଜମା ଡରିବୁନି । ଇୟାଡୁ ସିୟାଡୁ କଥା କହିବୁନି । କି ଯୁକ୍ତି କରିବୁନି ସେ ଝିଅକୁ ଅସଦାଚରଣ କରିଛୁ କି ବୋଲି ପଚାରିଲେ କହିବୁ ହଁ କରିଛୁ । ତାପରେ ତୋତେ ଗାଡିରେ ବସାଇ ହାଜତକୁ ନେଇଯିବେ । ବାକି ସବୁ କଥା ମୁଁ ବୁଝିବି । ମୁଁ ତୋତେ କୋର୍ଟରୁ ମୁକୁଳାଇ ଆଣିଦେବି । ତୁ ଜମା ଚିନ୍ତା କରିବୁନି । ଯୋଉ ଲୋକକୁ ପଠାଇଛି ଟଙ୍କା ଦେଇକି ତୁମ ଗାଁକୁ ସେ ଟଙ୍କା ତକ ତୋର । ରଖିଦେବୁ ଘର ଚଳିବା ପାଇଁ । ଏ କଥା ଗାଁ ରେ ବିଜୁଳି ବେଗରେ ପ୍ରଘଟ ହୋଇଗଲା । ସବୁଁହେଲା ଯେ ହେଲେ ପୋଲିସ ଗୋବରାକୁ କାହିଁକି ଧରିନେବ ? ସେ ତ କିଛି ଭୁଲ କାମ କରିନାହିଁ । ସେ ଟୋକୀଟା କିଏ ? କେମିତି ଦେଖିବାକୁ ? କିଛି ବି ତ ଜାଣିନି ଗୋବରା । ନିଜେ ତ ଅଣପୁରୁଷା । ସ୍ତ୍ରୀ ସବୁବେଳେ ଦୁଃଖରେ ଦିନ

କାଟିଲା । ନା ଛୁଆ ନା ଭବିଷ୍ୟତ ? ନିଜ ସ୍ତ୍ରୀ ଥାଉଣୁ ପର ଝିଅକୁ ସେ କାହିଁକି ବା ଅସଦାଚରଣ କରିବ ? ବାବୁ ବୋଧେ ତା ସରଳ ବିଶ୍ୱାସରେ ଖେଳ ଖେଳିଲେ । ତାକୁ ଫସାଇଦେଲେ । ନିଜେ ପଣସ ଖାଇ ତା ମୁଣ୍ଡରେ ଅଠା ବୋଳିଦେଲେ । କଥାରେ ଅଛି ପରା ଶାଗ ଖିଆକୁ ଭାତ ଖିଆ  ସହି ପାରନ୍ତି ନାହିଁ । ଠିକ ସେଇୟା ହୋଇଛି । ସେଇଥିପାଇଁ ଫୋନ କିଣିକି ଦେଲେ । ଟଙ୍କା ପଇସା ଦେଲେ । ଗାଁକୁ ଯାଇ ବୁଲି ଆସେ ବୋଲି କହିଲେ । ଏଇ ସବୁ ତା ହେଲେ ଥିଲା ଗୋଟେ ଗୋଟେ ବାହାନା ? ଇତିମଧ୍ୟରେ ପୋଲିସ ଜିପ ଆସି ଲାଗିଗଲା ଦୁଆରେ । କୁଆଡେ ଗଲା ସେ କହି ପୋଲିସ ରଡିଟାଏ ଛାଡିଲା । କହିଲା ଗାଁ ରେ ଆସି ଆମ ଆଖିରେ ଚକମା ଦେଇ ଲୁଚିଛୁ? ଆରେ.. ପୋଲିସ ଆଖିରୁ କିଏ ଲୁଚିଛି ନା ଲୁଚିବ ? ତାପରେ ଗୋବରା ପୋଲିସଙ୍କୁ ଦେଖି ପ୍ରାୟ ଦଶ ଥର ଲୋଟା ନେଇ ଭୟରେ ପୋଖରୀକୁ ଯାଇଛି । ତା ଶ୍ୱାସ ପ୍ରଶ୍ୱାସ ଜୋରରେ ଧାଉଁଥାଏ । ଆଉ ଘଡିକରେ ତା ପ୍ରାଣ ଯେମିତି ଚାଲିଯିବ ସେମିତିକା ଲାଗୁଥାଏ । ଏଣେ ଗାଁ ଲୋକଙ୍କର କାନ୍ଦ ବୋବୋଳି ଚାଲିଛି । ସେ ଆମ ଗାଁର ସୁନା । ତାକୁ କିଏ ଫସାଇ ଦେଇଛି ବାବୁ । ସେ ମାଛିକୁ ମ କହିବା ଲୋକ ନୁହେଁ । ତା ପରିବାର, ଚାକିରି ଭଲ ତ ସେ ଭଲ । ଆଉ କିଏ କହିଲା ସହରରେ ଯାଇ ପଇସା ମୁହଁ ଦେଖିଲା ତ ମଉଜ ବଢିଗଲା ଶଳାର । ଏବେ ହାଜତରେ ବସି ଚକି ପେଷିବ ଯେ । ଏହି ସମୟରେ ସ୍ତ୍ରୀ ରଶ୍ମି ଆସିଲା ତାକୁ ସାମ୍ନା କରି ପାରିଲାନି ଗୋବରା । କାନ୍ଦି କାନ୍ଦି ଗାମୁଛାରେ ଲୁହ ପୋଛି କହିଲା - ମୋତେ ବିଶ୍ୱାସ କର ଲୋ ରଶ୍ମି । ମୁଁ ସେ ଝିଅ କିଏ ଚିହ୍ନିନି । ମୁଁ ଏଡେ ଅପକର୍ମ କରିନାହିଁ । ମୋତେ ବାବୁ  ମିଛ ଘଟଣାରେ ଫସେଇ ଦେଇଛନ୍ତି । ମୋ ସରଳ ବିଶ୍ୱାସରେ ବିଷ ଦେଇଛନ୍ତି । ମୁଁ ଫେରିଲେ ସବୁ କଥା ତୋତେ କହିବି ଲୋ । ଟିକେ ହସିଦେ । ତୋ ହସ ମୁହଁକୁ ଦେଖି ତୋତେ ସବୁବେଳେ ହାଜତରେ ଝୁରି ହେବି ଲୋ ।

ଗାଁ ମୁଖିଆ ଆସିଲେ- କିରେ ତୁ କୋଉ ଦିନ ଠାରୁ ଏସବୁ କାମ ଶିଖିଲୁ ? କାହିଁ ଆମ ପାଖରେ କିଛି ଖବର ନାହିଁ ତ ? ଆଉ କଣ ସବୁ କାମ ଚାଲିଛି ଶୁଣେ ? ଏଣିକି ନିଆଁ ପାଣି ବାସନ୍ଦ କରିଦେଲେ ତୁମ ପରିବାରକୁ , ଠିକ ହେବ । ଗୋବରା କହିଲା-  ମୁଁ ଧନରେ ଗରିବ ହୋଇ ଥାଇପାରେ  ସାଆନ୍ତେ । ହେଲେ କୋଉ ଝିଅ ବୋହୁର ଇଜ୍ଜତ ନେଇନି । ମୋତେ ମିଛ ଘଟଣାରେ ଫସାଇ ଦିଆଯାଇଛି । ଦିନ ଆସିବ ସତ କଣ ନିଶ୍ଚେ ଧରାପଡିବ । ଯାହା ଦଇବ ଭାଗ୍ୟରେ ଲେଖିଛି ତାକୁ ସହିବାକୁ ହେବ । କେତେ ଲୁହ ଥିଲା କେଜାଣି ଅସରା ଅସରା ହୋଇ ଗୋବରାର  ଗଣ୍ଡ ଦେଶ ଦେଇ ଝରି ପଡୁଥିଲା । ସ୍ତ୍ରୀ ରଶ୍ମି ତୁନି ହୁଅ କହି କାନିରେ ପୋଛିଦେଲା । ଗୋଟାଏ ଶକ୍ତ ଚୁମା ଟିଏ ସ୍ତ୍ରୀ କପାଳରେ  ଦେଇ କହିଲା ଗୋବରା  - ବାବୁ ଯଦି କେବେ ତୋତେ ଚାକିରି ଦେବ ବୋଲି ଡାକେ, କେବେ ବି ଯିବୁନି ଲୋ ସେଠିକି । ଶାଗ ଭଜାରେ ଭାତ ଖାଇ ଆମେ ଚଳିଯିବା ହେଲେ  ଆଉ  ସେଠିକି କାମ କରିବା ପାଇଁ ତୁ ଯିବୁନି କି ମୁଁ । ସେମାନେ ବଡ ବଡିଆ ଲୋକ । ଭାଷଣ ଅଲଗା । କାମ ଅଲଗା । ଯାହା କହିବେ ଆଉ କରିବେ ସବୁ କଥା ଲୁଚିଯିବ ସେମାନଙ୍କ ପାଖରେ । ଆଉ ଆମେ କିଛି ନ କରି ବି ତାଙ୍କରି ରକ୍ତରେ ମଣିଷ ହେବା । ଦିହ ପା'ର ଯତ୍ନ ନେବୁ । ବୋଉ ବାପାଙ୍କୁ ଧ୍ୟାନ ଦେଉଥିବୁ । ଧର୍ମ ଯଦି ସତ

ଥିବ ଦିନେ ନା ଦିନେ ଦୋଷୀକୁ ଦଣ୍ଡ ମିଳିବ । ସତ, ସତ ହୋଇ ଘୁରିବ । ତାପରେ ଲମ୍ବା ମୁଣ୍ଡିଆଟା ମାରିଦେଲା ଗାଁ ଠାକୁରାଣୀଙ୍କୁ । ଗାଁ ମୁଖିଆ କୁ କହିଲା - ମୁଁ ଏ ଅପକର୍ମ କରିନାହିଁ । ବାପା ମା ଙ୍କ ଚରଣ ଛୁଇଁ ସତ୍ୟ କରୁଛି । ଯାହା ସତ୍ୟ ଦିନେ ତାହା  ପଦାକୁ ଆସିବ । ଏହି ସମୟରେ କେହି ଜଣେ ପଛରୁ ଠେଲିଦେଲା  ଜିପ ଡୋର ଖୋଲିକି । କହିଲା ଭିତରକୁ ଚାଲ । ଗାଡି ଷ୍ଟାର୍ଟ ହବା ବେଳକୁ କିଏ ଜଣେ ପୋଲିସ କହିଲେ ବିଚରାଟା ଫସିଗଲା । ଆଜିକାଲି ମଣିଷ ମାନବିକତାକୁ ଭୁଲି ଯାଉଛନ୍ତି । ନିଜେ ଦୋଷ କରି ଅନ୍ୟ ମୁଣ୍ଡରେ ଦୋଷ ଲଦି ଦେଉଛନ୍ତି । ତାଙ୍କ ଆଡକୁ ଚାହିଁ ଲୁହତକ ପୋଛିଦେଲା ଗୋବରା । ତାଙ୍କ ମୁହଁରୁ ପଦେ ନ୍ୟାୟର କଥା ଶୁଣି ନିଜକୁ ଧନ୍ୟ ମନେ କରୁଥିଲା । ଏହି ସମୟରେ ଝରକା ଦେଇ କିଛି ବସନ୍ତ ମଳୟ ଛୁଇଁ ଦେଉଥିଲା । ଝରକା ଦେଇ ପଛକୁ ଚାହିଁଲା ଗୋବରା । ଗାଁ ମୁଣ୍ଡ ବରଗଛ ଆଉ ଦେଖା ଯାଉନାହିଁ । ମା ଠାକୁରାଣୀ ଲୋ ତୁ ଏକା ବୁଝିବୁ ଦୋଷୀ କିଏ ? ତୋ ଛଡା କିଏ ମୋର ଅଛି ଯେ କାହାକୁ ଭରସା କରିବି ? ଏଥର ମାନସିକ ଭାବେ ନିଜକୁ ପ୍ରସ୍ତୁତ କରି ବସିଲା ଗୋବରା । ଗାଡି ଚାଲିଥାଏ ଗାଁ ଛାଡି ରାଜରାସ୍ତା ଅଭିମୁଖେ । ବାବୁଙ୍କୁ ସରଳ ବିଶ୍ୱାସ କରି ସେ ଯେଉଁ ଶାସ୍ତି ପାଇଲା ସେହି କଥା ଗାଡିରେ ବସି  ଗୋବରା ଭାବୁଥିଲା ।

ꝏꝏ

ଜୟଶ୍ରୀ ପଟ୍ଟନାୟକ, ଗଙ୍ଗନଗର, ଭୁବନେଶ୍ୱର । ଅନେକ ସାରସ୍ୱତ ପୁରସ୍କାରରେ ସମ୍ମାନିତ । ତିନୋଟି ପୁସ୍ତକ ପ୍ରକାଶିତ: ବିଭୋର ମୁହୂର୍ତ୍ତ, ତୁମେ, ମନ ଡାଏରୀର ପୃଷ୍ଠା ।

# ଦେଶ


## ସୁରଞ୍ଜନ ପାତ୍ର


ଅକ୍ଷାଂଶ କି ଦ୍ରାଘିମାରେ
ନଥାଏ ଦେଶ ପରିସୀମା
ଦେଶ ତ ଗୋଟିଏ ପରିବ୍ୟାପ୍ତ
ତୋଫା ଜହ୍ନରାତି
ଅନାହତ ଅଭିଳାଷେ
ସମୋହନ ଇଛାର
ଆବେଗିତ ଗୀତି ।

ଦେଶ ପାଦେ ନଥାଏ ଶିକୁଳି
ଦେଶକୁ କ'ଣ ଭାଗ କରି ପାରେ
ତାରବାଡ଼ ପଥର ପାଚେରୀ ।

ଏ ସମୁଦ୍ର
ସୁଉଚ୍ଚ ପର୍ବତ
ନଦନଦୀ କାନନ କାନ୍ତାରେ
ଦେଶତ ସବୁବେଳେ ଗାଉଥାଏ
ସ୍ୱପ୍ନଭର୍ତ୍ତି ଆକାଶର ଗୀତ।

ବୈଶାଖର ବିସ୍ଫୋରଣ
ବର୍ଷାର ଆକ୍ରୋଶ
ଶୀତର ସୈତାନୀ ହସେ
ବିଚଳିତ ହୋଇ ନଥାଏ କେବେ
ସୀମା ହୀନ ଦେଶର
ସିନ୍ଦୂରିତ ସୂର୍ଯ୍ୟ ।

ଆମେ ଏଠି କିଏ ?
କ'ଣ ଆମ ଅସ୍ତିତ୍ୱ ?
ପରଖିବା ଦେଶର ଜୀବାଶ୍ମ ।

ଦେଶତ କେଉଁ କାଳୁ
ପେଡ଼ିରେ ସାଇତା
ମହମହ ବାସେ ଭରା
ଚନ୍ଦନର କାଠ
ଭୁଲି ହେଉନଥିବା ଗୋଟେ
କ୍ରାନ୍ତିର ସଙ୍ଗୀତ ।

ଦେଶକୁ ଅଲଗା ଅଲଗା ଯଦି
କହୁଅଛ ତୁମେ
ତେବେ କରାଯାଉ
ଜହ୍ନକୁ ଫାଳ
ସୂର୍ଯ୍ୟ ଶିଖାକୁ
ଭାଗବାଣ୍ଟ କରି
ବସାଯାଉ ବାଡ଼
ତାରାସବୁକୁ  ତାରରେ ବାନ୍ଧି
ଲୁଟିନିଅ ଯେ ପାରୁଛ ଯେତେ
ସିନ୍ଧୁର  ଶିରସ୍ତ୍ରାଣ କରି
ଫେରାଇ ଦିଅ ନଦୀକୁ ସବୁ
ବିପରୀତ ଦିଗେ ।

ହାଣି ପକାଅ ସବୁ ପକ୍ଷୀଙ୍କ ଡେଣା
ବିତରିବା  ବନ୍ଦକର
ଫୁଲର ସୁଗନ୍ଧ
ଉଡୁଥିବା ମେଘକୁ
ରାଜଦ୍ରୋହ ଅପରାଧେ
କର ଶିଘ୍ର ବନ୍ଦୀ ।

କାକରଠୁଁ କରିନିଅ
ଚୁକ୍ତିର କବଲା
ମୁକ୍ତ ଇଛାରେ ଆଉ
ଯେମିତି ସେ ନପାରିବ
ମାଟି ପ୍ରେମେ ଛନ୍ଦି ।

ମୁଁ ଜାଣେ କିଛି ତୁମେ
ପାରିବନି ଏସବୁକୁ କରି
ଖାଲି ମିଥ୍ୟା ନାରା ଦେଇ
ଜାଳିପାର ରାଜ ପଥେ
ବିଦ୍ରୋହର ବହ୍ନି ।

ଥରେ ଦେଖ ନିମଗ୍ନ ଚିତ୍ତରେ
ଗୋଟେ ଦେଶ କେମିତି ବସିଛି
ଦେବୀ ଟିଏ ସାଜି
ଆପଣା ଛାତିରେ
ତୁମେ ଯେଉଁ କଳ୍ପିତ ଦେଶ କଥା
କହୁଛ ସୃଜନେ
ତା' ଠୁଁ ସୁନ୍ଦର କି ସତେ
ଏଇ ଦେଶ ନୁହେଁ ।

ଠଠ

ସୁରଞ୍ଜନ ପାତ୍ର, ସଂପାଦକ-ନୀହାରକନ୍ୟା, ପ୍ରକାଶିତ ପୁସ୍ତକ: ପ୍ରୀତିଲଗ୍ନା (କବିତା ସଙ୍କଳନ,୨୦୧୪), ୧୯୯୯ ମସିହାରେ the poetry society of India କୁ ତରୁଣ କବି ଭାବେ ମନୋନୀତ । ଆକାଶବାଣୀ କଟକ କେନ୍ଦ୍ରର ସୋଜନ୍ୟ ରୁ ଅନେକ ଲେଖା ପ୍ରସାରିତ । ଲବ୍ଧ ପ୍ରତିଷ୍ଠିତ  ଓଡ଼ିଆ ପତ୍ର ପତ୍ରିକାରେ ମଧ୍ୟ ନିୟମିତ  ଲେଖା ପ୍ରକାଶ ପାଇ ଆସୁଅଛି। ଫକୀର ମୋହନ ସାହିତ୍ୟ ପରିଷଦ ବାଲେଶ୍ୱର ଠାରୁ ଆରମ୍ଭ କରି ଓଡ଼ିଶାର ଅନେକ ସାରସ୍ୱତ ମଞ୍ଚ ରୁ ସମ୍ମାନିତ । ସୋର, ବାଲେଶ୍ୱର

# ମଶାଣୀ

## ସଂଜୟ ମହାନ୍ତି

ଗାଁ ମୁଣ୍ଡ ଗହୀର ମଥାରେ ମୁଁ
କଂଟା ଗଛ, ବର ଓହଳରେ
ଅସଜଡା ବାକ୍ୟଟିଏ ।
ଗଦା, ଗଦା ପାଉଁଶ ଭିତରେ
କାଉ, ଶାଗୁଣା, ବିଲୁଆର
ଭାଗବତ ଚୁଂଙ୍ଗି ।
ଅସମୟରେ ତାନ୍ତ୍ରିକର ମନ୍ତ୍ର ପାଠରେ
ଗହଳି ହୁଏ ।
ସମୟେ, ସମୟେ......
କିଛି ଲୋକ ଆସନ୍ତି
ଛେଲା ଛେଲା ଦୁଃଖ ଓ ବିଶାଦରେ
ନିଜକୁ ଶୂନ୍ୟ କରି,
ମନ୍ଦିର, ମସଜିଦ୍ ଓ ଗୀର୍ଜାକୁ ପଛକରି
ଆଉ ଯେତେ ଭେଦ ଭାବ ଭୁଲି ।
ମୁଁ କିନ୍ତୁ ସବୁ ପାପପୂଣ୍ୟକୁ
ଦେହରେ ବୋଳି ।
ନୂଆ ଆଲୋକର ଶୁଭ ମନାସୁଥାଏ
ଏକୁଡିଶାଳ ପାଉଁଶକୁ ନେଇ ।
୦୦

# ବାପା! ଆସ ଆସ

## ସଂଜୟ ମହାନ୍ତି

ପଛରୁ ତୁ ଡାକନା
ବାପା ଆସ ଆସ ବୋଲି ।
ତୋ ଡାକରେ ମନଟା ଅସ୍ଥିର ହୁଏ
ମୂଲ୍ୟହୀନ ହୁଏ ଦିନ ଆଉ ରାତି ।

ତୋ ସଂଗେ ଖେଳିବିନି ବୋଲି
ମାଲିକର ତାଗିଦ୍‌ରେ
ଆମର ଏ ବ୍ୟବଧାନ ସଂପର୍କର ।
ତାର ପୁଞ୍ଜି ବଢେ ସିନା –
ଆଉ ମାସ ଚାଉଳ, ଘରଭଡା,
ଜେଜେଙ୍କ ଔଷଧ ପାଇଁ
ମୋ ମାସ ଶେଷ ମୁଜୁରୀର ଠିକଣା ନଥାଏ ।
ମାଲିକ ପାଖରେ ସାଲିସ କରିନି ବୋଲି
ଲହୁ ଲୁହ ଏକକାର ହୁଏ –
ଜଗତୀ କରଣ ଆଉ ଘରୋଇ କରଣର
ଚାବୁକ୍ ମାଡରେ ।
ସାଂଗ ସାଥୀମାନେ କୁହନ୍ତି –
ମୁଁ ଅନ୍ୟାୟ କରୁଛି, ତୁମମାନଙ୍କ ପାଇଁ
ତୁ! କହ ପୁଅ
ଇତିହାସ କ'ଣ ଭୂଲ ହୋଇଯିବ
ବିଶୁ ମହାରଣା ପାଇଁ ।
ତୋ ପରି ଅନେକ ପୁଅ,
ମୋ ପରି ଅନେକ ବାପା ମାନେ
ଏମିତି କାଠଯୋଡି ଓ କାରଗିଲର
ବ୍ୟବଧାନରେ ବଂଚନ୍ତି ।
ହତଭାଗ୍ୟ ପିତୃତ୍ୱର ପରି ସମାପ୍ତି ଯାଏ ।
ତୁ ମୋତେ ପଛରୁ ଆଉ ଡାକିବୁନି ଧନ
ସଂକଳ୍ପ ନେବୁ 'ଧର୍ମପଦ' ହେଇ
ପୁଞ୍ଜିବାଦର ଅସ୍ତ ପର୍ଯ୍ୟନ୍ତ ।

००

ସଂଜୟ ମହାନ୍ତି: ସମ କାଳୀନ ଜଣେ ବାସ୍ତବବାଦୀ କବି ଏବଂ ସାହିତ୍ୟିକ । ଦୀର୍ଘ ଦିନ ଧରି ପ୍ରକାଶ ପାଉଥିବା ମିନି ସୃଜନିକା "ଚନ୍ଦନ" ପତ୍ରିକାର ସହ ସଂପାଦକ । ସଂପ୍ରତି ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ "ସାହିତ୍ୟାୟନ", ଭୁବନେଶ୍ୱରର ସଂପାଦକ ସହ ରାଜ୍ୟର ଅନେକ ସାହିତ୍ୟ ଏବଂ ସାମାଜିକ ସଂଗଠନ ସହ ସଂପୃକ୍ତ । ଭୁବନେଶ୍ୱର

# ଆସ ଭାବିବା ବସୁଧୈବ କୁଟୁମ୍ବକମ୍

**ହରିଶ୍ ଚନ୍ଦ୍ର କର**

ଆସ ହେ ଭାବିବା ଆକାଶ ଉପରେ
ସ୍ୱର୍ଗ ବୋଲି କିଛି ନାହିଁ
ମହାଶୂନ୍ୟ ମଧ୍ୟେ ଚନ୍ଦ୍ର ସୂର୍ଯ୍ୟ ତାରା
ଗ୍ରହ ଉପଗ୍ରହ ଥାଇ । (୧)

ଚିନ୍ତା କରି ଦେଖ ଆମ ତଳେ ନର୍କ
କେବେହେଁ ନଥିଲା ନାହିଁ
ମନଗଢ଼ା ଖାଲି ସ୍ୱର୍ଗ ନର୍କ କଥା
ମନ ଭୁଲାଇବା ପାଇଁ । (୨)

ଦେଖ ଚିନ୍ତା କରି ଜନ ପ୍ରାଣୀମାନେ
ଆଜି ପାଇଁ ବଂଚୁଥାଇ
ଏ ଭାବରେ ଭାବି ଜୀବନ ବଂଚିଲେ
ଶୋଚନା ଆସିବ ନାହିଁ । (୩)

ଭାବ ପୁଣି ଥରେ ଏଇ ଦୁନିଆରେ
ଭିନ୍ନ ଭିନ୍ନ ଦେଶ ନାହିଁ
ସବୁଠାରେ ଦେଖ ମଣିଷ ଜାତିଟି
ଚଳପ୍ରଚଳ ହୁଅଇ । (୪)

କଷ୍ଟକର ନୁହେଁ ଏ ଭଳି ଭାବିବା
ମନଧ୍ୟାନ ଦେଇ ଦେଖ
କାହାପାଇଁ ତେଣୁ କାହାକୁ ମାରିବା
ଦରକାର ନାହିଁ ଲେଶ । (୫)

କାହାପାଇଁ ପୁଣି ନିଜକୁ ମାରିବା
ତିଳେ ନାହିଁ ଦରକାର
ଭାବନାରେ ଥାଉ ଲୋକେ ନିଜ ନିଜ
ବଂଚିଅଛନ୍ତି ସୁଖର । (୬)

ଭାବି ପାରିବାକି ନିଜର ବୋଲିଣ
କିଛି ହିଁ ପଦାର୍ଥ ନାହିଁ
ଏ କଥା ଭାବିଲେ କ୍ଷୁଧା ପାଇଁ ଲୋଭ
ମନକୁ ଗ୍ରାସିବ ନାହିଁ । (୭)

ଆମ ମା ଧରଣୀ ପ୍ରକୃତି କୋଳରେ
ଯୁଗେ ଯୁଗେ ଥାଉ ରହି
ଭାଇ ଭାଇ ପରି ନିଜ ନିଜ ଭାଗ
ମାଆଠାରୁ ମିଳୁଥାଇ । (୮)

ମୋର ଏ ଭାବନା ତୁମକୁ ସପନ
ପରି ଲାଗି ପାରେ ଭାଇ
ମାତର ମୋପରି ଅନେକେ ଭାବନ୍ତି
ଅନୁଶୋଚନା ମୋ ନାହିଁ । (୯)

ଆଶାକରେ ଦିନେ ତୁମେବି ଭାବିବ
ବସୁଧା ହୋଇବ ଏକ
ଏ ଭଳି ଭାବିବା ଉପଗତ ଏବେ
ବସୁଧୈବ କୁଟୁମ୍ବକମ୍ । (୧୦)

୦୦

ଜନ୍ ଲେନନଙ୍କ 'Imagine' କବିତାର ମର୍ମାନୁବାଦ

Harish Chandra Kar believes in and promotes humanism, rationalism, social education with a global outlook. He writes occasionally and published *Smriti Bichitra – eka sankalan* and *Jibana Jigyansa – eka atmalipi*. He retired as Asst Director of Bureau of Statistics and Economics. He lives in Bhubaneswar.

# ସେଫ୍‌ଟିପିନ୍

## ରାଜ କିଶୋର ଦାସ

ଖୁବ୍ ସୋବର୍ ଲାଗୁଥିଲା ସିଏ । ଆଉ ଟିକିଏ ଭଲଭାବେ ଚାହିଁଲି । ଲମ୍ବା ହାତ, ଉଚ୍ଚା ବେକ, ନାଲିରଂଗର ସୁନ୍ଦର ପଞ୍ଜାବୀ, ସାଙ୍ଗକୁ ଧଳା ସାଲୁଆର, ଧଳାରଙ୍ଗର ଦୁପଟା, ଯତ୍ନ ସହ । ମୁଣ୍ଡବାଳ ସାଧାସିଧା, ପଛପଟ ବେକ ପାଖରେ କ୍ଲିପ୍ । ଯେମିତି ଭଦ୍ର, ସଂଭ୍ରାନ୍ତ ଓ ସଂଯତର ପ୍ରତିମୂର୍ତ୍ତି । ତା'ପାଖରେ ଥିବା ପୁଅଟାବି ଭଦ୍ର, ସହଜାତ ଲାଜକୁଳା ବୋଧେ । ହାଓଡ଼ା ରେଲ୍‌ୱେଷ୍ଟେସନ୍‌ରେ ଆମେ ଅପେକ୍ଷା କରିଥିଲୁ ଶାନ୍ତିନିକେତନ ଯିବାପାଇଁ । ଆଜିକା ତାରିଖରେ ଅଧିକାଂଶ ଝିଅ ଖୁବ୍ ଉଗ୍ର ବେଶପୋଷାକ ପିନ୍ଧିଥାନ୍ତି, କଥାଭାଷାରେ ଅତ୍ୟାଧୁନିକତାର ଛାପ ବାରି ହୋଇପଡ଼େ । କିନ୍ତୁ ସେ ଦୁହିଁଙ୍କଠେ ଏ ଲକ୍ଷଣ ଯେମିତି ନଥିଲା । ମୋ ସାଙ୍ଗରେ ପତ୍ନୀ ଥାଆନ୍ତି । ଏଣୁ ଯଥାସାଧ ନିଜକୁ ସଂଯତରେ ରଖିବାକୁ ପଡୁଥାଏ । କେଜାଣି କାହିଁକି ସେ ଦୁହିଁଙ୍କ ଆଡ଼କୁ ବାରମ୍ବାର ଆଖି ଚାଲିଯାଉଥିଲା ।

ବିଶ୍ୱଭାରତୀ ପାସେଞ୍ଜର୍‌ରେ ଆମେ ବସିଲୁ । ସକାଳୁ ଜନଶତାବ୍ଦୀରେ ହାଓଡ଼ା ଆସିଲାବେଳକୁ ଆଗରେ ଏମିତି ଯୋଡ଼ିଏ ବସିଥିଲେ । କିନ୍ତୁ ସେ ଝିଅର ସୌନ୍ଦର୍ଯ୍ୟରେ ଯେତିକି ଉଗ୍ରତା ଥିଲା ତା' ବେଶ ପୋଷାକ ତା'ଠୁ ଅଧିକା । ସ୍ଲିଭ୍ ଲେସ୍ ଟପ୍ ସାଙ୍ଗକୁ ଜିନ୍ ପ୍ୟାଣ୍ଟ ପିନ୍ଧିଥିଲା । ଗୋରା ଦେହକୁ କଳା ଡ୍ରେସ୍ ବେଶ୍ ଆଗ୍ରେସିଭ୍ । ମୁଣ୍ଡରେ ହେଡ୍ ଫୋନ୍ ଲଗାଇ ତା'ର ପୂରା ଧ୍ୟାନ ଥିଲା ମୋବାଇଲ୍ ଉପରେ । ସିନେମା, ଫିନେମା କ'ଣ ଦେଖୁଥିଲା ବୋଧେ, ତା' ବୟଫ୍ରେଣ୍ଡକୁ ମଝି ମଝିରେ ଦେଖେଇ ଖୁବ୍ ହସୁଥାନ୍ତି ଓ ଦେହକୁଦେହ ଘସି ହେଇ ହେଇ ସେ ହସକୁ ଉପଭୋଗ କରୁଥାନ୍ତି । ଏସବୁ ଦୃଶ୍ୟ ଦେଖି ହୁଅନ୍ତା ନାହିଁ, ଯଦି ଉଭୟ ଟ୍ରେନ୍‌ରେ ଆମକୁ ମଝିସିଟ୍ ନ ମିଳିଥାନ୍ତା । ମଝିସିଟ୍ ମାନେ ସାମ୍ନାସାମ୍ନି, ଏଣୁ ଆଖି ବନ୍ଦ କରି ରୁହ ବା ଆଖି ଖୋଲ, ଏ ଦୃଶ୍ୟ ଦେଖି ଉପଭୋଗ କର ବା ବିରକ୍ତି ହୁଅ, ଅନ୍ୟ ଉପାୟ ନାହିଁ ।

ଆମେ ଦୁହେଁ ଯାଉଛୁ ଶାନ୍ତିନିକେତନ ସାନ ଭାଇ ପାଖକୁ । ଆଗରୁ ଥରେ ଅଧେ ଯାଇଛୁ କିନ୍ତୁ ଏଥର ସାନଭାଇ ଆମକୁ ମାୟାପୁରୀ-ନଦିୟା-ନବଦ୍ୱୀପ ବୁଲାଇନେବ ବୋଲି ଡକାଇଛି । ମାୟାପୁରୀ, ଯେଉଁଠି ପ୍ରଭୁପାଦଙ୍କର ବିରାଟ ପ୍ରତିଷ୍ଠାନ । ତାଙ୍କ ଯୋଗୁଁ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ସାରା ବିଶ୍ୱ ଅବଗତ ହେଲା । ଏହା ତାଙ୍କ ମତବାଦ । ମାୟାପୁରୀକି ଲାଗି ଭାଗୀରଥୀ ନଈ, ଡଙ୍ଗାରେ ପାର ହେଲେ ଆଉ ପାଖରେ ନବଦ୍ୱୀପ । ପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଜନ୍ମସ୍ଥାନ, ଗୌଡ଼ୀୟ ମତ ସେ ପ୍ରତିଷ୍ଠା କରିଥିଲେ । ଯାହାଙ୍କ ଯୁକ୍ତି ହେଲା ଶ୍ରୀକୃଷ୍ଣଙ୍କ ଭିନ୍ନ ଜଗତରେ କିଛି ନାହିଁ, ସେହିଁ ଜଣେ ମାତ୍ର ପୁରୁଷ

ଆଉ ସମସ୍ତେ ନାରୀ । ସାରା ସଂସାରରେ ରାଧା ହେଉଛନ୍ତି ପ୍ରେମଭକ୍ତିର ଶ୍ରେଷ୍ଠତମ ନିଦର୍ଶନ । ଏହି ତୀର୍ଥ ଦେଖିବା ଆମ ଉଦ୍ଦେଶ୍ୟ । ଏ' ତ ଆମ ଅବସର ଜୀବନର ଆନନ୍ଦ । ତଥାପି, ଆଖି ଆଗରେ ଘଟୁଥିବା ଏସବୁ ଦୃଶ୍ୟ, ପ୍ରତୀତ ହେଉଛି ଯେମିତି ମନ୍ଦିର ଗାତ୍ରର ପ୍ରତିମୂର୍ତ୍ତି । ଯାହା ସମାଜର, ସଂସାରର ଓ ଭୋଗର ପ୍ରତୀକ ସ୍ୱରୂପ । ତାକୁ ପରିତ୍ୟାଗ କଲେ ମୋକ୍ଷ ଆଡ଼କୁ ଗତି କରିହେବ । ମନକୁ ଆୟତ୍ତ କରିବା ସହଜ କଥା ନୁହଁ । ସଂସାରରେ ସବୁଠୁ କ୍ଷୀପ୍ର ଗତିରେ ଗତିକରେ ମନ । ବୟସ ବଢ଼ି ଚାଲିଲେ ଏହାର ଗତି ଉପରେ ପ୍ରଭାବ ପଡ଼ିଥାଏ ବୋଲି ସମସ୍ତଙ୍କ ଧାରଣା । ମୁଁ ବି ବେଳେବେଳେ ଏକଥାକୁ ଅନୁଭବ କରେ ।

ହେଇ, ଗଲାସପ୍ତାହରେ ଆମ ଜମାନାର ସିନେମା ସୁନ୍ଦରୀ ଶ୍ରୀଦେବୀ ଚାଲିଗଲେ । ବୟସ ଷାଠିଏ ବି ହେଇନି ତାଙ୍କୁ । ଟିଭି, ପତ୍ରପତ୍ରିକା, ସୋସିଆଲ୍ ମିଡିଆ ଚାରିଆଡ଼େ ସେ ଖବର ବ୍ୟାପିବାରେ ଲାଗିଥିଲା । କିନ୍ତୁ, ମୁଁ ଯେମିତି ସେ ଖବର ପଢ଼ିବାପାଇଁ ବା ଦେଖିବାପାଇଁ ଏତେ ଆଗ୍ରହ ମୋ ଭିତରୁ ପାଉନଥିଲି । ଅଥଚ, ଶ୍ରୀଦେବୀଙ୍କ ପଚାଶରୁ ଉର୍ଦ୍ଧ୍ୱ ସିନେମା ଦେଖିଛି କହିଲେ ଭୁଲ୍ ହେବନି । କେବେ ସିନେମା ହଲ୍‌ରେ କେବେ ଟିଭି ପରଦାରେ । ଆମ ଯୁବ ବୟସର ସେ ଜଣେ ଚର୍ଚ୍ଚିତା ସିନେମା ନାୟିକା । ଖାଲି ସେ ଖବର କାହିଁକି ? ଆଜି ଦିନରେ ମୋ ବୟସରେ ପହଂଚିଥିବା ଲକ୍ଷ ଲକ୍ଷ ଲୋକ ବୋଧେ ଆଉ ଗ୍ଲାମର ଦୁନିଆର ଖବର କିମ୍ବା ସେମିତି ଅନ୍ୟ କିଛି ଆଜେବାଜେ ଖବର ଦେଖୁନଥିବେ ବା ପଢୁନଥିବେ । ଏ ନିଶ୍ଚେ ବୟସର ପ୍ରଭାବ । ବୟସ ସହ ମଣିଷର ମନ ଏମିତି ବଦଳି ବଦଳି ଯାଉଥାଏ । ନୋହିଲେ ହନୁମାନ ଚାଳିଶା, ବିଷ୍ଣୁସହସ୍ର ନାମ ମନକୁ ମନ, ମନ ଭିତରେ ଗୁଣୁଗୁଣେଇ ହେଉନଥାନ୍ତା ? ଏମିତି ଯେ ସାରାସଂସାର, ତାହା କହିହେବନି, ଯେଉଁମାନେ ବିତ୍ତଶାଳୀ, ପ୍ରଭାବଶାଳୀ ହୁଏତ ତାଙ୍କ ଭାବ ଅଲଗା ପ୍ରକାର ହେଇଥିବ । କାରଣ ପରିବେଶ ଓ ପରିସ୍ଥିତିହିଁ ମଣିଷକୁ କାବୁ କରିଥାଏ ।

ଭୁବନେଶ୍ୱରରୁ ହାଓଡ଼ା ପହଂଚିବାକୁ ପାଂଚରୁ ଛ' ଘଣ୍ଟା, ହାଓଡ଼ାରୁ ଶାନ୍ତିନିକେତନ ବି ସାଢ଼େତିନି, ଚାରିଘଣ୍ଟା । କେତେ ଆଖିବୁଜି ବସିବ ? ମଝି ମଝିରେ ପତ୍ନୀ ସାଙ୍ଗରେ ଗପିଲେ ବି ସାମ୍ନା ସିଟ୍‌କୁ ଆଖି ଚାଲିଯାଉଥାଏ । ଏ କି ଦୃଶ୍ୟ, ସେହି ସୋବର୍ ଝିଅ ତାର ବୟଫ୍ରେଣ୍ଡର ବାଁ' ହାତକୁ ଧରି ନିଜ ଛାତିକୁ ଲଗାଇ ଏମିତି ଧରିଛି ଯେ ଯେମିତି ଲେସି ହେଇଯାଇଛି । ପୁଅର ପାପୁଲି ତା' କୋଳଭିତରେ ପଶିକିଅଛି । ପୁଅଟା ଝରକା ପାଖରେ ବସିଥିଲା ଓ ମଝିରେ ବସିଥିଲା ସେ ଝିଅ, ତା' ପାଖରେ ଆଉ ଜଣେ କେହି । ସିଏ ତା'ର ମୁହଁ, ଗାଲକୁ ବାରମ୍ବାର ପୁଅର ଓଠପାଖକୁ ନେଉଥିଲା ଓ ଛୁଆଁଇଦେଉଥିଲା । ସେ ପୁଅ ସଂକୋଚରେ ନିଜ ଭିତରେ ନିଜକୁ ଲୁଚାଇବାକୁ ଚେଷ୍ଟା କରୁଥିଲା । ବେଳେବେଳେ ମୁହଁ ତା'ର ଯେମିତି ଆରକ୍ତ ପଡ଼ିଯାଉଥାଏ । ସେମିତିରେ ବି ସେ ଝିଅ ଖୁବ୍ ସାଧାରଣଭାବେ ଆମକୁ ଚାହୁଁଥିଲା, ମୁରୁକି ହସ ବି ହସି ଦେଉଥିଲା ।

ଏତିକିବେଳେ ଟ୍ରେନ୍‌ର ଭିଡ଼ ଠେଲି ଜଣେ ବାଉଲ୍ ଗୀତ ଗାଇ ଗାଇ ଆସିଲା- 'ତୋମାୟେ ହ୍ରିଦ୍‌ମାଝାୟେ ରାଖବୋ ଛେଡ଼େ ଦେବୋନା/ ଛେଡ଼େଦେଲେ ସୋନାର ଗୋରୀ ଆରତୋ ପାବୋନା... / ନା...ପାବୋନା...ଛେଡ଼େଦେବୋନା... ଆମି ହ୍ରିଦୟ ମାଝେ ରାଖ୍‌ବୋ ଛେଡ଼େଦେବୋନା ।' ବାଉଲ୍ ଗୀତର ମଜା ନେଲୁ ଓ ସେଇ ଲୋକକୁ କିଛି ପଇସା ଦେଲୁ । ରାଧାକୃଷ୍ଣଙ୍କ ପ୍ରେମକୁ ନେଇ ଅଧିକାଂଶ ବାଉଲ୍ ଗୀତ । ଏହା ବଙ୍ଗଳାର ଲୋକସଙ୍ଗୀତ ମଧ୍ୟରୁ ଅନ୍ୟତମ । ଭାଷା ପୂରାପୂରି ବୁଝି ହେଉନଥିଲେ ବି ଭାବ ଓ ଶବ୍ଦରୁ କିଛିକିଛି ବୁଝିହେଉଥିଲା । ବାଉଲ ଗୀତ ମତେ ନେଇଯାଉଥିଲା ଓଡ଼ିଶୀ, ଚମ୍ପୂ, ଛନ୍ଦ ଆଡ଼କୁ - 'ଆରେ ଦୁଃଖୀ ଧନ, ଦମ୍ଭ ଦେଖିବାକୁ ସିନା କଲି ଛନ୍ନ / ଦୁଃଖମୟ ନକର ସରସମନ / ଦୂରୁ ମୁଁ ଯିବାର ଜାଣି ହରି, ଦରିଦ୍ର ନିଧି ଲଭିଲା ପରି...' । ଆମ ସମୟରେ ଏ ବୟଫ୍ରେଣ୍ଡ ଖେଳ ନଥିଲା । ଏତେ ଖୁଲମଖୁଲା ମିଶିବା, ଗପିବା, ଛୁଇଁବା ତ ଦୂରର କଥା । ମୁଁ ମୋ ପତ୍ନୀକୁ ବାହା ହେବାର ଚାରି ବର୍ଷ ପୂର୍ବରୁ ଜାଣିଥିଲି, ଜାଣିଥିଲି କ'ଣ ଆମ ଭିତରେ ବି ଭଲ ସଂପର୍କ ଥିଲା । ତେବେ 'ମୁଁ ତୁମକୁ ଭଲପାଏ' ବୋଲି ଶବ୍ଦଟେ କେବେ ପାଟିରୁ ପଇଟୁ ନଥିଲା । ସବୁ କଥାରେ ମାପଚୁପ । ମନଭିତରେ ଯେତେ କଥା ଉଙ୍କିମାରୁ ତାକୁ କେବଳ ଆଖି ଆଖିରେ ହିଁ କୁହାଯିବ । ପାଟି ଖୋଲି କହିବା ବା ଛୁଇଁବା ସେ ଯୁଗରେ ଏତେ ସହଜ କଥା ନଥିଲା । ଆମ ବେଳକୁ ସମୟ ଟିକେ ଟିକେ ବଦଳିବା ଆରମ୍ଭ ହୋଇଥିଲା । ଏକାଠି ବସି ଭଦ୍ର ଭାବେ ଗପିବା, ସାଙ୍ଗ ହୋଇ ଆଖପାଖରେ ବୁଲିବା, ବଜାର, ହାଟ, ମନ୍ଦିର ଯିବା ଚଳୁଥିଲା । ତେବେ ବଡ଼ମାନଙ୍କୁ ଖାତିର କରି, ଘରୁ ଠିକ୍‌ଭାବେ ଅନୁମତି ନେଇ ।

ମୋର କିନ୍ତୁ ଝିଅମାନଙ୍କ ସହ ମିଶିବାରେ କୌଣସି ଅସୁବିଧା ନଥିଲା, ମାନେ ଝିଅଟିଏକୁ ପାଖରେ ପାଇଲେ କୌଣସି ପ୍ରତିକ୍ରିୟା ମୋ ଭିତରେ ହେଉନଥିଲା । ସେଥିପାଇଁ ଶତ ଧନ୍ୟବାଦ ଦେଉଥିବି ମୋ ମାମୁଁଝିଅ ଭଉଣୀମାନଙ୍କୁ । ଆମ ଗାଁ ପଟେ ମାମୁଁଝିଅ, ପିଉସୀଝିଅ ବା ମାମୁଁପୁଅ, ପିଉସୀପୁଅଙ୍କୁ ବିବାହ କରିବା ଖୁବ୍ ଯୁକ୍ତିଯୁକ୍ତ ଓ ସାଧାରଣ ମଧ୍ୟ । ଲୋକେ ଏହି ପ୍ରଥାକୁ ଅଧିକାର ବୋଲି ଭାବନ୍ତି । ମୋ କ୍ଷେତ୍ରରେ ସେମିତି ତ କିଛି ହେଇନାହିଁ ତେବେ ପ୍ରତିଛୁଟିରେ ମାମୁଁଘର ଗାଁକୁ ବୁଲିଯିବା, ସମସ୍ତଙ୍କ ପରି ମୋର ବି ଆଗ୍ରହ । ସେ ଗାଁରେ ମୋର ମାମୁଁ, ମାଉସୀ ଓ ବଡ଼ମା' ଘର ହେଇ ପ୍ରାୟ ଦଶ, ବାର ପରିବାର । ଅଧିକାଂଶରେ ମୋ ବୟସର ପୁଅ, ଝିଅ ସମସ୍ତଙ୍କ ଘରେ । ଆମେ ସାଙ୍ଗ ହୋଇ ନଈକୂଳରେ ବୁଲିବା, ଗାଧୋଇବା, ନଈରୁ ଗାଁକୁ ଫେରିବା ଭିତରେ ବଉଳ ଫୁଲ, ମାଳତୀ ଫୁଲ ଗୋଟେଇବା, ଆମ୍ବ, କଇଠ, ବେଲ ସବୁ ସଂଗ୍ରହ କରିବା ଏତ ନୀତିଦିନିଆ କାମ । ଖରାବେଳେ ତାସ୍, କ୍ୟାରମ୍, ଲୁଡୁ ଇତ୍ୟାଦି ଖେଳ, ଗପ, ଗୀତ ଧୁମ୍ । ତେବେ ବଡ଼ମା'ଙ୍କ ଘର ଛାତଘରେ ପୁଅମାନଙ୍କ ପ୍ରବେଶ ନଥିଲା, କେବଳ ସାତ, ଆଠ ଝିଅଙ୍କର । ସେମାନେ ସେଠି ଶୁଆବସା, ଗପସପ, ପଢ଼ାପଢ଼ି ଯାହା କରିବା କଥା କରନ୍ତି । କେବଳ ମତେ ହିଁ ସେହି ଛାତଉପର ଘରକୁ ପ୍ରବେଶ ଅନୁମତି ଥିଲା । କାରଣ ମୁଁ ମାମୁଁ, ମାଇଁ, ମଉସା, ମାଉସୀ ସଭିଙ୍କ ଗେହ୍ଲା । ମୋ ଉପରେ ସେମାନଙ୍କ ଅଖଣ୍ଡ ବିଶ୍ୱାସ । ଏଣୁ ମୁଁ ସେଠି ଶୋଇଲେ, ବସିଲେ, ଗପିଲେ କାହାର କିଛି

ଆପତ୍ତି ନଥାଏ । ସେ ସମୟରେ ଅନ୍ତାକ୍ଷରୀ କରୁ, ଯେତେ ସବୁ ସିନେମାଗୀତକୁ ନେଇ । ମନ ଆକାଶ, ମମତା, ସିନ୍ଦୂର ବିନ୍ଦୁ, ବବି, ଜୁଲି, ସୋଲେ ଇତ୍ୟାଦି ସେ ସମୟର ନାମକରା ସିନେମା । ସବୁଠୁ ମଜାକଥା ହେଲା, ସେ ବଡ଼ ରୁମ୍‌ଟାରେ ମୁଁ ମଝିରେ ଶୁଏ ଓ ମୋର ଚାରିପଟେ ସେଇ ଭଉଣୀମାନେ । ଚିନା ବାଦାମ, ମୁଢ଼ି, ମକାପୋଡ଼ା, କନ୍ଦମୂଳ ସିଝା ଖାଇ ରାତି ଘଡ଼ିଏ ଯାଏଁ ଗପିବାରେ ଆମେ ସବୁ ଅଭ୍ୟସ୍ତ ଥିଲୁ । ଏଣୁ ତ ପତ୍ନୀଙ୍କ ସାଙ୍ଗରେ ବିବାହ ପୂର୍ବରୁ ଚାରିବର୍ଷର ସମ୍ପର୍କ ଥିଲେବି ଖୁବ୍ ସ୍ୱଚ୍ଛ ଥିଲା ସେହି ଦିନମାନ । ଆମେ ବି ସିନେମା ଦେଖୁଥିଲୁ । ଗାଡ଼ି ମଟରରେ ଦୂର ରାସ୍ତା ଯାଏଁ ଯାଉଥିଲୁ କିନ୍ତୁ ଆମ ସମ୍ପର୍କକୁ ଆମେ କେବେ ଖୋଲାଖୋଲି ପ୍ରଦର୍ଶିତ କରିବାକୁ ଦେଇନୁ ।

ତା'ବୋଲି ଯେ ଆମ ସମୟରେ ଅଭିଆଡ଼ି ଝିଅ ମାଆ ହେଉନଥିଲେ ବା ପ୍ରେମରେ ପ୍ରତାରଣାର ବିଷ ନଥିଲା ସେ କଥା ନୁହଁ ! ତାର ସଂଖ୍ୟା କମ୍ ଥିଲା । ଆଉ ଗୋଟେ ବଡ଼ କଥା ହେଲା, ଗାଁ ମାନଙ୍କରେ ଯେଉଁ ସବୁ ପରିବାର ଶିକ୍ଷିତ, ଖାନ୍‌ଦାନୀ ଥିଲେ, ସେମାନଙ୍କ ଘରର ପିଲାମାନେ ସୁଯୋଗ ମିଳିଲେ କି ଇଛା ଥିଲେ ବି, ବାପା, ମାଆ, ଘରର, ବଂଶର ଇଜ୍ଜତ ମହତକୁ ଯଥା ସାଧ୍ୟ ଜଗୁଥିଲେ । ଇଜ୍ଜତ, ମହତ ଶବ୍ଦର ଅର୍ଥ ଏବେ ବଦଳିଗଲା । ସେ ମରହଟିଅ ପ୍ରଥା ଆଉ ନାହିଁ ବୋଲି ଆଜିକାଲି କହନ୍ତି ।

ମୋର ଜଣେ ବନ୍ଧୁ ଗୋଟେ ଟିଭି ଚ୍ୟାନେଲ୍‌ରେ ରିୟଲିଟି ସୋ' କରୁଥିଲେ । ବିଷୟ ଥିଲା ଯେଉଁମାନେ ପ୍ରେମ କରି, ପ୍ରେମକୁ ବିବାହ ରୂପ ଦେଇ, ଦୀର୍ଘ ଦିନଯାଏଁ ସଫଳ ଦାମ୍ପତ୍ୟ ରଚିଛନ୍ତି ସେହିମାନଙ୍କୁ ନେଇ ଏହି ସୋ । ଏଥିରେ ସାକ୍ଷାତ୍‌କାର କରାଇ ବଧେଇ ଜଣେଇବାର କାର୍ଯ୍ୟକ୍ରମ ଥିଲା । ସେ ବନ୍ଧୁ ଜଣକ ଆମ ଦୁହିଁଙ୍କର ସାକ୍ଷାତ୍‌କାର ନେବାପାଇଁ ପ୍ରସ୍ତାବ ଦେବାରୁ ପତ୍ନୀ ପୂରାପୂରି ମନା କରିଦେଇଥିଲେ । ତାଙ୍କ ଯୁକ୍ତି ଥିଲା ଆମ ସମ୍ପର୍କ ଆମର, ସ୍ୱତନ୍ତ୍ର । ତାକୁ ଦୁନିଆ ଲୋକଙ୍କୁ ଦେଖାଇବା, ଜଣେଇବାର ଆବଶ୍ୟକ ନାହିଁ । ମୋର ଜଣେ ପ୍ରଫେସର ବନ୍ଧୁ ବି ପ୍ରେମ ବିବାହ କରି ସଫଳ ଦାମ୍ପତ୍ୟ ଜୀବନ ବିତାଉଛନ୍ତି । ସେମାନେ ମଧ୍ୟ ଏହି ସୋ'ରେ ଯୋଗ ଦେବାପାଇଁ ମନା କରିଥିଲେ । ଏମିତି ଅନ୍ୟ ପ୍ରେମିକ, ପ୍ରେମିକା ଯୋଡ଼ି ମଧ୍ୟ ରାଜି ନହେବାରୁ, ଖୁବ୍ କମ୍ ଦିନରେ ନିର୍ଦ୍ଦେଶକ ବା ଚ୍ୟାନେଲ୍‌ବାଲା ଏହି କାର୍ଯ୍ୟକ୍ରମକୁ ବନ୍ଦ କରିଦେଇଥିଲେ ।

ମଲ୍‌ଟିମିଡିଆ ଯୁଗ ଆସିବାରୁ ଯୁବମାନସ ଉପରେ ପ୍ରଭାବ ଅଧିକା ପଡ଼ିଛି । ଯଦିଓ ବୟସ୍କମାନେ ବି ବିଭିନ୍ନ ସୋସିଆଲ୍ ମିଡିଆ ସହ ସମ୍ପୃକ୍ତ ତଥାପି ସେମାନେ ନିଜ ବ୍ୟକ୍ତିଗତ ଜୀବନ ସହ ତାକୁ ଏଯାଏଁ ସାମିଲ୍ କରିନାହାଁନ୍ତି । ଯେତିକି କରନ୍ତି ଯୁବପୀଢ଼ି । ଏମାନଙ୍କ ପ୍ରେମ, ବିବାହ, ବ୍ୟବସାୟ ଓ ବ୍ୟକ୍ତିତ୍ୱର ବିକାଶ ପାଇଁ ଆଜିର ଦିନରେ ଏହି ମିଡିଆ ହିଁ ତାଙ୍କର ଏକମାତ୍ର ଆଶ୍ରା । ଏହାର ବହୁ କୁପ୍ରଭାବବି ଅଛି । ମଣିଷ ଯନ୍ତ୍ର ଆଶ୍ରିତ ହେଇଯାଏ । ବ୍ଲୁ ହ୍ୱେଲ ପରି ମରଣାନ୍ତକ ଆକର୍ଷଣରେ ପଡ଼ିବାର ଭୟ, କୁପ୍ରକୃତିର ମଣିଷ ମାନଙ୍କ ଚକ୍ରାନ୍ତ ବ୍ୟତୀତ ମାନସିକ ଯନ୍ତ୍ରଣା ବି ଭୋଗିବା ବି ଏଡ଼େଇ ହୁଏନି ।

ଏ ଯାଏଁ ପତ୍ନୀ କାନରେ ଇୟର୍ ଫୋନ୍ ଦେଇ ଗୀତ ଶୁଣୁଥିଲେ । ସେ ଗୀତ ଶୁଣିବାକୁ ଭଲପାଆନ୍ତି । ଅକ୍ଷୟ ମହାନ୍ତିଙ୍କ ସେ ଜଣେ ଫ୍ୟାନ୍ । କିଛି ସମୟ ଆଖିବୁଜି ଶୋଇବାପାଇଁ ଚେଷ୍ଟା କରି ତାଙ୍କ ମୋବାଇଲ୍ ଓ ଇୟର ଫୋନ୍ ମତେ ଦେଇଦେଲେ । ମୁଁ ଶୁଣିଲାବେଳକୁ ଅକ୍ଷୟ ମହାନ୍ତିଙ୍କ ଗୀତ ବାଜୁଥିଲା- 'ମୋର ଶବ ତ ମଶାଣି ଭୂଇଁରେ ଶୋଇଥିଲା / ତୋତେ କିଏ ମୋ ସମାଧି ଠିକଣା ଦେଲା / ଜିଇଁଥିଲା ବେଳେ କାଟିଛି ମୁଁ କେତେ ରାତି ଚେଇଁ, ତୋରି ପାଇଁ / ମରିଲାପରେ ବି ଦେଉନୁ ଶୁଆଇ ।' ଏଇ ଗୀତ ଶୁଣୁଶୁଣୁ ମୁଁ ହଠାତ୍ ପଚାଶ ବର୍ଷ ପଛକୁ ଫେରିଗଲି । ମୋ ଆଖି ଆଗରେ ଦୃଶ୍ୟମାନ ହେଇଉଠିଲା ପରୀନାନୀର ଶବ ଅଥଚ ମୁଁ କେବେ ଦେଖିନି ସେ ଦୃଶ୍ୟ । ବୋଉ ମାମୁଁ ମାଉସୀଙ୍କଠୁ ହିଁ ଶୁଣିଥିଲି ।

ସୋରଡ଼ା ଘାଇରେ ଭାସୁଥିଲା ଗୋରା ତକ୍ ତକ୍ ଷୋଡ଼ଶୀ କୁଆଁରୀର ଶବ । ଖୁବ୍ ସୁନ୍ଦର, ଜରଉ ନଦୀ ଆର ପାଖ ପାହାଡ଼ ଶିଖରରୁ ସୂର୍ଯ୍ୟ ଉଇଁଉଠୁଥିଲା ଯେତିକି, ଯେତିକି, ସେତିକି, ସେତିକି, ପରୀନାନୀର ମୁହଁ ଚିକ୍‌ଚିକ୍ କରୁଥିଲା । କେହି ବିଶ୍ୱାସ କରୁନାହାଁନ୍ତି, ସେ ଆଉ ବଂଚିବ ନାହିଁ କି ବଂଚିବାର ସମ୍ଭାବନା ନଥିବାର ଅକାଟ୍ୟ ସତ୍ୟକୁ । ମୋତେ ଲାଗୁଥିଲା, ପୋଲିସ୍ ଓ ଆଖପାଖ ଜନତାଙ୍କ ଭିଡ଼ ଠେଲି ମୁଁ ଦେଖୁଛି ସୂର୍ଯ୍ୟ ଉଇଁ ଆସିବାରୁ ଆକାଶର ମଲାଜହ୍ନ ଆତ୍ମହତ୍ୟା କାରିଦେଇଛି, ଅକାତକାତ ପାଣି ଭିତରେ, ପ୍ରାୟ ସତୁରୀ, ଅଶୀ ଫୁଟରୁ କମ୍ ନଥିବ ! କେମିତି ଆସିଲା ସେ ତା ଗାଁରୁ ଏତେ ଦୂର ରାତି ଅଧରେ ? ଦୁଇରୁ ତିନି ମାଇଲ୍ ବାଟ । ହାତରେ ଲଣ୍ଠନ, ହାତବତୀ, ନିଆଁପେଡ଼ି କିଛି ତ ନଥିଲା । ସୋରିଷିବିଲି ତୋଟା ଯାହା ବିରାଟ ଜଙ୍ଗଲରୁ ଖଣ୍ଡେ, ବାଘ, ଭାଲୁ, ଭୂତ ପ୍ରେତ, ଡାଆଣୀ, ଚିରୁଗୁଣୀ କୌଣସି ଜଙ୍ଗଲିଜନ୍ତୁ, କାହାକୁ ତା'ର ଭୟ ନଥିଲା । କେହି ତାର ବାଟ ଓଗାଳି ପାରିଲେ ନାହିଁ ! କହିପାରିଲେ ନାହିଁ ଫେରିଯା', ଫେରିଯା' ପରୀ ଏ ରୂପର ନିଆଁ, ଏ ଯୌବନର ନିଆଁକୁ ଏମିତି ଲିଭାନା । ଏ ନ୍ୟାୟ ନୁହଁ ତୁ ତୋ ନିଜପାଇଁ ଏତେ ବଡ଼ ଅନ୍ୟାୟ କରିବସେନା !!

ଅନନ୍ତ ମିଶ୍ରଙ୍କ ପୁଅ ଶୁକଦେବ, ଡାକ୍ତର ଶୁକଦେବ ମିଶ୍ର । ଗାଁକୁ ଜଣେ ମାତ୍ର ଉଚ୍ଚଶିକ୍ଷିତ, ବାପା ଓ ବଡ଼ଭାଇ ପେଟି କଣ୍ଟ୍ରାକ୍ଟର । ପିଲାବେଳୁ ଶୁକଦେବର ପାଠପଢ଼ାରେ ମନ, ମୁଁ ଡାକ୍ତର ହେବି । ବାପା ଭାଇ ଚାରି ପଇସା ଅର୍ଜୁଥିଲେ । ଏଣେ ଶୁକଦେବ ଜଣେ ଭଲ ଛାତ୍ର, ସବୁବେଳେ କ୍ଲାସ୍‌ରେ ଫାଷ୍ଟ୍ । ଗାଁରୁ ସୋରଡ଼ା, ସୋରଡ଼ାରୁ ଭଂଜନଗର, ତା'ପରେ ବ୍ରହ୍ମପୁର ମେଡ଼ିକାଲ କଲେଜ । ପାଠ ସରୁ ନସରୁଣୁ କଟକ ବଡ଼ ମେଡିକାଲ୍‌ରେ ଚାକିରି । ସିଏ ଆଉ ଗାଁ ଝିଅକୁ ବାହା ହେବାପାଇଁ ମନ କରିବ ? ପରୀନାନୀର ବାପା ଅଗାଧୁ ମହାପାତ୍ର ଓ ଅନନ୍ତ ମିଶ୍ରେ ଯୁବକାଳୁ ସମୁଦି, ସମୁଦି ଡକାଡକି ହୁଅନ୍ତି । ବଡ଼ ଘନିଷ୍ଠ ସାଙ୍ଗ । ମହାପାତ୍ରେ ଗାଁରେ ମୁଖିଆ, ଅନନ୍ତ ମିଶ୍ରଙ୍କ କଣ୍ଟ୍ରାକ୍ଟରୀ । ଏଣୁ ଉଭୟେ ଉଭୟଙ୍କ ପ୍ରତି ଅନେକଟା ନିର୍ଭରଶୀଳ । ବନ୍ଧୁତାକୁ ସମ୍ପର୍କରେ ବଦଳାଇବାକୁ ଉଭୟଙ୍କ ଇଚ୍ଛା । ପିଲାବେଳୁ ପରୀ ଓ ଶୁକଦେବକୁ ବାଲ୍ୟବିବାହ କରାଇବାକୁ ସେମାନେ ଚାହିଁଥିଲେ । ଶୁକଦେବ ଜମାରୁ ରାଜି ହେଲାନାହିଁ । ସେ କହିଲା ମୁଁ ଆଗ ପାଠ ପଢ଼େ ତେଣିକି ଦେଖିବା ।

ଶୁକଦେବ ଛୁଟିରେ ଯେବେ ଗାଁକୁ ଆସିବ । ପରୀ ନିଶ୍ଚେ ଦେଖା କରିବ । ଏମିତିରେ ଶୁକଦେବର ବୋଉର ବଡ଼ ପ୍ରିୟ ପରୀ । ସବୁଦିନେ କାହାର ନା କାହା ହାତରେ ଡକାଉଥିବେ ଏବଂ ତା' ପାଇଁ କିଛି ନା କିଛି ଖାଇବାକୁ ରଖିଥିବେ ।  ଯାତରା, ପର୍ବ, ପୁନେଇଁରେ ସେ ଖର୍ଚ୍ଚ କରିବାପାଇଁ କିଛି କିଛି ପଇସା ବି ଦେଉଥିବେ । ପିଲାବେଳୁ ତାଙ୍କ ଘରକୁ ଆତଯାତ ଥିବାରୁ ବଡ଼ ହେଲା ପରେ ବି ପରୀ ସେତେଟା ଲାଜ କରୁନଥିଲା । ତା' ମନରେ ଦୃଢ଼ ଧାରଣା ଥିଲା ସେ ତ ଏ ଘରକୁ ବୋହୂ ହେଇକି ଆସିବ । କିନ୍ତୁ ଶୁକଦେବ ଚାକିରି କଲା ପରଠୁ ତାକୁ ସବୁବେଳେ କହିବାରେ ଲାଗିଲା, 'କଟକରେ ରାତି ନାହିଁ ଲୋ ପରୀ, ସେଠି ରାତି ବାରଟା ଅଧେରେ ହକର ପିଲା ଘର ଘର ବୁଲି ଖବରକାଗଜ ବାଣ୍ଟେ । ସାରାରାତି କେଉଁଠିକି ନା କେଉଁଠିକି ଟ୍ରେନ୍ ଯାଉଥିବ ଆସୁଥିବ । ଏଣୁ ସହର ରାତିସାରା ଚେଇଁଥିବ ।' ପରୀ ଆଶ୍ଚର୍ଯ୍ୟ ହୋଇ ପଚାରୁଥିବ 'ସେଠି କ'ଣ ରାତି ହୁଏନି' ? ରାତିରେ ଜହ୍ନ ଉଏଁନି ? ରାତିରେ ବି ଖରା ? ଶୁକଦେବ ତା ଗାଲକୁ ଚିପିଦେଇ କହେ, 'ହେ ଓଲିଟା, ସେଠିବି ରାତିରେ ଜହ୍ନ ଉଏଁ କିନ୍ତୁ ସହରସାରା ବିଜୁଳୀବତୀର ଆଲୁଅ ।' ପୁଣି କହେ, 'ତୁ ସେଠି ଚଳିପାରିବୁନି ଲୋ ପରୀ, ଏଠି ଭଲ ଟୋକା ଦେଖି କାହାକୁ ଗୋଟେ ବାହା ହେଇପଡ଼େ ।' ପରୀ କହେ, 'ତମେ କ'ଣ କୋଉ କଟକୀ ଝିଅ ପଛରେ ପଡ଼ିଲଣି କି ? ହେଇଟି ଶୁଣିଥାଅ, ମୁଁ ବୁଦ୍ଧି ଜାଣିଲା ଦିନଠୁଁ ତମର ହେଇଯାଇଛି । ଏ ଦେହ, ମନ ସବୁ ତମର । ଏ ମନ ଆଉ କାହାର ହେବନି, ଏ ଦେହକୁ ଆଉ କାହାକୁ ଛୁଆଁଇଦେବିନି । ତମେ ନାହିଁ ତ କେହି ନାହିଁ ।

ସେ ଦିନ ଅଧରାତି ବେଳକୁ ପରୀନାନୀ ଘରୁ ବାହାରିଥିବ । ଘର ତାଙ୍କର ଶୁକଦେବ ଘର ସାମ୍ନା ସାହିରେ । ସାହି ମଝିରେ ଗ୍ରାମ ଦେବତୀଙ୍କ ମନ୍ଦିର ଓ ତାକୁ ଲାଗି ଗୋଟେ ମସ୍ତବଡ଼ ତେନ୍ତୁଳିଗଛ । ଏଣୁ ୟା ଘର ବାରଣ୍ଡାରୁ ତା' ଘର ଦିଶେ ନାହିଁ । ଘରେ ସମସ୍ତେ ଶୋଇ ଯାଇଥିବେ, ଗାଁ ଦାଣ୍ଡ ଶୁନ୍ ଶାନ୍ ନିଶା ଗର୍ଜୁଛି । ଘରୁ ଧିରେ ପାଦ କାଢ଼ି ପରୀନାନୀ ଆସିଥିବ ଶୁକଦେବ ଘର ଯାଏ । ଶୁକଦେବ ସନ୍ଧ୍ୟାରେହିଁ ଗାଁ ରେ ପହଁଚିଥିଲା । ତାଙ୍କ ଘର ସାମ୍ନାପାଖରେ ଯେଉଁଠି ଆଗ ଗାଈ ଗୁହାଳ ହେଇଥିଲା ସେଇଠି ଗୋଟେ ଘର କେବେଠୁ ତିଆରି ହେଲାଣି । ଦିନବେଳେ କାଁ ଭାଁ ଗାଁର କିଏ ରୋଗୀ ଆସିଲେ ସିଏ ସେଇଠି ଦେଖେ । ସେଇଠିହିଁ ଶୁଏ, ଡେରି ରାତି ଯାଏ ଲଣ୍ଠନ ଲଗାଇ ପଢ଼େ ଓ ରେଡ଼ିଓ ଲଗାଇ ଗୀତ ଶୁଣୁ ଥାଏ । ଆଗରୁ କେବେ ପରୀନାନୀ ତା'ପାଖକୁ ରାତି ଅଧରେ ଆସିନଥିଲା । କିନ୍ତୁ ଆଜି ନେଡ଼ିଗୁଡ଼ କହୁଣି କୁ ବୋହିଯାଇଛି । ସେ ଶୁଣିଲା ଶୁକଦେବ ସତରେ ଗୋଟେ କଟକୀଆଣି ଝିଅକୁ ଆସନ୍ତା ମାସରେ ବାହା ହେବ । ସିଏ ବି ଡାକ୍ତରାଣୀ, ଏଣୁତ ଶୁକଦେବର ଯିଦ୍ ତାକୁ ହିଁ ବାହା ହେବ । ସେଦିନ ରାତିରେ ତାଙ୍କ ଭିତରେ କ'ଣ ଘଟିଲା, କ'ଣ ହେଲା କେହିଜାଣିନାହାଁନ୍ତି । ସେ ଦୁହେହିଁ ଜାଣିଛନ୍ତି କିନ୍ତୁ ଭୋର ଭୋର ଗାଡ଼ି ଧରି ଶୁକଦେବ ଫେରିଯାଇଛି କଟକକୁ । ପରୀନାନୀର ଶବ ଭାସୁଛି ଦିନ ଦଶଟା ଯାଏଁ ସେଇ ସୋରଡ଼ା ଘାଇରେ ।

ଗାଁ ଲୋକ ତ ନାନା କଥା କହୁଛନ୍ତି, ଖଳଲୋକ କୁହନ୍ତି, ସେଦିନ ଶୁକଦେବ ପରୀକୁ ଛୁଇଁଦେଇ କଣ କରିଥିବ । ଆଉ କେହି କେହି କହୁଛନ୍ତି ପରୀ ସେମିତି ଝିଅ ନୁହେଁ । ଜୀବନ ଦେଇଦେବ ପଛେ

କୌଣସି ଅସତ୍ୟ କଥା କରିବ ନାହିଁ କି ଅସତ୍ୟ ମାର୍ଗରେ ଯିବ ନାହିଁ । ଏଣୁତ ଜୀବନ ଦେଇଦେଲା ପଛେ ଦ୍ୱିତୀୟ କାହା କଥା ଭାବିଲା ନାହିଁ ।

ସତରେ ସେ ଯୁଗ ଏ ଯୁଗ କଥା ଭାବିଲେ ଆକାଶ ପାତାଳ ପ୍ରଭେଦ ଲାଗୁଛି । ଲାଗୁଛି ଏଇଥିପାଇଁ ଯେ ଆଜି କାଲି ବଜାର, ଘାଟ, ରେଳ, ବସ୍ ଯେକୌଣସି ଜନଗହଳି ଯାଗାରେ ଝିଅଟେ ପୁଅକୁ ଓ ପୁଅଟେ ଝିଅକୁ ଛୁଇଁଦେବା ପାଇଁ ଯେତେ ବ୍ୟଗ୍ର ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ସେଦିନ ପରୀନାନୀ ଘାଇପାଣିକୁ ଡେଇଁ ପଡ଼ିବା ଆଗରୁ ସେ ପିନ୍ଧିଥିବା ଲୁଗାର ବତୀଶଟା ଜାଗାରେ ବତୀଶଟା ସେଫ୍‌ଟିପିନ୍ ଲଗାଇଥିଲା; ଯେମିତିକି ତା ଦେହରୁ ଟିକେବି ଲୁଗାନଖସୁ କେହିବି ତା ଦେହର ଇଞ୍ଚେବି ଅଂଶ ନ ଦେଖନ୍ତୁ । ଏମିତିହିଁ ତାକୁ ମଶାଣି ଭୂଇଁରେ ପୋଡ଼ିଦିଅନ୍ତୁ । ଏଥିଲା ପଚାଶ ବର୍ଷ ତଳର, ନିପଟ ମଫସଲର ଅଶିକ୍ଷିତା ଅବିବାହିତା ଗୋଟେ ଝିଅର ମାନସିକତା ।

ଗାଡ଼ି ଆମର ଶାନ୍ତିନିକେତନ ପାଖେଇ ଆସୁଥିଲା, ସାମ୍ନାରେ ବସିଥିବା ସେ ସୋବର ଝିଅଟି ତା ବଏଫ୍ରେଣ୍ଡ ସହ ଓହ୍ଲେଇବା ପାଇଁ ତିଆର ହୋଇ ଆମକୁ ହିନ୍ଦୀରେ କହିଲା 'ଗାଡ଼ି ସେଠି ଦୁଇ ମିନିଟ୍ ରହିବ, ଆସନ୍ତୁ ଗେଟ୍ ପାଖକୁ ଯିବା' ମୋର ପତ୍ନୀଙ୍କର କଥାର ଉତ୍ତର ଦେଇ କହୁଥିଲା ଯେ ସେ ଦୁହେଁ ଉଭୟେ ଶାନ୍ତିନିକେତନର ଛାତ୍ର ଛାତ୍ରୀ ଓ ସାଙ୍ଗ ମଧ୍ୟ ।

ଷ୍ଟେସନରୁ ଓହ୍ଲାଇଲା ବେଳକୁ ପ୍ଲାଟ୍‌ଫର୍ମରେ ଖୁବ୍ ମଧୁର ସ୍ୱରରେ ବାଜୁଥିଲା ରବୀନ୍ଦ୍ର ସଙ୍ଗୀତ ।

∞∞

ରାଜ କିଶୋର ଦାସ, ଭୁବନେଶ୍ୱର, ପ୍ରକାଶିତ କବିତା ପୁସ୍ତକ: ଲୋଡ଼ାନାହିଁ ମୋର କଳ୍ପବଟର ଛାଇ, ଜହର ଦାସର କବିତା, ଉଦ୍ଧବ ଓ ଅନ୍ୟାନ୍ୟ କବିତା, ତୃତୀୟ ପାଦ, ରୁଦ୍ରାକ୍ଷ, ବାନପ୍ରସ୍ଥ, ପ୍ରଥମପୃଷ୍ଠା, ଅଣଚାଶ, ତୁମ ଆଖି . ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବ ସଦସ୍ୟ । ଅନେକ ସାରସ୍ୱତ ପୁରସ୍କାରରେ ସମ୍ମାନିତ ।

# ପ୍ରଥମ ଲହର

## ଚନ୍ଦ୍ରମୋହନ ମହାପାତ୍ର

କେତେଦିନ ହେଲା ଆନ୍ତର୍ଜାତିକ ଖବର ଦେଖିବାରେ ଉତ୍ସୁକତା ବଢ଼ିବାରେ ଲାଗିଛି । କୋଉ ବିଶ୍ୱଯୁଦ୍ଧର ପରମାଣୁ ନିକ୍ଷେପଣ ନୁହେଁ, ଯୁଦ୍ଧସମୟର ଘନଘଟା, ଆତଙ୍କବାଦୀ ଆକ୍ରମଣ କିମ୍ବା ଗ୍ରେନେଡ୍‌ମାଡ଼, ଡ୍ରୋନ ଆକ୍ରମଣ ବି ନୁହେଁ । ଯେତେସବୁ ନୂଆନୂଆ ଆତଙ୍କ ସୃଷ୍ଟି ହେଲା ପରି ଖବର ଶୁଣିବାକୁ ଆଗ୍ରହ ବଢ଼ିଛି ।  କିନ୍ତୁ ଏ କେତେଦିନର ଏହି ଖବର ଦର୍ଶକଙ୍କ ଦିମାକକୁ ଯେ ଦୋହଲାଇ ଦେଉଛି ତାହା ନୁହେଁ, ଦେହ-ମନକୁ ବରଫରେ ଥୋଇଲା ପରି କାଲୁଆ କରିଦେଉଛି ସବୁ ସମୟରେ । କିଏ କହିପାରିବ ଏ ଖବର ବି ଆମ ଚାରିପାଖକୁ ମାଡ଼ି ନଆସିବ!

ଅବିନାଶ କହିଲା, ସେ ବେକାର କଥା, ସେଗୁଡ଼ା ମ୍ଳେଛ । କ'ଣ ନାଇଁ କ'ଣ ସାପ, ବେଙ୍ଗ, ଜିଆ, ଅସରପା, ମୂଷା, ଚୁଚୁନ୍ଦ୍ରାଙ୍କୁ ଜିଅଁନ୍ତା ଗିଳୁଥିବା ମଣିଷଗୁଡ଼ାଙ୍କୁ ହେବନି ତ ଆମ ଭଳି ଶୁଦ୍ଧଭୋଜିଙ୍କ ପାଖ କାହିଁକି ମାଡ଼ିବ? ସ୍ୱପ୍ନେଶ୍ୱର ଯୁକ୍ତିକଲା, ଏବେ ଯେଉଁ ରୋଗ ବ୍ୟାପୁଛି ତାହା ସାଧାରଣ ରୋଗ ନୁହେଁ, ମଣିଷରୁ ମଣିଷଦେହକୁ ଡେଇଁ ପଡୁଛି । ସେଟା ଡିଆଁ ରୋଗ, ଛୁଆଁ ରୋଗ ବି କାହାରି ଅକ୍ତିଆରେ ନାହିଁ । କିଛି ବି ଔଷଧ କାଟୁ କରୁନି । କେହି ଡାକ୍ତର ବୈଜ୍ଞାନିକ କାହାକୁ ମାନୁନି, ବେଶି ଲାଗିଲେ ତାଙ୍କରି ତଣ୍ଟିମୋଡ଼ି ଦେଉଛି, ଅମାନିଆ, ଅଣଅକ୍ତିିଆର, ଅତ୍ୟନ୍ତ ବଳିୟାର । ମହାମାରୀ ।

ଆମ ଅପେକ୍ଷା ଆନ୍ତର୍ଜାତୀୟ ଚେନାଲରେ ବେଶି ସେହି ଚର୍ଚ୍ଚା । ପ୍ରଥମେ ପ୍ରଥମେ ଚାଇନା ଭାଇରସ୍ କୁହାଯାଉଥିଲା, ଚାଇନା କହିଲା, କୋଭିଡ୍-୧୯ । ବାଦୁଡ଼ିରୁ ସୃଷ୍ଟ କରୋନା ବୋଲି ଚିହ୍ନେଇଦେଲା । ପ୍ରଥମେ ଯେବେ ଟିଭି ପର୍ଦ୍ଦାରେ ଏସବୁ ଖବର ପ୍ରସାରଣ ହେଲା, ରାସ୍ତା ଉପରେ ଚାଲୁଚାଲୁ ଟଳି ପଡୁଥିବା ଭିଡ଼ିଓ ଭାଇରାଲ୍ ହେଲା । ଚମକି ପଡ଼ିଲେ ବିଶ୍ୱବାସୀ, ଚାରିଆଡ଼େ ମଡ଼କଭୟର ଆତଙ୍କ କରୋନା ଭାଇରସ୍ । ସେବେ ଆମେ ଭାବି ନେଇଥିଲେ, ଆମ ଦେଶକୁ କରୋନା ପଶିବାକୁ ଡରେ । ସେ ମୁହଁ କାଢ଼େ ଥଣ୍ଡା ଦେଶଆଡ଼େ । ଆମେରିକା, ବ୍ରିଟେନ, ଇଟାଲୀ, ଫ୍ରାନ୍ସ ଏମିତି ଏମିତି ଶହେ ଦେଶରୁ ଡେଇଁ ତିନି ଶହ ସଂଖ୍ୟା ଛୁଇଁଲାଣି । ଅମେରିକା କହୁଛି ଏହା ମନୁଷ୍ୟକୃତ । ଭାରତ ଦ୍ୱିତୀୟ ବୃହତମ ଦେଶ ବଶ୍ୱରେ । ଭୟ କରିବା ବଡ଼କଥା । ଭାବିଥିଲେ, ସାଏନଫ୍ଲୁ, ବାର୍ଡ଼ଫ୍ଲୁ, ଏବୋଲା ଭଳି ଦିନା କେତେ ଆତଙ୍କ ଚଳେଇ ଆପେଆପେ ଦବିଯିବ ଅନ୍ୟରୋଗପରି । ସତର୍କ ରହିବା, ହାତ ଧୋଇବା । ମୁଣ୍ଡର ସୁରକ୍ଷା ପାଇଁ ହେଲମେଟ୍ ପରି ମୁହଁରେ ତୁଣ୍ଡି ବାନ୍ଧିବା, ସାମାଜିକ ଦୂରତ୍ୱ ବଜେଇ ରଖିବା, ନିରାକରଣର ଏକମାତ୍ର ନିଦାନ । ଔଷଧ ବୋଲି କିଛି ନାହିଁ । ଚାଇନାରୁ ଭାରତ କେତେ ବା ଦୂର । ସାତଦରିଆ ତେରନଈ ପାର ହେଇ ପୁଣି

ଆମେରିକା ବ୍ରିଟେନ ଅଷ୍ଟ୍ରେଲିଆରେ ପହଞ୍ଚିପାରୁଥିôବା ଭୂତାଣୁକୁ ଏଇ ବୋର୍ଡ଼ର ଡେଇଁବାକୁ କେତେ ସମୟ ଲାଗିବ!

ଦେଶବାସୀଙ୍କୁ ସତର୍କ କରେଇବା ଛଡ଼ା ଜୀବଜନ୍ତୁ ଘଉଡ଼େଇବା ଭଳି ସମ୍ମିଳିତ ତାଳି ମାରିବା, ବେଲା, କଂସା, ଥାଳି ବାଟି ବାଡ଼େଇ କିଛି ନହେଲେ ବି ତାଳି ଚାପଡ଼ା ମାରି କରୋନାକୁ ଘରେ ପଶେଇବାକୁ ନଦେବା ପାଇଁ ତାଗିଦ୍ ।

ଅବିନାଶ ସ୍ୱପ୍ନେଶ୍ୱରକୁ ପଚାରିଲା, 'ଏମିତି କ'ଣ ସମ୍ଭବ!' 'ଅସମ୍ଭବ କିଛି ନାହିଁ, ବିଶ୍ୱାସେ ମିଳଇ ହରି, ସେହି ବିଶ୍ୱାସରେ ବାନ୍ଧିହେବା ଏହାର ଉଦ୍ଦେଶ୍ୟ । ଯୋଡ଼ାକୁ ଘୋଡ଼ା ସରି ନୁହେଁ । ସମସ୍ତ ଏକ ହେଲେ ଶତ୍ରୁ ପଶିବାକୁ ସାହାସ କରିବ କେମିତି!'

ଆଜି ଆଉ କେହି କାହାରି ଶତ୍ରୁ ନୁହେଁ, ସମସ୍ତଙ୍କର ଗୋଟିଏ ଶତ୍ରୁ କରୋନା । କରୋନା କଥାଟି କ'ଣ? ଅବିନାଶ ବୁଝେଇବା ଢଙ୍ଗରେ କହିଲା, ଯିଏ ଅଣାୟତ, ଯିଏ କାହାକୁ ଛାଡ଼େନି, ଯିଏ ପଶିଲେ ଗ୍ରାସିଯାଏ, କଅଁଳ ଗଛତକ ଛେଳି ଚୋବାଇବା ଭଳି ମଣିଷକୁ ମଡ଼ମଡ଼କରି ଖାଇଯାଏ, ଡାହାଣୀ ଚିରିଗୁଣୀ ପରି ରକ୍ତ ଶୋଷି ପିଇଯାଏ, ତା'ନା କରୋନା, କରୋନା ଅର୍ଥ ଅଦୃଶ୍ୟ କାଳ ।

ଆଗକାଳରେ ଏମିତି କାଳଭୟରେ ତାଟିକବାଟ ପଡ଼ିଯିବା କଥା ଜତଶ୍ରୁତିକୁ  ବୁଢ଼ୀମା'ର  ମନୋଜ୍ଞ କାହାଣୀକୁ  କିଏ ସତ ବୋଲି ଭାବେ, ଛୁଆଙ୍କୁ ଡରେଇବା, ଦୁଷ୍ଟାମୀଙ୍କୁ ଦବେଇବା ପାଇଁ ଏମିତି କେତେକେତେ ବୁଢ଼ୀ ଅସୁରୁଣୀ, ଅଗନାଅଗିନୀ ବଣ ଏମିତି ସବୁ ଅରମା କଥା ଲୋଡ଼ା ହେଉଥିଲା । ଏବେ କିନ୍ତୁ ସେ ସବୁ ଶୁଣାକଥା ବାସ୍ତବ ହେଉଛି, ନାତି ଶୁଣଉଛି ଆଈକୁ, ଦେଶ ବିଦେଶର କରୋନା ଭୂତ କଥା, ଆଈମା କିନ୍ତୁ ବିଶ୍ୱାସ କରୁନି । ଘୁରି ଯାଇଛି ସମୟର ଚକ, ପୁଣି ମୂଳକୁ ଆସିଛି ମଣିଷ, ଯେଉଁଠି କିଛି କଥା ଅଣାୟତ ହୁଏ ସେଇଠି ବିଶ୍ୱାସର କଥା ଉଠେ । ବିଶ୍ୱାର ଅର୍ଥ କ'ଣ ହେଇପାରେ ଭଗବାନ ନୁହେଁ କି! ଯେଉଁଠି ବୈଜ୍ଞାନିକ, ଡାକ୍ତର, ବିଶେଷଜ୍ଞଙ୍କ ଭଳି ପ୍ରତକ୍ଷ୍ୟବାଦୀ ଫେଲ୍ ମାରନ୍ତି ସେଇଠି ପରୋକ୍ଷବାଦୀ ଚେଇଁ ଉଠନ୍ତି । ଶକ୍ତି, ଭକ୍ତି ଉପାସନା, ଈଶ୍ୱର ଏମିତି ଏକ ସତ୍ତା ଯିଏ ଅଦୃଶ୍ୟରେ ଥାଇ ବି ବିଶ୍ୱବ୍ରହ୍ମାଣ୍ଡକୁ ସହଜ ସୁନ୍ଦର ଭାବେ ଚଳେଇ ପାରନ୍ତି । ଯିଏ ବିଶ୍ୱାସ କରୁ କି ନକରୁ ସମୟ କେବେ ଅବିଶ୍ୱାସ କରିବାକୁ ଦିଏନି । ସୂଚେଇ ଦିଏ, ଚେତେଇ ଦିଏ, ପରିବର୍ତ୍ତନର ସ୍ୱରକୁ ହିଁ ନିର୍ଦ୍ଦେଶ ବୋଲି ଧରି ନେବାକୁ ହୁଏ ।

ଅବିନାଶ କହେ, ସମୟ ଏକ ତୁଚ୍ଛ ଜଳ ସଦୃଶ ଅଥବା ସୂକ୍ଷ୍ମ ପଦାର୍ଥ ଆକାରର । ସ୍ୱପ୍ନେଶ୍ୱର ଯୁକ୍ତି ବାଢ଼େ, ପବନକୁ ନେଇ ଏତେଟା ନିର୍ଭରଶୀଳ ହେଇହେବ ନାହିଁ । ଅନ୍ତରର ଅତିଆପଣାର ଆତ୍ମୀୟ ପବନଟି ବାହାରେ ଆତଯାତ ଭିତରେ କେବେକେବେ ଉଭାନ ହେଇଯାଏ ଆନ୍ତର୍ଘାତୀ ଭଳି । ବରଂ ମାଟି ଅଧିକ ବିଶ୍ୱସ୍ତ ତା'ର କାୟାକୁ ନେଇ ଯାଇପାରେନି । ସେମିତି ଅପାଙ୍କ୍ତେୟ ହୋଇ ପଡ଼ିରହିବା ଭିତରେ ତୃପ୍ତିପାଏ, ତୃପ୍ତ କରାଏ ।

ଏତେସବୁ ଯୁକ୍ତିତର୍କ ପରେ ଅବିନାଶ ଥକିପଡ଼ିଲା, ସ୍ୱପ୍ନେଶ୍ୱରକୁ ନିଦ ଆସୁଥିଲା, ସେ ଚାହିଁପାରୁନଥିଲା । ନିଦୁଆ ଆଖିରେ ପଚାରିଲା, କେବେ ବାହାରି ହେବ । କୁଆଡ଼େ? ଅବିନାଶ

ପ୍ରଶ୍ନରେ ଉତ୍ତେଜିତ ହେଲାପରି ସ୍ୱପ୍ନେଶ୍ୱର କହି ଚାଲିଲା, ଏମିତି ଗୋଟେ ବନ୍ଦ କୋଠରି ଭିତରେ ଭୋକ ଉପାସରେ ମରିବା ଅପେକ୍ଷା, ଖୋଲା ମେଲା, ମୁକ୍ତ ଆକାଶ ତଳେ ଦି' ଢୋକ ପବନ, ନିର୍ମଳ ପାଣି ଢାଳେ ପିଇ ଜିଇଁବା ଭଲ । ଅନେକ ସେଇ ସ୍ୱପ୍ନନେଇ ଗୋଡ଼ କାଢ଼ିସାରିଛନ୍ତି । କିନ୍ତୁ ଏଇ ଗୋଡ଼କୁ କ'ଣ ନିର୍ଭର କରିହେବ ଏତେଗୁଡ଼ା ରାସ୍ତା! ଅବିନାଶ ଓଲଟି ପ୍ରଶ୍ନ କଲା କାହିଁକି ନୁହେଁ! ଗୋଡ଼ହିଁତ ଚାଲିବା ପାଇଁ ଜନ୍ମରୁ ମୃତ୍ୟୁ ଯାଏଁ ଯେତେବାଟ, ଗୋଡ଼ କେବେ ଅମଙ୍ଗ ହେଇଛି? ଶରୀର ନିଶ୍ଚଳ ହେବା ଗୋଡ଼ ଅଚଳ ହେବା ଅଲଗା କଥା, ଗୋଡ଼ କେବେ ହାରେନି । ପାରିବୁ ନିଶ୍ଚିତ ପାରିବୁ, ଦେଖିଲୁଣି ଷାଠିଏ ସତୁରୀ ବର୍ଷର, ପାଞ୍ଚ ଛଅ ବର୍ଷର ବାହାରି ପଡୁଛନ୍ତି ନିର୍ଦ୍ୱନ୍ଦ୍ୱରେ । ନିର୍ଦ୍ୱନ୍ଦ୍ୱରେ ନୁହେଁ ଉପାୟହୀନ ହୋଇ, ସେ କହିଲା । ଜୀବନର ମୋହ କିଏ ଛାଡ଼େ! ବଞ୍ଚିବା ଭିତରେ ମରିବା, ଆଉ ମରିବା ଭିତରେ ବଞ୍ଚିବା ଅଲଗା କଥା । ସଂସାରରେ ଜନ୍ମ ହେଲେ କିଏ ନମରୁଛି, କିଏ କାଳ କବଳରେ ହେଉ କି କାଳବଳରେ । କେଉଁଟାକୁ ଲୋକ ମାନୁଛନ୍ତି । ଶହେ ବର୍ଷ ବଞ୍ଚି ସାରିବା ପରେ ବି ମଣିଷ ଈଶ୍ୱରଙ୍କୁ ଆଉ କିଛି ବୟସ ମାଗୁଛି । କିଏ ମରଣକୁ ସ୍ନେହକରେ, ଭଲପାଏ, ଶ୍ରଦ୍ଧାକରେ, ସ୍ୱପ୍ନେଶ୍ୱର ପଚାରିଲା । କାହିଁକି ଆତ୍ମହତ୍ୟା, ଇଚ୍ଛା ମୃତ୍ୟୁ? ଏସବୁ ମରଣକୁ ଭଲ ପାଇ ନୁହେଁ ଜୀବନକୁ ଡରି । ଅବିନାଶ କହିସାରିବା ପରେ ଆଉ ଯୁକ୍ତିକୁ ଆଗକୁ ବଢ଼େଇବାକୁ ଚାହିଁଲାନି ।

ପରଦିନ ଅବିନାଶ ଉଠିବା ଆଗରୁ ସ୍ୱପ୍ନେଶ୍ୱର ତୟାର ହେଇସାରିଥିଲା । ଏୟାର ବ୍ୟାଗ୍‌ରେ ତା' ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଯଥା ସମ୍ଭବ, ପାଣି ବୋତଲ, ଦି'ହଳ ଜୋତା, ପୁରୁଣା ରେନିକୋଟ, ବିସ୍କୁଟ, ମିକ୍ସଚର କେତେ ପ୍ୟାକେଟ, ଆଉ ଗୋଟେ ଆଗଝୁଲା ବ୍ୟାଗ୍ । ଛାତି ପେଟ ହେଇକି ବାଧା ଦେବନି ଚାଲିବାରେ ପରୀକ୍ଷା ନିରୀକ୍ଷା କରି ଦେଖିନେଲା । ଅବିନାଶ କିନ୍ତୁ ତା' ନିଜକଥା ଭାବୁଥିଲା । କମ୍ପାନୀରେ କାମ କରୁଥିବା ତା'ପରି ଅନେକ ପୁଅ ଝିଅ ସୁଦୂର ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଭଳି ଆଖପାଖ ରାଜ୍ୟର । ବୁଢ଼ା, ଦରବୁଢ଼ା, ଯୁବକ ଯୁବତୀ, ବାଳକ ବାଳିକା ସମସ୍ତଙ୍କର ଗୋଟିଏ ଚିନ୍ତା, ଫେରିବା । ସ୍ୱପ୍ନେଶ୍ୱର ବୁଝେଇଦେଲା, ତୋ କଥା ବୁଝିଛି, ଏତେବଡ଼ ପଲଟନକୁ ଘୋଷାଡ଼ି ଏ ସଂକଟ କାଳରେ ଚାଲିହେବ ନାହିଁ । ନିଜ ଶକ୍ତିକୁ ଖଟେଇବାକୁ ହେବ । ତାକୁ ଶେଷଯାଏଁ ସମ୍ଭାଳିବାକୁ ପଡ଼ିବ । ଅନ୍ୟକଥା ଚିନ୍ତାକଲେ ଚାଖଣ୍ଡେ ବାଟ ସଳଖି ଆଗେଇ ହେବନାହିଁ । ରାସ୍ତାରେ ଜଣେ ଅଧେ ନୁହେଁ, ତୀର୍ଥଯାତ୍ରାର ଭିଡ଼ । ଅବିନାଶ କିନ୍ତୁ କାହା କଥା ଭାବୁଥିଲା ସ୍ୱପ୍ନେଶ୍ୱରକୁ ଜଣା । କିନ୍ତୁ ସେ ପିଲାଲୋକ ପୁଣି ଝିଅପିଲା । ତାକୁ ନେଇ ଅଧିକ ବୋଝ ସମ୍ଭାଳିବା କଷ୍ଟ । ଅବିନାଶ ଯୁକ୍ତିକଲା, କିନ୍ତୁ ସିଏ ଆମରି ଅଞ୍ଚଳର । ସ୍ୱପ୍ନେଶ୍ୱେର ଚିଡ଼ି ଉଠିଲା, ନିଜେ ବଞ୍ଚିଲେ ବାପର ନାଁ, ମଲାପରେ କିଏ କାହାକୁ ଛୁଉଁଚି, ଚୁପ୍‌ଚାପ ବାହାରିପଡ଼, ଫର୍ଚ୍ଚା ପଡ଼ିଗଲାନି । ସାଇକେଲ ଦି'ଟା ପ୍ରସ୍ତୁତ ହେଇ ରହିଛି । ସେଥିରେ ସବୁ ସରଞ୍ଜାମ । ଆମ ହାତ, ପାଦ, ଗୋଡ଼ ଉପରେ ଯେତିକି ବିଶ୍ୱାସ କିଛି ଅସୁବିଧା ହେବନି । ଅନ୍ୟକୁ କାନ୍ଧରେ ବୋହି ଆମେ ଆମ ଠିକଣା ଜାଗାରେ ପହଞ୍ଚି ପାରିବାନି । ଅବିନାଶ ଭାବିଲା, ଏକଥା ଅକ୍ଷରେ ଅକ୍ଷରେ ସତ, କିନ୍ତୁ ବେଳେବେଳେ ସ୍ୱାର୍ଥପରତା ଆତ୍ମରକ୍ଷାର କବଚ ହେଇଥାଏ, ଆଉ ତର୍କବିତର୍କର ସମୟ ନଥିଲା ।

ସକାଳହେବା ମାତ୍ରେ ସୁକୁମାରୀ ସାଇକେଲ ବାହାରକୁ କାଢ଼ିଆଣିଲା, ଅନେକ ଦିନୁ ଅଯଥାରେ ଅଳସୁଆ ହେଇ ପଡ଼ିଥିବା ସାଇକେଲକୁ ଦି'ରାଉଣ୍ଡ ମାରି ସତେଜ କଲା । ଯେମିତି ଏକ ଲମ୍ବ ଦୌଡ଼ରେ ଭାଗନେବା ଆଗରୁ ଘୋଡ଼ାକୁ ପ୍ରସ୍ତୁତ ରଖିବା ପାଇଁ ଉଦ୍ୟମ ହୁଏ । ଗଲାକାଲିଠାରୁ ତାଙ୍କ ଅଞ୍ଚଳର ଅବିନାଶ ଓ ସ୍ୱପ୍ନେଶ୍ୱର ରାତି ପାହିବା ଆଗରୁ ଚମ୍ପଟ ମାରିଛନ୍ତି । ଯିଏ ଯାହାର ସୁବିଧା ଅନୁସାରେ ଚାଲି ଗଲେଣି ।  ଓଡ଼ିଆ ଝିଅ ହିସାବରେ ସିଏ ଆଜି ସଂପୂର୍ଣ୍ଣ ଏକୁଟିଆ । ସେ ଜାଣିଥିଲା, ଯିଏ ଯାଉ ପଛେ ଅବିନାଶ ତାକୁ ଛାଡ଼ି କେବେହେଲେ ଯାଇ ପାରିବ ନାହିଁ । କମ୍ପାନୀରେ କାମ ଆରମ୍ଭ ଦିନରୁ ସେ ଅବିନାଶକୁ ଚିହ୍ନିଥିଲା । ଓଡ଼ିଆ ବୋଲି  ନିଜର ଲାଗେ । ଆତ୍ମୀୟତା ବି । କିନ୍ତୁ ସ୍ୱପ୍ନେଶ୍ୱର, ସେ ଇର୍ଷୁକ ପରିଶ୍ରୀକାତର, ଏ ସଂପର୍କକୁ କେବେ ଦେଖିପାରି ନାହଁ, ଆଜି କାହିଁକି ଦେଖନ୍ତା । କିନ୍ତୁ ଅବିନାଶ... ! ତାକୁ କାନ୍ଦ ଲାଗିଲା । ତଥାପି ମନକୁ ବୁଝେଇନେଲା । ଯାହାର କେହି ନାହିଁ ତା' ପାଇଁ କେହି ଜଣେ ଉପରବାଲା ଅଛନ୍ତି ।

ସେ ଜାଣିଛି, କାନ୍ଦ ମନକୁ ଦୁର୍ବଳ କରେ । ସେ ଆଖିରୁ ଲୁହ ପୋଛି ନିଜକୁ ସଶକ୍ତ କଲା । ରାସ୍ତାରେ ଛୁଟିଚାଲିଥିବା ହଜାର ହଜାର ତା'ପରି ଲୋକଙ୍କ କଥା ସେ ଦେଖିଛି । ବୁଢ଼ା ବୁଢ଼ୀ, ଛୋଟା, ଅନ୍ଧ, ଛୋଟପିଲା, କାଖରେ କୋଳରେଜାକି ଦୁର୍ବାର ଆଶାନେଇ ଚାଲିଥିବା ମା'ମାନଙ୍କ କଥା ତା' ମନକୁ ଆସିଲା ।

ଏମିତି ଏକ କଅଁଳ ବୟସରେ ପାଠରେ ଡୋରିବାନ୍ଧି ବାହାରି ଆସିଥିଲା, ପରବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେଇଥାନ୍ତା । ଗରିବ ହେଲେ ବି ଆଖିରେ ଅନେକ ସ୍ୱପ୍ନ । ପାଠପଢ଼ି ଚାକିରି କରି ପରିବାର ଦୁଃଖ ଦୂରକରିବାର ଆଶା ମଉଳିଗଲା । ଦୁଃଖ ବୋଝ ମୁଣ୍ଡେଇବାର ଅଭ୍ୟାସ ବିନା ପିଠିରେ ବୋହିବାର କଷ୍ଟ ଛାତିକୁ ଆଘାତ ଲାଗେ ।

ସେଦିନ ସ୍କୁଲରୁ ଫେରି ଦେଖିଲା, ଘରଆଗରେ ଗହଳଚହଳ । ସେ ପ୍ରଥମେ କିଛି ବୁଝି ପାରିଲାନି, ସାନ ଭାଇଭଉଣୀ ଦି'ଟା ତା'ପାଖକୁ ଦୌଡ଼ିଆସିଲେ ।  'କ'ଣ ହେଲା?' ସେମାନେ ଭୋ-କିନା ଏକସଙ୍ଗେ କାନ୍ଦିପକେଇ, 'ବାପା... ।' ନିଜ କୋହକୁ ଅଟକାଇ ପଚାରିଲା, 'କେମିତି?' ସେମାନେ କାନ୍ଦି କାନ୍ଦି କହିଲେ, ସାପ କୁମୁଡ଼ିଦେଲା ।' 'ଏଁ ସାପ, କି ସାପ?' 'କହୁଛନ୍ତି ନାଗ, ଲୋକେ ତାକୁ ମାରିଦେଲେ ।' ବରଫ ଭଳି ତା'ଦେହ ଥଣ୍ଡା ହୋଇ ଆସୁଥିଲା ପାଦତଳୁ ମାଟି ସବୁ ଭୋସ୍‌କିନା ଖସି ପଡ଼ିଲା ଯେମିତି । ସେ ପାଦ ଘୋଷାରି ବୁଢ଼ୀମା' ପାଖକୁ ଗଲା । ହାତ ଦି'ଟାକୁ ଅନବରତ ମୁଣ୍ଡପାଖରେ ପିଟିହେଉଥିବା ବୁଢ଼ୀମା' ତାକୁ ପାହାଡ଼ ପରି ମନେ ହେଲା । ତା' କୋରଡ଼ଗତ ଆଖିଠି ଫାଙ୍କରୁ ଝରି ପଡୁଥିଲା ଦୁଇଟି ଛୋଟିଆ ଝରଣା । ଦୁନିଆରେ ମା'ଆଗରେ ପୁଅ ମୃତ୍ୟୁଠାରୁ ଦୁଃଖ ବୋଧେ ଅଧିକ କିଛି ନାହିଁ । ତାକୁ ଚାରିପାଖରୁ ଜାବୁଡ଼ି ଧରି ଭାଇଭଉଣୀ ଅନେକ ସମୟ ପର୍ଯ୍ୟନ୍ତ ବୋବାଳି ଥିଲେ ।

ସମସ୍ତଙ୍କ ଭିତରେ ସିଏ ବୟସରେ ବଡ଼ । ଏହି ବଡ଼ିପଣିଆ କାରଣରୁ ସିଏ ସମସ୍ତଙ୍କଠୁଁ ଅଭିଜ୍ଞ, ଅଧିକ ଦକ୍ଷତାର ଅଧିକାରୀ ବୋଲି ମନେ ହେଉଥିଲା ସାନ ଭାଇ ଭଉଣୀଙ୍କ ଦୃଷ୍ଟିରେ । ଭେଁ ଭେଁ

ହେଇ କାନ୍ଦିବା, କଇଁ କଇଁ ହେଇ କାନ୍ଦିବାର ଫରକ୍ ସେ ଜାଣିସାରିଥିଲା । ଭୋକର ଭୋଗୋଳ, ପେଟର ଜ୍ୱାଳା, କଇଁ କଇଁ ଅନ୍ତଃସ୍ୱର ଭିତର ଅନେକ ଅକୁହା ବେଦନାକୁ ଅନୁଭବ କରିପାରିଥିôଲା । ସଂସାରକୁ ଭଲ ଭାବେ ଦେଖି ନଥିବା ଆଖିଗୁଡ଼ିକୁ ଭଲମନ୍ଦ ଦେଖିବାକୁ ବୁଝେଇଲା । ଜଳଜଳ ହେଇ ଅନେଇବା, ଲୁହ ଗଡ଼େଇବା ବ୍ୟତୀତ ଆଖିର ଆଉ କିଛି କି କାମ! ଚଳନହୀନ କାଠଗଣ୍ଡିଟେ ପରି ବସିରହିଥିଲା ବୁଢ଼ୀମାଆ । ସମସ୍ତେ ମିଶି ଉଠେଇଲେ, ଉଠ ତୁ ନିଜେ ନ ଉଠିଲେ ଆମେ ଉଠେଇ ପାରିବୁନି । ସେ ତୋ ପୁଅ ଯେମିତି ଆମର ବାପା ସେମିତି । ଯେଉଁଦିନ ଘର ପାଖ ଉଈ ହୁଙ୍କା ସଫା କରୁକରୁ ମା'କୁ ଗୋଟେ ସାପ ଚୁଟ ମାରିଲା, ବାପ ରାଗ ଗରଗର ହୋଇ କଟୁରୀରେ ଗୋଟେ ଚଟାରେ ସାପକୁ ଦି'ଗଡ଼ କଲା । ସାପ ମଲା ସିନା ମା' ଆଉ ଫେରି ଆସିଲାନି । ସାପ ଆଖି ହଳକ ସେମିତି ଜଳଜଳ ହେଇ ବାପକୁ ଚାହିଁିଁଥିଲା । ଲୋକେ ତାକୁ ଟାଣି ନେଇଗଲେ । ସାପ ଆଖିରେ ତୋରି ଫଟୋ । ବାପ ବେଖାତିର କରି ଆଉ ଗୋଟେ ଚଟା ମାରିଲା । ସେଦିନ ବୁଢ଼ୀମା' କମରରେ ଲୁଗା ଗୋଡ଼େଇ ଠିଆ ହେଇଥିଲା । ସାହାସ ଦେଇଥିଲା, ଭରସା ହେଇଥିଲା । ସତକଥା, ସୁକୁମାରୀ ନିଜକୁ ଏତେ ବଡ଼ ମନେକଲା, ଯେମିତି ମା'ବାପ ଭଳି ସେମାନଙ୍କ ବୋଝ ଉଠେଇବା ଭିଳି ଦକ୍ଷତା ପାଇଯାଇଛି ସେ ।

ଅତିବେଶିରେ ପନ୍ଦର କି ଷୋହଳ ବର୍ଷ, ନିଜ ଭିତରେ ମଣିଷପଣିଆର ସ୍ୱରୂପ ଠିକ ଭାବେ କଳନା କରି ଶିଖିନି । ତଥାପି ସେ ମନକୁ ଦମ୍ଭ କଲା, ତା'ଚାରିପାଖର ଗଛପତ୍ର, ପାହାଡ଼ ପର୍ବତ, ପାଣି ପବନ, ମାଟିଗୋଡ଼ି, ଜଣାଶୁଣା, ଚିହ୍ନାଅଚିହ୍ନା ସବୁକୁ ତନ୍ନତନ୍ନ କରି ପରୀକ୍ଷା କଲା । ବାପା ମାଆଙ୍କ ଅକାଳ ମୃତ୍ୟୁ, ସାନସାନ ପିଲାଙ୍କଠୁଁ ବି ଅପାରଗ ବୁଢ଼ୀମା ଆହୁରି ସାନ ଦେଖାଗଲା ।

ଜୀବନ ଜୀବିକା ପାଇଁ ଟିକିରା ତାଡ଼ି ଦେଇଥିବା ଅପରାଧରେ ତା' ମା'କୁ ସାପ କାମୁଡ଼ିଲା, ସେଇ ରାଗରେ ବାପୁ ସାପକୁ ମାରିଦେଲା । ସେହି ରାଗରେ ନାଗୁଣୀ ସୁଯୋଗକୁ ଜଗି ବସିଥିଲା । କେତେଥର ଘର ବାହାରରେ ଘୂରି ବୁଉଥିବା ସାପଟା ହୁଏତ ଏଇ ସୁଯୋଗ ଅପେକ୍ଷାରେ ଥିଲା । ବାପୁ କିଛି ଶୁଣିଲାନି- ଧେତ୍ ଏସବୁ ଫାଲ୍ତୁ କଥା । ଛାର ସାପଟାର ପୁଣି କି ପ୍ରତିଶୋଧପଣିଆ । ବାପ ବୁଝି ପାରିଲା ନି ପୁମ୍ପୁଡ଼ଫିଟିଏ ହେଲେ ବି ତା'ର ରାଗ ଅଛି । ପ୍ରତିଶୋଧ ନେବାର କ୍ଷମତା ରହିଛି । ସୁଯୋଗ ଖୋଜେ, ପାଇଗଲେ ଛାଡ଼େନି । ନାଗୁଣୀ ଛାଡ଼ନ୍ତା କେମିତି ! ଯେମିତି ସିଏ ବି ଆଉ ବଞ୍ଚିବାକୁ ଚାହୁଁ ନଥିଲା, କେବଳ ମାରିବା ପାଇଁ, ପ୍ରତିଶୋଧ ନେବା ପାଇଁ ବଞ୍ଚିଥିଲା । ସିଏ ବି ଚୋଟମାରି ନିଜେ ଆତତାୟୀ ଭଳି ପଳେଇଯାଇ ନଥିଲା, ସେଇଠି ପଡ଼ିଥିଲା ହଲଚଲ୍ ନହେଇ । ଯେମିତି କହୁଥିଲା, ଆସ କିଏ ମାରିବା କଥା ମାର । ମରିବା ପାଇଁ ଡର ନାଇଁ, ବିଷ ଜ୍ୱାଳାରେ ଟଳମଳ ବାପା ଟାଙ୍ଗିଆ ଚୋଟରେ ଦି'ଗଡ଼ କରିଦେଲା, ଯେମିତି ତୋର ନାଇଁ କି ମୋର ନାଇଁ ।

ଆଜି ପୁଣି ତାକୁ ଏକ ପରୀକ୍ଷା ଦେବାକୁ ହେବ । ଜୀବନକୁ ନେଇ ପ୍ରତିଜ୍ଞାପୂରଣ ପାଇଁ ତାରି ପଥକୁ ଚାହିଁଥିବା ତିନି ଯୋଡ଼ା ଆଖିରୁ ଲୁହ ପୋଛିବା ପାଇଁ ତାକୁ ବଞ୍ଚିବାକୁ ହେବ, ସୁରକ୍ଷିତ ଫେରିବାକୁ ପଡ଼ିବ । ଯେମିତି ଦିନେ ପାଠପଢ଼ା ଛାଡ଼ି ବହୁ ସଂଘର୍ଷ କରି ଏଇ ଜାଗାକୁ ଚାଲି ଆସିଥିଲା ।

ନିଜ ଖୁସିପାଇଁ ନୁହେଁ, ସେଇମାନଙ୍କ ପାଇଁ । ସୁକୁମାରୀ ସ୍ୱୟଂସିଦ୍ଧା ଦୃଢ଼ମନା, ମନକୁ ଆହୁରି ଦୃଢ଼ କଲା ।

ଚେନାଇରୁ ଓଡ଼ିଶା ଦୁଇହଜାର କିଲୋମିଟର ରାସ୍ତାର ବ୍ୟବଧାନ ତା'ଆଖି ଆଗରେ ଗୋଟିଏ ସୀମାରେଖାରୁ ଆଉ ଏକ ସୀମା ପର୍ଯ୍ୟନ୍ତ ନକ୍ସାର ସୂକ୍ଷ୍ମ ଗାରଟିଏ ପରି ଝଲସି ଉଠିଲା । ରାସ୍ତାରେ ଅନେକ ଆଶାୟୀ ସ୍ୱାମୀ-ସ୍ତ୍ରୀ, ପୁଅ-ଝିଅ, ବୁଢ଼ା-ବୁଢ଼ୀ, ବାପ-ପୁଅ, ମାଆ-ଛୁଆ ସମସ୍ତଙ୍କ ଆଖିରେ ଗୋଟିଏ ନିଶା, ଆଶା ଆଶଙ୍କାର ଭୟ ଆତଙ୍କ, ଦୁଃଖ, ଯନ୍ତ୍ରଣାକୁ ଆଡ଼େଇ ବନ୍ୟାପାଣିର ସ୍ରୋତ ପରି ପଦଯାତ୍ରୀର ସୁଅ । ସମସ୍ତଙ୍କର ଗୋଟିଏ ଗୋଟିଏ ଲକ୍ଷ୍ୟ । ରାସ୍ତାରେ ଅବଶ୍ୟ ସ୍ଥାନେ ସ୍ଥାନେ ଦାତବ୍ୟ ସଂସ୍ଥା, ବାଦାନ୍ୟ ବ୍ୟକ୍ତି ହୀତାକାଂଙ୍କୀ ଧର୍ମପରାୟଣମାନଙ୍କର ଅସହାୟ ଉପାୟହୀନ ଯାତ୍ରୀମାନଙ୍କୁ ସାମୟିକ ଖାଦ୍ୟପାନୀୟ ଯୋଗାଣ ପାଇଁ ଉଦ୍ୟମ ଜାରି ରହିଥିଲା ।

ରାତି ପରେ ଦିନ ପୁଣି ଦିନ ପରେ ରାତି, ରାତିର ଘନ ଅନ୍ଧାରକୁ, ସୂର୍ଯ୍ୟର ତୀର୍ଯ୍ୟକ କିରଣକୁ ଅପେକ୍ଷା ନକରି ସାଏଁ ସାଏଁ ଚର ଚର ହେଇ ଚକଚାଲିଛି, ଅଖଚାଲିଛି, ଚାଲିଛି ବି ଅନେକ ମୁକୁଳା ହୁଗୁଳା ପାଦ । ସୁକୁମାରୀ ଲକ୍ଷ୍ୟ କଲା, ତା'ପରି ଆଉ କେହି ଝିଅ କି ପୁଅ ସାଇକେଲ ବାଲା ତା'ପାଇଁ ଅଟକି ନାହାଁନ୍ତି, କେବଳ ବୁଢ଼ାବୁଢ଼ୀ, ପାଦଚଲା, ସାନସାନ ପିଲା । ମା'ଛାତିକୁ ଅଶ୍ରାକରି ଜଳଜଳହେଇ ଚାହିଁଥିବା ଭୋକ ବିକଳରେ ଶୁଭିଯାଉଥିବା, କଅଁଳା କାଁ କାଁ ରାହା । ସୁକୁମାରୀର ମନରେ ଦୟା ଆସିଲା, ସାଇକେଲ ଯାତ୍ରା ଯେତିକି ସହଜ ପାଦଚଲା ସେତିକି କଷ୍ଟ । ସାଇକେଲରୁ ଓହ୍ଲେଇ ଗଡ଼େଇ ଗଡ଼େଇ ସେଇମାନଙ୍କ ସହିତ ସାମିଲ ହେଲା । ପଚାରି ବୁଝିଲା, ସେମାନଙ୍କ ଘରଦ୍ୱାର, ପିଲାଛୁଆଙ୍କ କଥା ଗାଁ ସାଇଭାଇଙ୍କ ଭଲମନ୍ଦ ଏମିତି ସୁଖ କମ୍ ଦୁଃଖ ଅନେକ । ଦୁଃଖ ସହିତ ସାଲିସ କରିଆସିଥିବା ସୁକୁମାରୀକୁ ଦୁଃଖୀ ମଣିଷମାନେ ଆପଣାର ଲାଗିଲେ । ଚାଲିପାରୁନଥିବା ପାଦରେ ଫୋଟକା ହେଇଥିବା ଶିଶୁଟାକୁ ତା' ମା' ହାତରୁ ଟେକି ଆଣି ସାଇକେଲ କେରିଅରରେ ବସେଇଦେଲା ।

ଚାହିଁଥିଲେ ସୁକୁମାରୀ ତା' ବାଟରେ ଚାଲିଯାଇପାରିଥାନ୍ତା । ତେତେସମୟ ଧରି ସାଥୀ ହେଇଥିବା ଅନ୍ୟ ସହଯାତ୍ରୀମାନଙ୍କୁ ଉତ୍ସାହିତ କରିଥିଲା, ଆସ ଆସ ଶୀଘ୍ର ଶୀଘ୍ର ଚାଲିବାକୁ ଚେଷ୍ଟାକର । ଜଣେ ପଚାରିଲା, ଆଗକୁ ଆହୁରି କେତେ ରାସ୍ତା! ସୁକୁମାରୀ ଚୁପ୍ ରହିଲା, ହୁଏତ ଏହାର ଉତ୍ତର ତାକୁ ସଠିକ୍ ଭାବେ ଜଣାନଥିଲା । ଏଭଳି ଦୀର୍ଘତମ ରାସ୍ତାର ଅନ୍ତଃ କେଉଁଠି । ଭାବିଲା, କେମିତି ଏ ବୁଢ଼ାବୁଢ଼ୀ, ସାନସାନ ପିଲାଗୁଡ଼ାଙ୍କୁ ଛାଡ଼ିଦେଇ ତା' ସୁବିଧାରେ ଚାଲିଯିବ ।

ଆତ୍ମବିଶ୍ୱାସ ଓ ଆନ୍ତରିକତାରେ ଏମିତି ଶକ୍ତି ଥାଏ ଯେ ଯାହାକୁ ଦକ୍ଷତାର ମାପକାଠିରେ ମାପି ହୁଏନି । କରୋନାର କୁକୁଆ ଭୟକୁ ବେଖାତିର କରି ଆଗେଇବାର ଉତ୍ସାହକୁ ସୁକୁମାରୀ ଭଳି ପରୋପକାରୀ ଝିଅଟିକୁ ଦଳର ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ମା'ବୋଲି ସମ୍ବୋଧନ କଲେ । ପୁରୁଷଙ୍କଠାରୁ ମହିଳାମାନେ ପରନିର୍ଭରଶୀଳ, କିନ୍ତୁ ଯେ କେହି ମା'ର ଦକ୍ଷତା ଯଥେଷ୍ଟ ଅଧିକ । ବେଳକୁବେଳେ ଦଳର ଦକ୍ଷତା କ୍ଷୀଣ ହେବାରେ ଲାଗିଛି । ଆଗକୁ ଅଗ୍ରସର ହେବା ଦୁଃସାଧବୋଧ ହେଉଛି ଠିକ୍

ଯୁଦ୍ଧକ୍ଷେତ୍ରରେ ଯୁଝିଯୁଝି ଥକିପଡିଥିବା ସୈନିକମାନଙ୍କ ପରି । ସୁକୁମାରୀ ଅଧିନାୟକ ସାଜି ଆଗକୁ ଆଗକୁ ବଢ଼ିବାର ଉତ୍ସାହ ହେବାରେ ଲାଗିଛି । ମଝିରେ ମଝିରେ ରାସ୍ତାପାଖରେ ଫଳକ ପଢ଼ି ଘୋଷଣା କରୁଛି, କାକିନାଡ଼ାରୁ ବିଶାଖାପଟନମ୍ ୧୫୩ କି.ମି. । ସେଠାରୁ ଶୁଣିଛି ସିକାକୁଲାମ, ପଲାସା ପରେ ଆମରାଜ୍ୟ ଓଡ଼ିଶାର ବ୍ରହ୍ମପୁର, ତା'ପରେ ଆଉ କିଛି ଡରନାହିଁ । ମାଇଲିଏ ଚାଲିବାଭଳି ବଳ ନଥିବା ଦେହରେ ମନର କି ପ୍ରଭାବ ପକେଇପାରେ । ମନ ଯେତେ ଆଗୁଆହେଲେ ବି ଗୋଡ଼ ଆଗେଇପାରିଲେ ହେଲା ।

ସେଦିନ ଯାତ୍ରା ଅତ୍ୟନ୍ତ ଦୁର୍ବାର, ଦୁର୍ଗମ ବୋଧ ହେଉଥିଲା । ସେମିତି କେହି ବଦାନ୍ୟ ବ୍ୟକ୍ତି କିମ୍ବା ଦାତବ୍ୟ ସଂସ୍ଥାର ଦର୍ଶନ ମିଳିନଥିଲା । ହିମତ୍ ନହରେଇ ସୁକୁମାରୀ ଧାଇଁଯାଇ ରାସ୍ତାପାଖ ସାଇ ଗଳିରୁ କିଛି କିଛି ଖାଦ୍ୟ ପାନୀୟ ଯୋଗାଡ଼ କରିବାରେ ସଫଳ ହେଲା । ଏହି କେତେଦିନ ଯାତ୍ରା ଭିତରେ ସୁକୁମାରୀ ଯେ ଜଣେ ପୋଖତ ନେତ୍ରୀଟିଏ ଭଳି ବାଟ କଢ଼େଇ ନେଉଥିଲା । ଏତେ କମ୍ ବୟସର ଝିଅଟିର ବୁଦ୍ଧି ବିବେକକୁ ସେମାନେ ପ୍ରଶଂସା କରୁଥିଲେ । ଯେମିତି ଗୋଟେ ୧୬ ଚକିଆ ଗାଡ଼ିର ହେଭି ଡ୍ରାଇଭର ସୁକୁମାରୀ, ମାଲପତ୍ର ବୋହି ଚାଲିଥିବା ଗାଡ଼ିର କେଉଁ ଚକଅଖ ଖରାପ ହେଲେ, ଅଏଲିଂ ଗିରିସିଂ କଲାପରି ପାଦରେ ମଲମ ମାରି ଗଜକନା ଗୁଡ଼େଇ ବେଣ୍ଡେଜ କରିଦେଇଛି ବାକିତକ ରାସ୍ତା ଚାଲିବାରେ ସକ୍ଷମ ହେବାପାଇଁ ।

କେତେଥର ସହଯାତ୍ରୀମାନେ ଆର୍ଶୀବାଦ ଢଙ୍ଗରେ କୃତଜ୍ଞତା ଜଣେଇ କହିଲେଣି 'ତୁ ଏବେ ମା' ତୋ ବାଟରେ ଆଗେଇ ଯାଅ । ଅନେକ ବାଟ କଢ଼େଇ ଆଣିଲୁ ଆମକୁ ଆଉ ଅସୁବିଧା ହେବନି ।' ସୁକୁମାରୀ ହସିହସି ସଫା କହିଦେଲା, 'କାହିଁକି ଆଉ କେତେବାଟ ହେଲେ ତମମାନଙ୍କ ରାସ୍ତା ଅଲଗା ହେଇଯିବ । ଯିବାର ଯଦି ଥାଆନ୍ତା ବହୁ ଆଗରୁ ଚାଲିଯାଇ ପାରିଥାନ୍ତି । ବୋଧେ ତୁମାନଙ୍କର ଆତ୍ମୀୟତା, ବନ୍ଧୁତ୍ୱ ମୋତେ ତୁମ ସହିତ ବାନ୍ଧି ରଖିଛି । ମୁଁ ଗୋଟେ ସମୟର ସ୍ରୋତରେ ଭାସିଭାସି ଚାଲିବା ଭଳି ମନେ ହେଉଛି । ଏଭଳି ଅନୁଭବ କେଉଁଠୁ ମିଳନ୍ତା ।'

ସେମାନଙ୍କ ବାଟ ଅଲଗା ହେବା ପାଇଁ ଆଉ ଅଳ୍ପ ସମୟ, ଜଣେ ବୃଦ୍ଧ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଲେ । ଦେହରେ ଜ୍ୱର, ପେଟରେ କ୍ଷୁଧା, ପାଦ ଦି'ଟା ଅଚଳ । ଦେହରେ ହାତମାରି ସୁକୁମାରୀ ଚମକି ପଡ଼ିଲା, 'ଏଇଟି ଅଟକିଯିବା ସମସ୍ତେ 'ଦୂରରୁ ଦେଖିପାରୁଥିଲା, ଗୋଟିଏ ଛୋଟିଆ ସହର । ସାଇକେଲ ପଛରେ ବସେଇ ଧୀରେଧୀରେ ଚାଲିଲା । ଡାକ୍ତରଖାନା ପାଇବାକୁ କିଛି ଅସୁବିଧା ହେଲାନି । ସ୍ୱଚ୍ଛାସେବୀମାନେ ସହାୟତା କଲେ ଖାଇବା ପିଇବା ଔଷଧପତ୍ର ପର୍ଯ୍ୟନ୍ତ । ସୁକୁମାରୀ ଆଶ୍ୱସ୍ତ ହେଲା । ବୃଦ୍ଧଙ୍କର ଚାଲିବା କ୍ଷମତା ଆସିଯିବା ମାତ୍ରେ ପୁଣି ଯାତ୍ରା ଆରମ୍ଭ ହେଲା ।

ରାସ୍ତା ଅଲଗାହେବାକୁ ଅଳ୍ପ ରାସ୍ତା ଥାଏ ସେମାନେ ସୁକୁମାରୀକୁ ଆଶୀର୍ବାଦ ଦେଲେ, ବିଦାୟ ବେଳାରେ କୋଳାକୋଳି, ଏତେ ଆନ୍ତରିକତା, ଅନେକ ଦିନର ବନ୍ଧୁତା ପରି । ସିଏ ବି ନନା, ଦିଦି, ଅପା,ମଉସା ମାଉସୀ ବୋଲି ସମ୍ବୋଧନ କରି ବିଦାୟ ନେଲା ଇଚ୍ଛା ନଥାଇ । ସେମାନେ ଏକଲୟରେ

ସେମିତି ଅନେଇଥିଲେ । ସୁକୁମାରୀର ସାଇକେଲ ସାଏଁ ସାଏଁ କରି ଆଗେଇ ଯିବା ଭିତରେ ସେ ବାରମ୍ବାର ମୁହଁ ବଙ୍କେଇ, ହାତ ହଲେଇ ଶୁଭେଚ୍ଛା ଜଣେଇ ଚାଲିଥିଲା ।

ଅଳ୍ପ କିଛି ଘଣ୍ଟା ପରେ ଯେ ଯାହାର ଘରେ ପହଞ୍ଚି ଶାନ୍ତିରେ ନିଃଶ୍ୱାସ ମାରିଲେ । ପରଦିନ ଟିଭିର ଏକ ଖବର ପ୍ରସାରକୁ ଦେଖି ସମସ୍ତେ ଚମକି ପଡ଼ିଲେ । ସମସ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ, କିଏ ଇଏ! ଦୁର୍ବୃତ୍ତମାନେ ରାସ୍ତାରୁ ଟେକିନେଇ ଧର୍ଷଣ କଲେ, ଗଣ ଦୁଷ୍କର୍ମ ପରେ ତଣ୍ଟିଚିପି ଜାତୀୟ ରାଜରାସ୍ତା କଡ଼ ନୟନଯୋରୀରେ ଫୋପାଡ଼ି ଦେଲେ । ପରିଚୟ ମିଳି ନଥିବା ଝିଅଟିର ବୟସ ଅତି ବେଶିରେ ଷୋହଳ କି ସତର ହେବ । କିଛି ଦୂରରେ ନାଲି ରଙ୍ଗର ସାଇକେଲଟିଏ ପଡ଼ିଛି, ଦେହରେ ଖଣ୍ଡେହେଲେ ବସ୍ତ୍ର ନାହିଁ ।

ବୃଦ୍ଧ ରାମାନନ୍ଦ ପରିଡ଼ାଙ୍କର ମନେ ପଡ଼ିଗଲା, ସେଦିନର କଥା । ଜରରେ ଥରିଥରି ସେଇଟି ଜୀବନ ଚାଲିଯାଇଥାନ୍ତା । ଏହି ଝିଅଟିର ଦୁର୍ବାର ସାହାସ, ହୁଏତ ତାରି ପାଇଁ ସେ ଆଜି ବଞ୍ଚିଛି । ପଦଯାତ୍ରୀ ବାଇଧର, ବୃନ୍ଦାବତୀ, ସତୀ ଯେଉଁମାନେ ସୁକୁମାରୀକୁ ଆପଣାର କରିନେଇଥିଲେ, ସେମାନେ ଏକତ୍ର ହେଲେ ଟିଭି ପାଖରେ । ନିଶ୍ଚିତ ହେଲେ, ସୁକୁମାରୀ ଛଡ଼ା ଇଏ ଆଉ କେହିନୁହେଁ । ସେହିଭଳି ସାଇକେଲ, ବସୟସର ବି ସାମଂଜସ୍ୟ ରହୁଛି । ନିଜ ମାଟି, ନିଜ ରାଜ୍ୟ ନିଜ ଗାଁ'ରେ ବି ନିଜେ ସୁରକ୍ଷିତ ହୋଇପାରିଲାନି ବିଚାରୀ । ପାଟିରେ ହା-ହା ଚୁ ଚୁ ଭାବ ଆଖିରେ ଭରା ଲୁହ ।

ଏଣେ ମଣିଷ ନିଜ ଜୀବନକୁ ନେଇ ଡହଳ ବିକଳ । ତେଣେ  ଅମଣିଷମାନେ  କାମନା ଲାଳସା ଚରିତାର୍ଥରେ ପାଗଳ । ସତୀ କହିଲା- ଭୁଲ ହେଇଗଲା, ତାକୁ ଆମ ଘରକୁ ଡାକି ଆଣିଥିଲେ ଭଲ ହେଇଥାନ୍ତା । ଅନ୍ୟମାନେ ଦୀର୍ଘ ଯାତ୍ରାପଥରେ ତା'ର ଅପାର ସହଯୋଗକୁ ସ୍ମରଣ କରି ଦୁଃଖିତ ହେଲେ । ହାଏ ଭଗବାନ! ଏଭଳି ଝିଅକୁ ଏମିତି ଦଣ୍ଡ ଭୋଗିବାର ଥିଲା । ସମସ୍ତଙ୍କ ଆଖିରେ ଲୁହ, ଅନ୍ୟକୁ ରାସ୍ତା ଦେଖେଇ ନିଜେ ଅନ୍ଧାରରେ ବାଟବଣା ହେଇଗଲା । ସମସ୍ତଙ୍କର ରନ୍ଧାବଢ଼ା ଖାଇବା ପିଇବା ବନ୍ଦ । ଏତେବଡ଼ ଦୁଃସମ୍ବାଦ କିଏ ବା ସହିପାରେ ।

ସତୀର ଫୋନ୍ ରିଙ୍ଗ ହେଲା, ଫୋନ୍ ଉଠାଇବା ମାତ୍ରେ ସେପଟରୁ ଲଳିତ କଣ୍ଠରେ ଭାସିଆସିଲା, 'ନାନୀ, ମୁଁ ସୁକୁମାରୀ କହୁଛି, ଏବେ ଏବେ ଘରେ ପହଞ୍ଚିଲି, ତମମାନଙ୍କ ଆଶୀର୍ବାଦରୁ କିଛି ଅସୁବିଧା ହେଇନି ।'

ଅନ୍ୟମାନେ ପଚାରିଲେ, କିଏ କିଏ! ସତୀର ଦୁଇ ଆଖିରେ ଲୁହଧାର, ଓଠରେ ହସର ଫୁଆର । ପାଟିରୁ ବାହାରି ପଡ଼ିଲା, ନା ନା ଧର୍ମ କେବେ ମରିନାହିଁ ।

ଦଦ

ଚନ୍ଦ୍ରମୋହନ ମହାପାତ୍ର, ସୋର, ବାଲେଶ୍ୱର । ପ୍ରବନ୍ଧ, ଗଳ୍ପ ଏବଂ କବିତା ରଚନାରେ ସ୍ୱତନ୍ତ୍ର ରୁଚି । ପ୍ରକାଶିତ ଗଳ୍ପପୁସ୍ତକ:'ସତରର ସତ ଗଳ୍ପ', 'ସ୍ୱଦେଶିନୀ' ଓ 'ସସେମିରା', ଉପନ୍ୟାସ: 'ବିନ୍ଦୁ ବିସର୍ଗ' ଓ ଐତିହାସିକ ଗବେଷଣା ପୁସ୍ତକ: 'ସୋରର ସାଂସ୍କୃତିକ ଇତିହାସ' ପ୍ରଭୃତି ପ୍ରକାଶିତ । 'ଶଂଖବେଳା' ସାହିତ୍ୟ ପତ୍ରିକାର ସଂପାଦକ ।

# Parashurama Temple, Bhubaneswar, Odisha

## Ashok Misra, Leena Appicatlaa


This beautiful temple of Parashurameswara is dedicated to a form of Lord Shiva. Located in Bhubaneswar, the capital city of Odisha, it is one of the oldest temples in India, built around 650-750 CE. Walking down Kedar Gouri road, in Old town, along a little lane lined by trees and quaint old buildings made of red sandstone, one comes across this temple, near a banyan tree and the ubiquitous paan shops which line virtually every street in Odisha.

A remarkably well-preserved temple, courtesy the ASI (Archeological Survey of India), one can see the typical Kalinga style of architecture here. This is an original style of architecture unique to this region. The roof of the hall is flat and is called Jagamohan, the hall of worshippers. It is said that this was the first temple in this era, to have this hall. The Jagamohan is attached to a Deula, which is like a chariot, about 40 feet high. Another interesting sculpture of the temple is that of the Saptamatrikas, the seven goddesses of Hinduism. So, we see Vaishnavi, Brahmani, Indrani, Maheswari, Chamunda among others, which denote Shakti worship prevalent in this region.

The temples itself is a compact structure made of red sandstone, interspersed with dark patches, a play of colors of human civilization. Ages and ages of life seem to have been etched on its walls, with delicate floral motifs by skilled Odia craftsmen. The entrance to the temple has a low roof, perhaps to make one bow before entering the Jagamohan. The legend behind this temple is also interesting. It is essentially a Shiva temple, but of his Parashurameswara form.

Parashurama the sixth avatar of Lord Vishnu was always hot headed and much more so, after his possessions were snatched away by the reigning monarch. Carrying his Parashu, with matted hair and a face burning with rage, Parashurama marched across the world, determined to restore balance in the universe. Born as the son of the sage Jamadagni, Parashuram was known for his power, his might, and his tremendous self-respect.









A warrior of his might still needed Divine grace and protection. It was only expected that he worshipped Lord Shiva, the ultimate ascetic God, for days and eons. With the river Ganga flowing from his knotted locks and his blue throat colored by the deadly poison he had once swallowed; residing in the mysterious Mount Kailash, Lord Shiva was the only one who could give Parashurama his much-needed succor and grace. Lord Shiva was pleased with Parashurama and appeared to him as Parashurameswara, which essentially translates into, 'The Lord of Parashurama.'

Stay a little longer at this temple, in the early morning or late evening. The shadows grow deeper and slowly one is no longer aware of time. As the shadows play on the sandstone, feels as if it is the 7th century. Is it that time has stopped or is it that we have taken a step back into time?

∞∞

Photos: Ashok Misra is employed as a security engineer in Microsoft Corporation in Redmond, Washington, USA. He is a specialist in cryptocurrency payments and ecommerce. He is a passionate photographer as well. His obsession with photography finds an outlet when he visits his hometown in Bhubaneswar, Odisha.

Article: Dr Leena Appicatlaa has an avid interest in ancient monuments. She enjoys visiting old temples and forts and understanding their history. Legends of Indian temples have always been an area of interest. She is a doctor based in Bangalore and heads a Pan India network of Clinical laboratories for HCG hospitals.

# No destination to reach

**Nilamadhab Kar**

Now that you are not here with me anymore
You make me complete
I am filled with the emptiness
That adds so much meaning to life

I realize all that surrounds me
Does not make any sense
As the fallen leaves gather, and
Beats missed in heart, I search for signs
That I exist, between those
Forgotten breaths

I don't hold on to the time,
As it really doesn't move,
The chasm so vast and covered in mist
There is no shore in sight,
I just enjoy floating away, as
There is no destination to reach

∞∞

Dr Nilamadhab Kar writes about the contrasts in human understandings in relationships, expressing mostly through poems. His literarary activities include editing journals and translating works of Odia to English and vice versa. He has three poetry anthologies; his literary articles have been published in magazines and anthologies in USA, UK, and India. He is a psychiatrist by profession.

# ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ

# Srujan : The Creativity Journal

### Information about the journal

**ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [**The Srujan: The Creativity Journal (SCJ)] is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs.
It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

### Articles

Articles of creative writing (poems, stories, paintings, sculpting, dance, photographs, and other art forms etc.) related to Odisha are included in this International Journal.
It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted.
Articles from authors connected to Odisha and writing in other languages are also welcome.
Journal also encourages readers to suggest a good piece of creative writing or art of an author or creator to be included in this journal.

---

### Instruction to authors

---

### Type of articles

**Poems:** please submit two to three poems at a time. Each poem should not be more than 40 lines.
**Stories:** only one story at a time
**Painting:** One or more paintings can be presented, along with a write up about the paintings, title, and theme, method of painting or about the painter. High quality JPEG files are needed.
**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.
**Photographs of dance / Dancer / with explanations**
**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

**Publication Ethics:**
It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

**Submission of articles**
**Articles are submitted by email**. srujan.journal@gmail.com
Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

**Selection process:**
Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not be processed further. Please check for spelling mistakes, typographical issues before submission. Editors' decisions are final.

**Copyright:**
Authors retain the copyright. The articles are published under suitable CreativeCommons License. Authors can submit their articles published in the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

**Preparation of the manuscript**

Articles should be prepared in MS Word, any editable Font (Unicode font, e.g Kalinga)
Check spellings,
Avoid objectionable content
Save the file in **your name and the type of article** (e.g. Ramnath Lenka - Poem)

**Please provide these details**
**Page 1**
Author name*
Address: Current place of residence, State/Country*
Author biography (around 50 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person.
Email*
Phone (*not to be published*)
Author photo: stamp size or small passport size (*may not to be published*)
Optional information -The details previous publication of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
**Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.**

**Page 2 onwards:**
Title of the article
Your name
Content of the article
Photographs for articles (paintings, photographs, sculptures etc.) should be given in high resolution JPEG files separately. File name should have the name of the author/contributor.

---

For further information please contact
Srujan Editorial Board: srujan.journal@gmail.com
Quality of Life Research and Development Foundation (QoLReF), India: qolref@gmail.com
The Institute of Insight, UK: theinstituteofinsight@gmail.com

ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ

**Srujan : The Creativity Journal**

**Invitation for articles**

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for *an international readership*; with an aim of propagating, promoting Odia literature and creativity worldwide.

Articles ('poem, short story, art, and other creative forms') are invited for the **Srujan: The Creativity Journal**. Please send your selected articles only. Submit one article at a time; for poems you can send up to 3 small poems. Do not send essays and critiques.

This is **a multi-lingual** journal accepting creative articles of translations from and to Odia from different languages; along with article from Odia people writing in other languages.

The journal will consider pre-published articles as well (you may have to acquire permission from the original publishers if they have such condition).

Selection of all the submitted articles is done by a peer group, ***except the invited ones***.

**ସୃଜନ ପାଇଁ ଲେଖା ପଠାନ୍ତୁ**

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା, ଗପ, ଚିତ୍ରକଳା, ଆଲୋକଚିତ୍ର ଓ ଅନ୍ୟ ସୃଜନଶୀଳ ଲେଖା ପଠାଇ ପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ପର୍ଯ୍ୟନ୍ତ ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ପୂର୍ବ ପ୍ରକାଶିତ ଲେଖାବି ପଠାଇ ପାରିବେ, ଯଦି ସେସବୁର ପୁନଃ ପ୍ରକାଶନ ପାଇଁ ଆପଣଙ୍କ ପାଖରେ ଅନୁମତି ଥାଏ ।

ଆମନ୍ତ୍ରିତ ଲେଖାକୁ ଛାଡିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-ଲେଖିକା ମଣ୍ଡଳୀଦ୍ୱାରା କରାଯାଏ ।

Please refer to the ‘Instruction to authors’ for more information about submission. All the articles should be submitted in Word file, (preferably Kalinga font for Odia), author’s photo, address (place and state/country), bio in 50 words, email are essential. Submit to the email below.

The article should be the authors’ own creation. Authors will remain responsible for any conflicts about their submission. Editorial board or the publishers will not have any liability.

Looking forward to your submissions.

Editorial Team,
Srujan: the creativity Journal
srujan.journal@gmail.com

ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ . ଲେଖାସବୁ Word ଫାଇଲରେ, (ଓଡିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ, ୟୁନିକୋଡ ଅଧିକ ବାଞ୍ଛନୀୟ), ନିଜର ଫୋଟୋ, ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ପଚାଶ ଶବ୍ଦ, ଇମେଲ, ପଠାଇବା ନିହାତି ଦରକାର । ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲକୁ ପଠାନ୍ତୁ ।

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ । ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲଂଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ ।

**ଆପଣଙ୍କ ଲେଖା ପଠାଇବା ପାଇଁ ଅଶେଷ ଧନ୍ୟବାଦ ।**

**ସମ୍ପାଦନା ମଣ୍ଡଳୀ**
**ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ**
srujan.journal@gmail.com

The Institute of Insight, UK

[A non-profit organisation]

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with Quality of Life Research and Development Foundation (QoLReF) and Geriatric Care and Research organisation (GeriCaRe) which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.